


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-87 ◆SATURDAY ◆20 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୭ ◆ଶନିବାର ◆୨୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ସାର ତାତି: ବିଧାନସଭା ଅଚଳ

## ଆଲୋଚନା ଦାବିରେ ଅଡ଼ି ବସିଲା ବିଜେଡି, ଗୃହ ଚାଲିଲା ମାତ୍ର ୮ ମିନିଟ

## ଗୃହ ଭିତରେ ପ୍ଲାକାର୍ଡ, ମୋହନ ସରକାର ହାଏ ହାଏ ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ଉତ୍କଟ ସାର ଅଭାବକୁ ନେଇ ଚାଷୀ ସନ୍ତୁଳି ହେଉଛି। ମାତ୍ର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନିରବ। ଏପରି ଏକ ସ୍ପର୍ଶକାତର ଘଟଣାକୁ ନେଇ ବିଧାନସଭାରେ ଗର୍ଜିଛି ବିଜେଡି। ସାର ଅଭାବ ପ୍ରସଙ୍ଗରେ ଶୁକ୍ରବାର ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଛନ୍ତି। ଚାଷୀଙ୍କର ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନକାଳ ବାତିଲ କରି ଆଲୋଚନା କରିବାକୁ ବିଜେଡି ବିଧାୟକମାନେ ଅଡ଼ି ବସିଛନ୍ତି। ବିଜେଡିର ପ୍ରବଳ ପ୍ରତିବାଦ, ନାରାବାଜି କାରଣରୁ ପୂରା ଦିବସର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୪ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ଅର୍ଥାତ ସାରା ଦିନ ମୋଟ ୮ ମିନିଟ ଗୃହ ଚାଲିପାରିଛି। ଫଳରେ ବାଚସ୍ପତି ଆସନ୍ତା କାଲି ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସାରା ପ୍ରସଙ୍ଗରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ ଆଦି ନାରାରେ ▶ପୃଷ୍ଠା-୭




### କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

■ **ଭୁବନେଶ୍ୱର, ୧୯।୯ (ସମିସ):** କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ ୫ କଂଗ୍ରେସ ବିଧାୟକଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି ବିଜେପି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଏହାକୁ ବାଚସ୍ପତି ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଏନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି, ଯାହାକି ଗୃହର ଗରିମା ▶ପୃଷ୍ଠା-୭

## ସରକାରଙ୍କ ପାଖରେ ନାହିଁ ଛାତ୍ରୀ ନିର୍ଯାତନା ତଥ୍ୟ !

**ସ୍କୁଲରେ ୩୨ ଓ ବିଶ୍ୱବିଦ୍ୟାଳୟର ୨୦ ଛାତ୍ରୀ ନିର୍ଯାତନାର ଶିକାର**

**'ଉତ୍କଳ' ରେ ସର୍ବାଧିକ ୭ ଓ ରେଭେନ୍ସାରେ ୬ ମାମଲା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ବଢ଼ୁଛି। ଅଧ୍ୟାପକଙ୍କ ନାମରେ ଛାତ୍ରୀମାନଙ୍କୁ ଅସଦାଚରଣ ଓ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ପରେ ମଧ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନାହାନ୍ତି। ଏସବୁ ପରେ ମଧ୍ୟ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ନିର୍ଯାତନା ତଥ୍ୟ ସରକାରଙ୍କ ପାଖରେ ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୨ ଜୁନ୍ ୨୦୨୪ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ୨୦ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଶୁକ୍ରବାର ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। ରାଜ୍ୟର ପ୍ରମୁଖ ଓ ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରୁ ସର୍ବାଧିକ ୭ଟି ଅଭିଯୋଗ ଆସିଛି। ତନ୍ମଧ୍ୟରୁ ୬ଟି ମାମଲାର ସମାଧାନ ▶ପୃଷ୍ଠା-୭

## ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ଉଦ୍ଧାର

**୨୦ ହଜାର ଲୋକ ସ୍ଥାନାନ୍ତର**



■ **ବର୍ଲିନ, ୧୯।୯ (ଏଜେନ୍ସି):** ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ପୁଣି ଉଜାଗର ହୋଇ ଉଠିଛି। ଜର୍ମାନୀ ରାଜଧାନୀ ବର୍ଲିନରୁ ଗୁରୁବାର ସନ୍ଧ୍ୟାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ବଡ଼ ବୋମା ମିଳିଛି। କୌଣସି ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଣାସ୍ଥଳରୁ ୨୦ ହଜାର ଲୋକଙ୍କୁ ଖାଲି କରାଯାଇଛି। ବୋମା ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତ ସୁରକ୍ଷା ବଳୟ ସୃଷ୍ଟି କରି ଘର ଘରକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପୁଲିସ କହିଥିଲା। ପ୍ରଥମ ବୋମାଟି ସ୍ପ୍ରି ନଦୀ ନିକଟରୁ ମିଳିଥିଲା। ଏହି ଅଞ୍ଚଳରୁ ପାଖାପାଖି ୧୦ ହଜାର ଲୋକଙ୍କୁ ହଟାଯାଇଥିଲା। ଏହି ଅଞ୍ଚଳରେ କେତୋଟି ଦୂତାବାସ ଓ ସରକାରୀ କାର୍ଯ୍ୟାଳୟ ରହିଥିଲା। ସେହିପରି ୧୦୦ କେଜି ଓଜନର ଦ୍ୱିତୀୟ ବୋମାଟି ସ୍ପଣ୍ଡାଉ ଜିଲ୍ଲାରୁ ମିଳିଥିଲା। ଫଳରେ ଏହି ଅଞ୍ଚଳରୁ ୧୨, ୪୦୦ ଲୋକଙ୍କୁ ଖାଲି କରାଯାଇଥିଲା। ଦୁଇଟି ଯାକ ବୋମାକୁ ନିଷ୍କ୍ରିୟ କରାଯାଇଛି। ତେବେ ଏହି ଦୁଇଟି ବୋମା ସେଭଳି କୌଣସ ବଡ଼ ଧରଣର ବିପଦ ସୃଷ୍ଟି କରି ନ ଥିଲା। ଏଥିପାଇଁ ସୁରକ୍ଷା ଦାୟିତ୍ୱ ପୁଲିସକୁ ଦିଆଯାଇଥିଲା।

## ବିଶ୍ୱକର୍ମା ପୂଜାରୁ ଫେରୁଥିବା ନାବାଳିକାକୁ ଗଣଦୁଷ୍କର୍ମ

■ **ରାଉରକେଲା, ୧୯।୯ (ସମିସ):** ରାଉରକେଲାରେ ପୁଣି ଲଜ୍ଜା। ପୂଜା ଦେଖି ଫେରୁଥିବା ଜଣେ ନାବାଳିକାକୁ ବାଟ ମଝିରୁ ଟେକିନେଇ ଜଙ୍ଗଲରେ ଗଣଦୁଷ୍କର୍ମ। ୨ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।



କେ. ବଲାଙ୍ଗ ଅଞ୍ଚଳର ନାବାଳିକା ଜଣକ ଦୁଇ ସାଙ୍ଗଙ୍କ ସହ ବରସୁଆଁରୁ ବିଶ୍ୱକର୍ମା ପୂଜା ଦେଖି ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ବାଟ ମଝିରେ ଅଟକାଇ ଧମକଚମକ ଦେଇ ଭୟଭୀତ କରାଇଥିଲେ। ପରେ ନାବାଳିକାକୁ ନିକଟସ୍ଥ ଏକ ଜଙ୍ଗଲକୁ ଟେକି ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଅଭିଯୁକ୍ତମାନେ ସେଠାରୁ ପଳାଇବା ପରେ ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ଏନେଇ କେ.ବଲାଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା।

### 'କିଲର୍ ସ୍ୱାମୀ' ଦୀପକଙ୍କ ଅଡୁଆ ବଢ଼ିଲା

## ପ୍ରଥମ ପତ୍ନୀଙ୍କୁ ବି ହତ୍ୟା ଅଭିଯୋଗ

■ **ଭୁବନେଶ୍ୱର, ୧୯।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଗିରଫ ହୋଇଥିବା 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ରାଉତଙ୍କ ପାଇଁ ଅଡୁଆ ବଢ଼ିଛି। ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ରୋଜାଲିନ ରାଉତ ଆଜି ଖୁଣ୍ଟୁଣି ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ବଡ଼ ଭଉଣୀଙ୍କୁ ଭିଣୋଇ ଦୀପକ ହତ୍ୟା କରିଥିବା ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୯୪/୨୫ ରେ ହତ୍ୟା ମାମଲା ରୁଜୁ କରିଛି। ଦଫା ୩୦୨, ୪୯୮-ଏ, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ କରିଛି। କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି। ହତ୍ୟାର ପ୍ରମାଣ ମିଳିଲେ ▶ପୃଷ୍ଠା-୭



**ଖୁଣ୍ଟୁଣି ଥାନାରେ ହତ୍ୟା ମାମଲା ରୁଜୁ**

**ଡିଏସ୍‌ପି ପାହ୍ୟା ଅଧିକାରୀ କରିବେ ତଦନ୍ତ**

## ଚାଷୀଙ୍କୁ ବିଜେପିର ତାଚ୍ଛଲ୍ୟ; ଘେରିଲେ ବିରୋଧୀ

**ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି ସରକାର: ବିଜେଡି**

**ସାର ପାଇଁ ସାରାରାଜ୍ୟରେ ହାହାକାର ସ୍ଥିତି: କଂଗ୍ରେସ**

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ସାର ଅଭାବ ପାଇଁ ଚାଷୀ କାନ୍ଦୁଛି। ଚାଷବାସ ଛାଡ଼ି ଚାଷୀ ରାତିରାତି ପାକ୍ସ, ଲାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି। ସାର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ବଜାରରୁ ଏହାକୁ ଚାଷୀ ୮୦୦ରୁ ୧୦୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଏହାକୁ ପ୍ରତିବାଦ କରି ଅନେକସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ବିଜେପି ଚାଷୀଙ୍କ ଏହି ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ତାଚ୍ଛଲ୍ୟ କରିଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଧାନସଭା ବାହାରେ ଚାଷୀଙ୍କୁ ବିବାଦୀୟ ଓ ଅସମ୍ମାନଜନକ ଟିପ୍ପଣୀ ପ୍ରଦାନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ। ଯେଉଁମାନେ ଲାମ୍ପସ ଓ ପାକ୍ସ ଆଗରେ ସାର ପାଇଁ ଧାଡ଼ି ଲଗାଉଛନ୍ତି ସେମାନେ ନକଲି ଚାଷୀ। ବିରୋଧୀମାନେ ନକଲି ଚାଷୀଙ୍କୁ ଠିଆ କରାଇ ରାଜନୀତି କରୁଛନ୍ତି ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା ମନ୍ତବ୍ୟ ଦେଇଛନ୍ତି। ଯାହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସରକାର ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି। ଏହା ଚାଷୀଙ୍କ ପ୍ରତି ସରକାରଙ୍କ ନିର୍ଦ୍ଦୟତା ବୋଲି ଶ୍ରୀ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳକୁ ବାତିଲ୍ କରି ସାର ପ୍ରସଙ୍ଗରେ ୩ ଘଣ୍ଟା ଆଲୋଚନା ପାଇଁ ଦାବି କରିଥିଲା ବିଜେଡି। ମାତ୍ର ବାଚସ୍ପତି ବିଜେଡିର ଏହି ▶ପୃଷ୍ଠା-୭






**ପାରିବାରିକ କଳହ**

## ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

■ **ଛେଣ୍ଡିପଦା, ୧୯।୯ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ତୁବେ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ଦୁଇ ନାବାଳକ ପୁଅଙ୍କୁ ଖୋଦ୍ ବାପା ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ତୁବେ ଗାଁର କାଳୀଚରଣ ପ୍ରଧାନଙ୍କ ପୁଅ ନୀଳମାଧବ ପ୍ରଧାନ (୧୨) ଏବଂ ଜିଜ୍ଞାସୁ ପ୍ରଧାନ (୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ରେ କାଳୀଚରଣ ଦୁଇ ପୁଅଙ୍କୁ ସ୍କୁଲରୁ ନେଇ ବନ୍ତଳା ▶ପୃଷ୍ଠା-୭

## ୨୫ରେ ଲଘୁଚାପ

**ବର୍ଷାରେ ଭିଜିବ ଦଶହରା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଆସନ୍ତା ୨୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଲଘୁଚାପଟି ଅଧିକ ଘନୀଭୂତ ହେବା ଆଶଙ୍କା ଥିବାରୁ ଏଥର ଦଶହରା ବର୍ଷାଭିଜା ହୋଇପାରେ।

ଲଘୁଚାପ ନେଇ ଆଜି ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ବେଳେ ଏହାର ପ୍ରଭାବରେ ୨୫ରୁ ୩-୪ ଦିନ ବର୍ଷା ହେବାର ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖରେ ▶ପୃଷ୍ଠା-୭




## 'ଦୃଶ୍ୟମ୍' ଦେଖି ସାଙ୍ଗ ସହ ମିଶି ବାପାଙ୍କୁ ହତ୍ୟା



କାନପୁର, ୧୯।୯ (ଏଜେନ୍ସି): ଚଳଚ୍ଚିତ୍ର ସମାଜର ଦର୍ପଣ ସଦୃଶ୍ୟ। କିନ୍ତୁ ଏବେ ଏହି ଦର୍ପଣ ମଳିନ ହେବାରେ ଲାଗିଛି। ସମାଜରୁ କୁସଂସ୍କାର ଦୂରେଇବା ପରିବର୍ତ୍ତେ ହତ୍ୟା, ଅପରାଧ ଆଦିକୁ ପ୍ରୋତ୍ସାହନ ଦେଉଛି। ଉତ୍ତର ପ୍ରଦେଶ କାନପୁରର ଚନ୍ଦେଲ ନଗରରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅଭିନେତା ଅଜୟ ଦେବଗନଙ୍କ 'ଦୃଶ୍ୟମ' ଚଳଚ୍ଚିତ୍ର ଏବଂ କ୍ରାଇମ ପାଟ୍ରୋଲ ଦେଖି ସାଙ୍ଗ ସହ ମିଶି ପୁଅ ବାପାକୁ ହତ୍ୟା କରିଛି। ଏହା ପରେ ମୃତଦେହକୁ ୭୫କିମି ଦୂର ଔରିଆ ନେଇ ପେଟ୍ରୋଲ ଢାଳି ପୋଡି ଦେଇଛି। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଜବ ପନ୍ଥା ଆପଣାଇଛି। ଘଟଣାର ଦୁଇ ମାସ ପରେ ମୃତକଙ୍କ ପତ୍ନୀ ବୃନ୍ଦାବନରୁ ଫେରି ସ୍ୱାମୀଙ୍କୁ ଖୋଜିଥିଲେ। ଘରେ ନ ଦେଖି କଲ୍ୟାଣପୁର ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୁଲିସ ଯାଞ୍ଚ କରି ୬ ମାସ ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଡିସିପି ଦିନେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ମୃତକ କମଲାପତି ରେଳୱେରେ ଗାର୍ଡ ଭାବେ ଚାକିରି କରିଥିଲେ। କିନ୍ତୁ ସବୁବେଳେ ମଦ ପିଉଥିବାରୁ ସାନପୁଅ ରାମଜୀଠାରୁ ସେ ଦୂରେଇ ରହୁଥିଲେ। ଟଙ୍କା ମାଗିଲେ ତାଙ୍କୁ ଦେଉ ନ ଥିଲେ। ତେଣୁ ସମ୍ପତ୍ତି ପାଇଁ ପୁଅ ବାପାକୁ ତଣ୍ଟିଚିପି ହତ୍ୟା କରିଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ମୋବାଇଲ ଦେଇ ସାଙ୍ଗକୁ ବିହାର ପଠାଇଥିଲା। ତେବେ ସେଠାରେ ସେ ସ୍ୱିଚ୍ ଅନ୍ କରି ଲୋଭରେ ମୋବାଇଲକୁ ବିକିବା ପାଇଁ ଧରି ପକାଇ ଆସିଥିଲା। ପରେ ପୁଲିସ ପୁଅ ଘରୁ ମୋବାଇଲ ଜବତ କରିଥିଲା। ଜେରା ସମୟରେ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା।

## ପରୀକ୍ଷାରେ ଭଲ ନମ୍ବର ରଖିବାରୁ ଛାତ୍ରଛାତ୍ରୀଙ୍କୁ ବିମାନରେ ଡାମନ-ଡିଉ ବୁଲାଇଲେ ଶିକ୍ଷକ



ଜୟପୁର, ୧୯।୯ (ଏଜେନ୍ସି): ରାଜସ୍ଥାନ ଭିଲୱାରୀର ନନ୍ଦରାଇ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବାରୁ ଏଠାକାର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ୫ ଛାତ୍ରୀଙ୍କୁ ଶିକ୍ଷକ ବିମାନରେ ନେଇ ଡାମନ-ଡିଉ ବୁଲାଇଛନ୍ତି। ତେବେ ଏହି ଯାତ୍ରା ବାବଦ ଖର୍ଚ୍ଚକୁ କୌଣସି ଏନ୍‌ଜିଓ କିମ୍ବା ସରକାର ଦେଇନାହାନ୍ତି। ପ୍ରଧାନଶିକ୍ଷକ ଶଙ୍କରଲାଲ ଜାଟ ଏବଂ ଶିକ୍ଷକ ଅଜୟ କୁମାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଉଭୟ ଶିକ୍ଷକ ଶିକ୍ଷାବର୍ଷରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ମାର୍କ ରଖିଲେ ଛାତ୍ରଛାତ୍ରୀଙ୍କୁ ବିମାନରେ ବୁଲାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳାଫଳ ବାହାରିବା ପରେ ଶିକ୍ଷକ ଏହି ଯାତ୍ରାର ଆୟୋଜନ କରି ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏହି ଗ୍ରାମରୁ ଡାମନ-ଡିଉ ବୁଲିବା ପାଇଁ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ପ୍ରାୟ ୭୦ ପ୍ରତିଶତ ମାର୍କ ରଖିଥିଲେ। ପୂର୍ବରୁ କେବେ ଏପରି ଫଳାଫଳ ଆସି ନ ଥିଲା। ସ୍କୁଲ୍ ପ୍ରାର୍ଥନାରେ ଶିକ୍ଷକ କରିଥିବା ଏହି ଘୋଷଣା ୫ ପରିଶ୍ରମୀ ଛାତ୍ରୀଙ୍କ ପାଇଁ ବାସ୍ତବତା ପାଲଟି ଯାଇଛି। ଏହା ସ୍କୁଲ୍ ପାଇଁ ମଧ୍ୟ ଗୌରବ ଆଣିଛି। ଗ୍ରାମାଞ୍ଚଳରେ ସରକାରୀ ସ୍କୁଲ୍ ପ୍ରଭାବ ହରାଉଥିବାବେଳେ ଦୁଇ ଶିକ୍ଷକଙ୍କ ନିଆରା ପ୍ରୟାସ ପିଲାଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି।

## ଜୁବିନ ଗର୍ଗଙ୍କ ପରଲୋକ



ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଜଣାଶୁଣା ଆସାମୀ ତଥା ବଲିଉଡ ଗାୟକ ଜୁବିନ ଗର୍ଗ ଶୁକ୍ରବାର ପରଲୋକଗମନ କରିଛନ୍ତି। ସିଙ୍ଗାପୁରରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଛନ୍ତି। ୫୨ ବର୍ଷୀୟ ଜୁବିନ ଶୁକ୍ରବାର ଉତ୍ତରପୂର୍ବ ମହୋତ୍ସବରେ ସଙ୍ଗୀତ ପରିବେଶଣ କରିବାର କାର୍ଯ୍ୟକ୍ରମ ଥିଲା। ସ୍କୁବା ଡାଇଭିଂ କରିବା ଅବସରରେ ସେ ସମୁଦ୍ରରେ ପଡ଼ିଯାଇଥିଲେ ଓ ତାଙ୍କୁ ସିଙ୍ଗାପୁର ପୁଲିସ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲା। ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନଥିଲେ। ତାଙ୍କର ଅଚାନକ ମୃତ୍ୟୁରେ ବଲିଉଡ ସ୍ତବ୍ଧ ହୋଇଛି ଓ ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ସେ ଉତ୍ତରପୂର୍ବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ସିଙ୍ଗାପୁର ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ପୂର୍ବତନ ରାଜ୍ୟସଭା ଏମ୍‌ପି ରିପୁ ବୋରା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗଷ୍ଟର ସିନେମାର 'ୟା ଅଲି', ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର 'ଦିଲ ତୁହି ବତା' ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର 'ଜାନେ କ୍ୟା ଚାହେ ମନ' ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଇଞ୍ଜିନ ଅଏଲରେ ଜୀବନ ବିତାଉଛନ୍ତି ଅଏଲ କୁମାର

ବେଙ୍ଗାଲୁରୁ, ୧୯।୯ (ଏଜେନ୍ସି): ଅଜବ ଖାଇବା ଶୈଳୀକୁ ନେଇ କର୍ଣ୍ଣାଟକ ଶିବମୋଗାର ଜଣେ ବ୍ୟକ୍ତି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ସେ ଅନ୍ୟମାନଙ୍କ ପରି ଭାତ ଡାଲି କିମ୍ବା ଫଳ ପନିପରିବା ଆଦି ଖାଉ ନାହାନ୍ତି। ସେ ଦିନକୁ ଚା' ପରି ଗାଡ଼ି ମୋଟରରେ ପଡୁଥିବା ଇଞ୍ଜିନ ଅଏଲ ପିଇ ଯାଉଛନ୍ତି। ତେବେ ନୂଆ ନୁହେଁ, ଖରାପ ହେବା ପରେ ଗାଡ଼ିରୁ ବାହାରୁ ଥିବା ୭ରୁ ୮ ଲିଟର ଇଞ୍ଜିନ ଅଏଲ ଦିନକୁ ପିଉଛନ୍ତି। ସେଥିପାଇଁ ତାଙ୍କୁ 'ଅଏଲ କୁମାର' କୁହାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଥିବା ଭିଡିଓରେ ସେ ଲୋକଙ୍କ ସାମ୍ନାରେ ଗଳ ଗଳ କରି ଇଞ୍ଜିନ ଅଏଲ ପିଇ ଯାଉଥିବା ଦେଖାଯାଉଛି। ଏହା ଦେହ ପାଇଁ ଅତ୍ୟନ୍ତ ଖରାପ ହୋଇଥିବାବେଳେ ସେ କେମିତି ବଞ୍ଚିଛନ୍ତି ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅଏଲ କୁମାର କହିଛନ୍ତି ଯେ ଗତ ୩୩ ବର୍ଷ ହେଲା ଖାଦ୍ୟ ପରିବର୍ତ୍ତେ ଇଞ୍ଜିନ ଅଏଲ ପିଇ ବଞ୍ଚିଛନ୍ତି। ଦିନକୁ ଏତେ ଇଞ୍ଜିନ ଅଏଲ ପିଉଥିବା ସତ୍ତ୍ୱେ ସେ ଆଜି ପର୍ଯ୍ୟନ୍ତ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମଧ୍ୟ ନାହିଁ। ସେ ଭଗବାନ ଅୟପାଙ୍କ ଜଣେ ଭକ୍ତ ମଧ୍ୟ।

### ପୁଣି ନିର୍ବାଚନ କମିଶନଙ୍କୁ ନିଶାଣ କଲେ ରାହୁଲ

# ଚେଇଁ ରହି ଚୋରି ଦେଖୁଥିଲେ ଚୌକିଦାର

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି 'ଭୋଟ ଚୋରି' ଏବଂ ବେଆଇନ ଭାବେ ଭୋଟର ତାଲିକାରୁ 'ଭୋଟରଙ୍କୁ ହଟାଇବା' ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଇସିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। 'ସକାଳ ୪ଟାରେ ଉଠ, ୩୬ ସେକେଣ୍ଡରେ ୨ ଭୋଟରଙ୍କୁ ତାଲିକାରୁ ହଟାଇ ଦେଇ ପୁଣି ଶୋଇ ଯାଅ। ଏହି ଭଳି ଭାବେ ଭୋଟ ଚୋରି କରାଯାଉଛି। ନିର୍ବାଚନ କମିଶନ ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି। ନିର୍ବାଚନର ଚୌକିଦାର ଚେଇଁ ରହି ଚୋରି ଦେଖୁଥିଲେ ଏବଂ ଚୋରଙ୍କୁ ସୁରକ୍ଷା ଦେଉଥିଲେ' ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରାହୁଲ ଗୁରୁବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସେଣ୍ଟ୍ରାଲାଇଜ୍ଡ ସଫ୍ଟୱେର ବ୍ୟବହାର କରି ଭୋଟ ଚୋରି ଏବଂ ଭୋଟରଙ୍କ ନାମ ହଟା ଯାଇଥିବା ଅଭିଯୋଗ କରିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦେଇଥିଲେ। ଏହା ସହିତ ରାହୁଲ ଦେଶର ଯୁବ ବର୍ଗ, ଛାତ୍ରଛାତ୍ରୀ ଏବଂ ଜେନ୍ ଜେଡ୍ ଗୋଷ୍ଠୀଙ୍କ ସହ ଛିଡ଼ା ହୋଇଛି ବୋଲି ରାହୁଲ ଟ୍ୱିଟ୍ କରି କହିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କ ଟିପ୍ପଣୀକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମାଲୋଚନା କରିଛନ୍ତି। ଜେନ-ଜେଡ୍ ଟିପ୍ପଣୀକୁ ନେଇ ସେ କହିଛନ୍ତି ଯେ ରାହୁଲ ହତାଶ ଏବଂ

### ୩୬ ସେକେଣ୍ଡରେ ଦୁଇ ଭୋଟର ହଟାଇ ପୁଣି ଶୋଇ ପଡୁଥିଲେ

### ରାହୁଲଙ୍କୁ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ

ନିରାଶ ହୋଇ ପଡ଼ିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନକଲ କରୁଥିଲେ। ଆଉ କେବେ ଜେନ-ଜେଡ୍‌ଙ୍କ କଥା କହୁଥିଲେ। ରାହୁଲ ସହରୀ ନକ୍ସଲ ହେବାକୁ ଚାହୁଁଛନ୍ତି। ସେହି ଭଳି ଭାବେ ହିଁ ପ୍ରତିକ୍ରିୟା ଦେଉଛନ୍ତି। ଦେଶକୁ ଗୃହଯୁଦ୍ଧରେ ଫସାଇବାକୁ ଚାହୁଁଛନ୍ତି। ରାହୁଲ କେତେବେଳ ମୁସଲମାନଙ୍କୁ ଉସୁକାଉଛନ୍ତି ତ



ଆଉ କେବେ ଆଧାରହୀନ କଥା କହୁଛନ୍ତି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ କହିଛନ୍ତି ଯେ ଏହା ଭୋଟ ଚୋରିର ପ୍ରସଙ୍ଗ ନୁହେଁ ବୋଲି ପୂର୍ବରୁ କହିଥିଲି। ରାହୁଲ ଗାନ୍ଧୀଙ୍କ ବୁଦ୍ଧି ଭ୍ରମ ହୋଇଯାଇଛି। ତେଣୁ ସେ ଏଭଳି କଥା କହୁଛନ୍ତି। ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥାକୁ ସେ ଏଡ଼ାଇ ଚାଲିଛନ୍ତି। ଏବେ ରାହୁଲ ସହରୀ ନକ୍ସଲ ହୋଇଥିବା ପ୍ରମାଣ ଦେଇଛନ୍ତି। ଜେନ୍-ଜେଡ୍‌କୁ ସମର୍ଥନ ଦେଇ ସାମ୍ବିଧାନିକ ସରକାରକୁ ଭୁଶୁଡ଼ାଇବାକୁ ରାହୁଲ ପ୍ରୟାସ କରୁଛନ୍ତି।

## ଉତ୍ତରପ୍ରଦେଶରେ ବଜ୍ରପାତରେ ୭ ମୃତ

### ହିମାଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ

### ୧୬ ଘଣ୍ଟା ପରେ ଅବଶେଷ ତଳୁ ଜଣେ ଜୀବନ୍ତ ଉଦ୍ଧାର

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜୋନପୁରରେ ୩, କୌଶାମ୍ବିରେ ୨ ଓ ହମିରପୁର- ଚାନ୍ଦୋଲୀରେ ଜଣେ ଲେଖାଏ ବଜ୍ରପାତ କାରଣରୁ ପ୍ରାଣ ହରାଇଛନ୍ତି। ସେହିପରି ପ୍ରତାପଗଡ଼ରେ ଗୋବିନ୍ଦପୁର ଗାଁରେ ବଜ୍ରପାତ କାରଣରୁ ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା। କୌଶାମ୍ବୀରେ ବଜ୍ରପାତ କାରଣରୁ ୨ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତରାଖଣ୍ଡର ଚାମୋଲୀ ଜିଲ୍ଲାର ନନ୍ଦନଗରରେ ଗୁରୁବାର ରାତିରେ ହୋଇଥିବା ବାଦଲ ଫଟା ବର୍ଷା କାରଣରୁ ୧୪ ଜଣ ଲୋକ ନିଖୋଜ ଥିଲେ। କିଛି ଲୋକ ଆବର୍ଜନା ତଳେ ଦବି ଯାଇଥିଲେ। ଘଟଣାର ୧୬ ଘଣ୍ଟା ପରେ ଜଣେ ବ୍ୟକ୍ତିଙ୍କୁ ଅବଶେଷ ତଳୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଥିରେ ଅଞ୍ଚଳରେ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୩୫ରୁ ଊର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଡେରାଡୁନ- ମସୁରୀରେ ସଡ଼କ ଏବେ ବି କ୍ଷତିଗ୍ରସ୍ତ ରହିଛି। ଏହି କାରଣରୁ ମସୁରୀରେ ଥିବା ୨୦୦୦ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି।

## ଦୁଷ୍କର୍ମ ମାମଲାରେ ଲଳିତ ମୋଦୀଙ୍କ ଭାଇ ଗିରଫ

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଭାଇ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସମୀର ମୋଦୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ୨୦୧୯ରେ ସମୀର କ୍ରମାଗତ ଭାବେ ଦୁଷ୍କର୍ମ କରିବା ସହ ବ୍ଲାକମେଲିଂ ଓ ଧୋକା ଦେଉଥିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୧୦ରେ ମହିଳା ଜଣକ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀ ଥାନାରେ ମାମଲା ଦାଏର କରିଥିଲେ। ଏହାପରେ ସମୀରଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲ୍‌ଓସି) ଜାରି କରାଯାଇଥିଲା। ଗୁରୁବାର ୟୁରୋପରୁ ବ୍ୟବସାୟିକ ଗସ୍ତରୁ ଫେରିବା ପରେ ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି। ସମୀରଙ୍କ ବିରୋଧରେ କରାଯାଇଥିବା ସବୁ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ ବୋଲି ତାଙ୍କ ଓକିଲ କହିଛନ୍ତି। ଦୁଷ୍କର୍ମ କଥା ସାର୍ବଜନୀନ କରିବା ପରେ ହତ୍ୟା ଧମକ ଦିଆଯାଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ସମୀରଙ୍କ ସହ ୨୦୧୯ରୁ ରହିଆସୁଥିଲେ ଓ ୫୦ କୋଟି ଟଙ୍କା ମାଗୁଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି।

### ଜାତିସଂଘରେ ପାକିସ୍ତାନ, ଚୀନ୍‌କୁ ଝଟ୍‌କା

# ବିଏଲ୍‌ଏକୁ ନିଷିଦ୍ଧ ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ନ୍ୟୁୟର୍କ, ୧୯।୯(ଏଜେନ୍ସି): ଜାତିସଂଘରେ ଆମେରିକା ଏକ ଚକିତ କଲା ଭଳି ନିଷ୍ପତ୍ତି ନେଇଛି। ଯେଉଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଓ ତା'ର ଆତ୍ମଘାତୀ ସଂଗଠନ ମଜିଦ ବ୍ରିଗେଡ଼କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ତାହାକୁ ନିଷିଦ୍ଧ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ଅର୍ଥାତ ଏହି ପ୍ରସ୍ତାବ ଉପରେ ଆମେରିକା ରୋକ ଲଗାଇଛି। ଏ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ବୈଠକରେ ପାକିସ୍ତାନ ଓ ଚୀନ୍ ଏହି ପ୍ରସ୍ତାବ ଆଣିଥିଲେ। ଦୁଇ ଦେଶ ବିଏଲ୍‌ଏକୁ ଏକ ପ୍ରତିବନ୍ଧିତ ସଂଗଠନ ଘୋଷଣା କରିବାକୁ ଦାବି କରିଥିଲେ। ବିଏଲ୍ଏ, ମଜିଦ ବ୍ରିଗେଡ଼, ଅଲ-କାଏଦା ଓ ତେହରିକ-ଇ- ତାଲିବାନ ପାକିସ୍ତାନ ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରୁ କାର୍ଯ୍ୟ କରୁଛି ଓ ଏହା ସୀମା ଆରପଟୁ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦୁଇ ଦେଶ ସୁରକ୍ଷା ପରିଷଦରେ ଦାବି କରିଥିଲା। ଆଫଗାନିସ୍ତାନରୁ ଆତଙ୍କବାଦକୁ

■ ପୂର୍ବରୁ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ଆମେରିକା

ପ୍ରୋତ୍ସାହନ ଦିଆଯାଉଛି। ଏହାଦ୍ୱାରା ପାକିସ୍ତାନର ସୁରକ୍ଷା ବିପଦରେ ପଡ଼ିଛି ବୋଲି ପାକିସ୍ତାନ କହିଛି। ଆମେରିକା ସମେତ ବ୍ରିଟେନ ଓ ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଏହି ପ୍ରସ୍ତାବକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। କିନ୍ତୁ ଗତ ମାସରେ ଆମେରିକା ଆଶ୍ଚର୍ଯ୍ୟଜନକ ଭାବେ ବିଏଲ୍ଏ ଓ ମଜିଦ ବ୍ରିଗେଡ଼କୁ ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଥିଲା। ବିଏଲ୍ଏ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ଆମେରିକା କହିଛି। ପୁଣି ବିଏଲ୍ଏ ସହିତ ଆଲ-କାଏଦାର ସମ୍ପର୍କ ଥିବାର କୌଣସି ଠୋସ୍ ପ୍ରମାଣ ମଧ୍ୟ ମିଳିନାହିଁ। ତେଣୁ ବିଏଲ୍‌ଏକୁ ଜାତିସଂଘର ୧୨୬୭ ପ୍ରତିବନ୍ଧ ସୂଚୀରେ ସାମିଲ କରାଯାଇପାରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ସୂଚୀ ମଧ୍ୟରେ ସାମିଲ ହୋଇଥିବା ସଂଗଠନଗୁଡିକୁ ଯାତ୍ରା ପ୍ରତିବନ୍ଧ ଲାଗୁ କରାଯିବା ସହ ସମ୍ପତ୍ତି ବ୍ୟାଜାପ୍ତି କରାଯାଇଥାଏ। ଅସ୍ତ୍ରଶସ୍ତ୍ର କ୍ରୟ କରିବା ଉପରେ ରୋକ ଲଗାଯାଇଥାଏ। ଉଲ୍ଲେଖଥାଉ କି, ବିଏଲ୍ଏ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ସ୍ୱାଧୀନ କରିବାକୁ ୧୯୭୦ରୁ ସଂଘର୍ଷ କରୁଛି। ଏଥିପାଇଁ ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରି ରଖିଛି।

### କେନ୍ଦ୍ରର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

## ଏନ୍‌ଜିଓ ସାମାଜିକ ସେବା କଲେ ସମସ୍ୟା କ'ଣ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଏକ୍ ଏନ୍‌ଜିଓର ଲାଇସେନ୍ସ ନବୀକରଣ ପାଇଁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହି ଏନ୍‌ଜିଓ 'ଏଲେନ ଶର୍ମା ମେମୋରିଆଲ ଟ୍ରଷ୍ଟ' ବିଦେଶୀ ଯୋଗଦାନକୁ ଗ୍ରହଣ କରୁଥିଲା। ତେବେ ଏଫ୍‌ସିଆରଏ ଆଇନର ଧାରା ୭ ଉଲ୍ଲଙ୍ଘନ କରୁଥିବାରୁ କେନ୍ଦ୍ର ନବୀକରଣ ପାଇଁ ଅନୁମତି ଦେଇ ନ ଥିଲା। ଏହା ପରେ ଏନ୍‌ଜିଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଜି ଏହି ମାମଲାରେ ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ରକୁ ସମାଲୋଚନା କରି ଏନ୍‌ଜିଓକୁ ଆଉ ହଇରାଣ ନ କରିବାକୁ କହିଥିଲେ। ଖଣ୍ଡପୀଠ ପଚାରି ଥିଲେ ଯେ ଏନ୍‌ଜିଓ କିଛି ଭୁଲ୍ କରିଛି କି? ଯେଉଁ ପାଣ୍ଠି ମିଳିଛି ତାହାର ଅପବ୍ୟବହାର କରିଛି କି? ଏନ୍‌ଜିଓ ଏଭଳି କିଛି କରିଥିବା ପ୍ରମାଣ ନାହିଁ। ଯଦି ସମାଜର ସେବା କରାଯାଉଛି ତେବେ କେନ୍ଦ୍ରର ଅସୁବିଧା କ'ଣ? ଏହା ଉପରେ ନଜର ରଖ। ବାର୍ଷିକ କାର୍ଯ୍ୟକଳାପର ବିବରଣୀ ଆଦି ଦାଖଲ କରିବାକୁ ଦିଅ। ମାମଲାକୁ ବେଶୀ ଜଟିଳ କରି ଆଉ ଏନ୍‌ଜିଓକୁ ହଇରାଣ କରନାହିଁ।

### ● ମଣିପୁରରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ

## ଆସାମ ରାଇଫଲ୍ସର ୨ ଯବାନ ସହିଦ, ୪ ଆହତ

ଇମ୍ଫାଲ, ୧୯।୯(ଏଜେନ୍ସି): ମଣିପୁର ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବାହିନୀ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଚାରିପଟୁ ଘେରି ଆସାମ ରାଇଫଲ୍ସର ଏକ ଗାଡି ଉପରକୁ କିଛି ଉଗ୍ରବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଦୁଇଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପୁଲିସକର୍ମୀଙ୍କ ସହାୟତାରେ ଆହତଙ୍କୁ ଆରଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଧାନୀ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହାପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଆକ୍ରମଣର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏ ନେଇ ତଦନ୍ତ ଚାଲିଛି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୃତ ଯବାନଙ୍କ ପରିବାର ପ୍ରତି ସେ ଶୋକ ଜାହିର କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରର ଜିରିବାମ୍ ଜିଲ୍ଲାରେ ୨୦୨୪ ନଭେମ୍ବର ୧୦ରେ ସିଆରପିଏଫ୍ ଯବାନ ଏନକାଉଣ୍ଟର କରି ୧୦ଜଣ କୁକି ଉଗ୍ରବାଦୀଙ୍କୁ ନିପାତ କରିଥିଲେ।

## ୮୦୮ ନିଷ୍କ୍ରିୟ ରାଜନୈତିକ ଦଳକୁ ଅଣ-ତାଲିକାଭୁକ୍ତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ରାଜନୈତିକ ଦଳ ମାଧ୍ୟମରେ କଳା ଟଙ୍କାକୁ ଧଳା କରିବା ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ ନିର୍ବାଚନ କମିଶନ ସଫେଇ ଅଭିଯାନକୁ ଜୋରଦାର କରିଛନ୍ତି। ଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ି ନ ଥିବା ୮୦୮ ପଞ୍ଜିକୃତ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି) କୁ ଅଣ-ତାଲିକାଭୁକ୍ତ କରିଦେଇଛନ୍ତି। ୧୯୫୧ର ଲୋକ ପ୍ରତିନିଧି ଆଇନର ଧାରା ୨୯ଏ ଅନୁଯାୟୀ ରାଜନୈତିକ ଦଳ ଗୁଡିକର ପଞ୍ଜୀକରଣ ହୋଇଥାଏ। ପଞ୍ଜୀକରଣ ପରେ ଏହି ଦଳଗୁଡିକ ନିର୍ଦ୍ଦିଷ୍ଟ ଲାଭ ପାଇଥାନ୍ତି। ନିର୍ବାଚନୀ ଚିହ୍ନ ଏବଂ ଟିକସରେ ରିଆତି ଆଦି ସୁବିଧା ମିଳିଥାଏ। ଏହାର ଲାଭ ଉଠାଇ କିଛି ରାଜନୈତିକ ଦଳ ବେଆଇନ କାରବାର ଚଳାଉ ଥିଲେ।

ଗତ ଜୁନ୍‌ରୁ ଇସି ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖରେ ୩୩୪ ଅଣ-ମାନ୍ୟତା ପ୍ରାପ୍ତ ଦଳଙ୍କୁ ତାଲିକାରୁ ହଟାଇ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୪୭୪ ଦଳଙ୍କୁ ବାଦ୍ ଦେଇଥିଲେ। ଏହାକୁ ମିଶାଇ ମୋଟ ୮୦୮ ଦଳଙ୍କୁ ଅଣ-ତାଲିକାଭୁକ୍ତ କରାଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ସର୍ବାଧିକ ୧୨୧ ଦଳ, ମହାରାଷ୍ଟ୍ରର ୪୪, ତାମିଲନାଡୁର ୪୨, ଦିଲ୍ଲୀର ୪୦, ପଞ୍ଜାବର ୨୧, ମଧ୍ୟପ୍ରଦେଶର ୨୩, ବିହାରର ୧୫, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶର ୧୭ଟି ଲେଖାଏଁ ଦଳ ସାମିଲ ରହିଛି। ଏହି ପର୍ଯ୍ୟାୟରେ ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭୪ ଦଳଙ୍କୁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୫୯ ଦଳ ବିଚାରାଧୀନ ଅଛନ୍ତି। ଏହି ଦଳଗୁଡିକ ନିର୍ବାଚନ ଲଢ଼ିଥିବାବେଳେ ତିନି ବର୍ଷର ବାର୍ଷିକ ସମୀକ୍ଷା ରିପୋର୍ଟ ଦାଏର କରିନାହାନ୍ତି।

## ପାକିସ୍ତାନ ଘର ଭଳି ଲାଗୁଛି: ପିତ୍ରୋଡା

ନୂଆଦିଲ୍ଲୀ, ୧୯।୯(ଏଜେନ୍ସି): କଂଗ୍ରେସର ବରିଷ୍ଠ ନେତା ସାମ ପିତ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇଥିଲି ଓ ସେଠାରେ ଘରେ ଥିବା ଭଳି ଅନୁଭବ କରିଥିଲି। ଏହିକ୍ରମରେ ସେ ନେପାଳ ଓ ବାଂଲାଦେଶକୁ ମଧ୍ୟ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ମୁଁ ନେପାଳ ଓ ବାଂଲାଦେଶକୁ ମଧ୍ୟ ଯାଇଥିଲି। ସେଠାରେ ମଧ୍ୟ ଘର ଭଳି ଅନୁଭବ କରିଥିଲି। ବିଦେଶରେ ଥିବା ଭଳି ମୋତେ ଲାଗୁ ନ ଥିଲା। ଏହି ଦେଶର ନାଗରିକମାନେ ମୋ ଭଳି ଦେଖାଯାଉଥିଲେ ଓ ମୋ ଭଳି କଥାବାର୍ତ୍ତା କରୁଥିଲେ।

## ଛାର୍‌ଖାର କରିଦେଲା ଜେନ୍-ଜେଡ୍ ଆନ୍ଦୋଳନ

# ନେପାଳ ଏବେ ନିଃସ୍ୱ: ପ୍ରଧାନମନ୍ତ୍ରୀ ସୁଶୀଳା

କାଠମାଣ୍ଡୁ, ୧୯।୯(ଏଜେନ୍ସି): ନେପାଳ ଏବେ ଜିରୋ ଷ୍ଟେଟ୍ ଅର୍ଥାତ ଶୂନ୍ୟ ସ୍ଥିତିରେ ଅଛି। ଦେଶର ସ୍ଥିତି ଏବେ ବହୁତ ଗମ୍ଭୀର। ଜେନ୍- ଜେଡ ଆନ୍ଦୋଳନରେ ସବୁକିଛି ଜଳି ପଡ଼ି ଛାରଖାର ହୋଇଛି। ଆମ ପାଖରେ କ୍ୟାବିନେଟ ଅଛି, କିନ୍ତୁ ମନ୍ତ୍ରଣାଳୟ ପାଖରେ କାର୍ଯ୍ୟକରିବା ପାଇଁ ବିଲ୍ଡିଂ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ କାଗଜପତ୍ର କିଛି ନାହିଁ। ରାଜଧାନୀ କାଠମାଣ୍ଡୁର ସିଂହ ଦରବାରରେ ସେପ୍ଟେମ୍ବର ୯ରେ ହୋଇଥିବା ଭୟଙ୍କର ପୋଡା ଜଳାରେ ଦେଶର ସରକାରୀ ଭିତ୍ତିଭୂମୀକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଇଛି ବୋଲି ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି।

ସିଂହ ଦରବାରରେ ପରିସର ଏକଦା ଏକ ଭବ୍ୟ ମହଲ ଥିଲା ଓ ଏଥିରେ ୨୦ରୁ ଅଧିକ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ ଥିଲା। ଏବେ କିନ୍ତୁ ଏହା ଆବର୍ଜନାର



■ ସରକାରୀ ଭିତ୍ତିଭୂମି, କାଗଜପତ୍ର ସ୍ୱାହା

କେନ୍ଦ୍ରରେ ପରିଣତ ହୋଇଛି। ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଦେଶର ସଂସଦ ଓ ପ୍ରାୟ ସବୁ ମନ୍ତ୍ରଣାଳୟର କାର୍ଯ୍ୟାଳୟ ନଷ୍ଟ ହୋଇଛି। ଏହି କ୍ରମରେ ସରକାରୀ କାଗଜପତ୍ର, ଜନ୍ମପ୍ରମାଣ ପତ୍ର, କମ୍ପାନୀ ରେଜିଷ୍ଟ୍ରେସନ ଓ ଅନ୍ତରାଷ୍ଟ୍ରୀୟସ୍ତରରେ ହୋଇଥିବା ବୁଝାମଣା ତଥା ଚୁକ୍ତିର ମୂଳ କାଗଜପତ୍ର ଜଳି ନଷ୍ଟ ହୋଇଛି। କେବଳ ସୁପ୍ରିମକୋର୍ଟର ୬୦ ହଜାର ଫାଇଲ ଜଳି ପାଉଁଶ ହୋଇଯାଇଛି। ସଂସଦ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ, ସରକାରଙ୍କ ୩୦୦ରୁ ଅଧିକ ବିଲ୍ଡିଂରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି। ଦେଶ ଚଳାଇବାକୁ ସବୁ ସଂସ୍ଥା ଓ ଦସ୍ତାବିଜ ନଷ୍ଟ ହୋଇଛି। କିନ୍ତୁ ଆମେ ପୁଣି ଥରେ ଉଠି ଛିଡା ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଦସ୍ତାବିଜ ଜଳିଯିବା ପରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। କାଠମାଣ୍ଡୁ ଘାଟୀର ସବୁ ୧୧୨ ପୁଲିସ ଥାନା ନଷ୍ଟ ହୋଇଛି। ତେଣୁ ପୁଲିସ କର୍ମଚାରୀ ସବୁ ତମ୍ବୁରେ ରହି କାର୍ଯ୍ୟ କରୁଛନ୍ତି। ଲୋକ ଜନ୍ମପ୍ରମାଣପତ୍ର, ପାସପୋର୍ଟ, ପେନ୍‌ସନ ଓ ବ୍ୟାଙ୍କ ସେବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ପ୍ରତିଦିନ ଦୁଇ ହଜାର ନେପାଳ ନାଗରିକ ବିଦେଶ ପଳାୟନ କରୁଛନ୍ତି। ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୯ ଦିନ ପରେ ନିଜ ଘରେ ପହଞ୍ଚିଛନ୍ତି। ପୁଣି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ସୁଶୀଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦେଶରେ ଶାନ୍ତି ଫେରାଇ ଆଣିବାକୁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ମୋଦୀ ପ୍ରତିଶ୍ରୁତ ଦେଇଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ମହାକାଳପଡ଼ା, ୧୯।୯ (ସମିସ): ଆଜି ମହାକାଳପଡ଼ା ବ୍ଲକ୍ ସୁନିତି ପଞ୍ଚାୟତର ବେଣାକନ୍ଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଛି। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ। ଆଜି ଦିନ ପ୍ରାୟ ସାଢ଼େ ୩ଟାରେ ବେଣାକନ୍ଦା ଗ୍ରାମର ଲକ୍ଷ୍ମୀ ଦଳାଇ ଗୋବରୀ ନଦୀ କୂଳକୁ ଛେଳିକୁ ଆଣିବାକୁ ଯାଇଥିଲେ। ସେତିକିବେଳେ ନଦୀ ପଠାରେ ଗୋଟିଏ କୁମ୍ଭୀର ଛେଳିକୁ ଝାମ୍ପିନେବାକୁ ବସିଥିଲା। ଏହାଦେଖି ଲକ୍ଷ୍ମୀ ଛେଳିକୁ ଖୁଣ୍ଟରୁ ଫିଟାଇଦେଇଥିଲେ। ଛେଳିଟି ଦୌଡ଼ି ପଳାଇ ଯାଇଥିବା ବେଳେ ଅସାବଧାନତାବଶତଃ ନଦୀପଠାରେ



ଲକ୍ଷ୍ମୀଙ୍କ ଗୋଡ଼ ଖସିଯାଇଥିଲା ଏବଂ କୁମ୍ଭୀରଟି ତାଙ୍କୁ ଟାଣି ନେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ।

## ତଟରକ୍ଷୀ ବାହିନୀରେ ସାମିଲ ହେଲା 'ଅଦମ୍ୟା'

ପାରାଦୀପ,୧୯।୯(ସମିସ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଆଇସିଜିଏସ୍ 'ଅଦମ୍ୟା' ଆଜି ତଟରକ୍ଷୀ ବାହିନୀରେ ସାମିଲ ହୋଇଛି। ପାରାଦୀପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରାଳୟର ଯୁଗ୍ମ ସଚିବ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ଜାହାଜ 'ଅଦମ୍ୟା'କୁ ଉଦ୍‌ଘାଟନ କରିଛନ୍ତି। ଏହି ଜାହାଜର ଲମ୍ବ

**୫୭୫ କିଲୋମିଟର ଉପକୂଳକୁ ଦେବ ସୁରକ୍ଷା**



୫୧ମିଟର ଓ ଓଜନ ୩୨୦ ଟନ୍। ଏହା ୫୭୫ କିଲୋମିଟର ଉପକୂଳକୁ ସୁରକ୍ଷା ଦେବ। ମେସର୍ସ ଗୋଆ ସିପ୍ୟାଡ୍ ଲିମିଟେଡ୍ ଦ୍ୱାରା ଏହା ନିର୍ମାଣ ହୋଇଛି। ଏହା ଦୁଇଟି ୩୦୦୦ କିଲୋୱାଟ୍‌ର ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ହେଉଛି। ଏହି ଜାହାଜରେ ନିର୍ମିତ ଏହି ଜାହାଜରେ ୩୦ମିମି ସିଆରଏନ୍ ୯୧ ବନ୍ଧୁକ ଓ ଦୁଇଟି ୧୨.୭ ମିମି ସ୍ଥିର ରିମୋଟ୍ କଣ୍ଟ୍ରୋଲ ମେସିନ୍-ଗନ୍ ରହିଛି। ଅନୁରାଗ ପାଣ୍ଡେ ଏହି ଜାହାଜର କମାଣ୍ଡର୍। ଏହାବ୍ୟତୀତ ଏହି ଜାହାଜରେ ୫ ଅଧିକାରୀ ଓ ୩୪ ଜଣ କର୍ମଚାରୀ କାମ କରିବେ। ଏହା ଭାରତୀୟ କୋଷ୍ଟଗାର୍ଡର କ୍ଷମତାକୁ ଅଧିକ ସୁଦୃଢ଼ କରିବ। ତେବେ କୋଷ୍ଟଗାର୍ଡ ପକ୍ଷରୁ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କୋଷ୍ଟଗାର୍ଡର ବରିଷ୍ଠ ଅଧିକାରୀ, ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

## ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

କାଶୀପୁର,୧୯।୯(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର ରେଞ୍ଜ (ବନାଞ୍ଚଳ ଅଧିକାରୀ) ଅନ୍ତର୍ଯ୍ୟାମୀ ସାହୁଙ୍କ କାଶୀପୁରସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଆଜି ଭିଜିଲାନ୍ସ ଚଢ଼ଉ କରିଛି। ଏଥିସହ ଭିଜିଲାନ୍ସ ଟିମ୍ କାଶୀପୁର, ବ୍ରହ୍ମପୁର, ବାଲିଗୁଡ଼ା, ଭଞ୍ଜନଗର, ନୟାଗଡ଼ ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି। ଯାଞ୍ଚ ବେଳେ ତାଙ୍କର ବାଲିଗୁଡ଼ା ସହର ଉପକଣ୍ଠରେ ୬ଟି ପ୍ଲଟ୍, ବ୍ରହ୍ମପୁରର କୋଣିଶିଆପାଲିରେ ଗୋଟିଏ ପ୍ଲଟ୍, ଗଞ୍ଜାମର କୋଡାସିଂହରେ ୨ଟି ପ୍ଲଟ୍ ସମେତ ୯ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ବ୍ୟାଙ୍କ, ଡାକ ଏବଂ ବୀମାଜମା ଏବଂ ଅନ୍ୟାନ୍ୟ ନିବେଶ ଉପରେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କର ବାଲିଗୁଡ଼ା ଏସ୍‌ବିଆଇ ଶାଖାରେ ଏକ ଲକର୍ ଥିବା ମଧ୍ୟ ଜଣାପଡ଼ିଛି। ଚଢ଼ଉ ଜାରି ରହିଥିବାରୁ ସମ୍ପତ୍ତି ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। କାଶୀପୁର ସରକାରୀ ବାସଭବନ ଏବଂ ବନବିଭାଗ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ଶ୍ରୀ ସାହୁଙ୍କୁ ରାୟଗଡ଼ା ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ଅନନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ୭ଜଣ ଡିଏସ୍‌ପି, ୭ଜଣ ଇନ୍‌ସପେକ୍ଟର, ୯ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଅଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯ ସ୍ଥାନରେ ଚଢ଼ଉ**

**ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା**

## ଗୋଟିଏ ଜାଗାରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଥିଲେ ବଦଳି

ଭୁବନେଶ୍ୱର,୧୯।୯(ସମିସ): ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ବିଭାଗ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ। ୩ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ରାଜସ୍ୱ କର୍ମଚାରୀଙ୍କୁ ବଦଳି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ୩ ବର୍ଷରୁ ଅଧିକ ସମୟ ପୂରଣ କରୁଥିଲେ ସେକ୍ସନ୍ ଅଫିସର, ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସହ ଆମିନ୍, ସରକାରୀ ଆରଆଇ, ଅମିନଙ୍କର ବଦଳି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସୁଛି। ନିୟମିତ ଭାବେ କର୍ମଚାରୀଙ୍କ ବଦଳି ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ କର୍ମଚାରୀ ଗୋଟିଏ ଅଫିସ ଅବା ପଦବୀରେ ବର୍ଷ ବର୍ଷ ଧରି ରହିଛନ୍ତି। ତେଣୁ ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବିଭାଗର ନିର୍ଦ୍ଦେଶନାମା ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଭାଗକୁ ୧୫ ଦିନ ମଧ୍ୟରେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ସରକାରଙ୍କ ତଣ୍ଟିରେ ରତ୍ନ ଅଳଙ୍କାର କଣ୍ଟା

ପୁରୀ,୧୯।୯(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇଛି। ଏବେ ବି ଏହା ଉପରେ ରହିରହି ତର୍ଜମା ଚାଲିଛି। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ ଏବେ ଦୋଛକିରେ ରାଜ୍ୟ ସରକାର। ଗଣିଲେ ଦୋଷ, ନ ଗଣିଲେ ବି ବଦ୍‌ନାମ। ରାଜ୍ୟର ନୂଆ ବିଜେପି ସରକାର ତଣ୍ଟିରେ ଏବେ ରତ୍ନଅଳଙ୍କାର କଣ୍ଟା ଲାଗିଛି। ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି। ଏହାରି ଭିତରେ କେବେ ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମେଳ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରତ୍ନଭଣ୍ଡାରକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଜେପିର ଜାତୀୟସ୍ତରର ନେତାଙ୍କ ସମେତ ଅନ୍ୟ ରାଜ୍ୟର ନେତାମନ୍ତ୍ରୀମାନେ ମଧ୍ୟ ରତ୍ନଭଣ୍ଡାରକୁ ପ୍ରସଙ୍ଗ କରି ଓଡ଼ିଶାରେ ନିର୍ବାଚନ ମଞ୍ଚକୁ ଦୋହଲାଇଥିଲେ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ବୋଲି ପ୍ରଶ୍ନ କରି ପୂର୍ବର ବିଜେଡି ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ବି ରାଜ୍ୟ ବିଜେପି ନେତାମାନେ ରଡ଼ି ଛାଡ଼ିଥିଲେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ରତ୍ନଭଣ୍ଡାର ଖୋଲିବା ଏବଂ ଗଣତିମଣତି



ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କଲା। ଶେଷରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତବର୍ଷ ଜୁଲାଇ ୧୪ ଏବଂ ଜୁଲାଇ ୧୮ ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ବାହାରକୁ ଅଣାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ପରେ ଏଏସ୍‌ଆଇକୁ ଉଭୟ ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ୬ମାସ ଧରି ଚାଲିଥିଲା। ୯୫ ଦିନ ଧରି ମରାମତି କାର୍ଯ୍ୟ ପରେ ଗତ ଜୁନ୍‌ରେ ରତ୍ନଭଣ୍ଡାରକୁ ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇସାରିଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। କିନ୍ତୁ, ଏହାକୁ ନେଇ

**■ ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି**
**■ ବଦ୍‌ନାମ ହେବାର ଭୟ ଘାରୁଥିବା ଚର୍ଚ୍ଚା**

ଏବେ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସ୍ଥାୟୀ ରତ୍ନଭଣ୍ଡାର ଘରେ ରଖିବା ପୂର୍ବରୁ ରତ୍ନ ଅଳଙ୍କାର କାହିଁକି ଗଣତିମଣତି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ନେଇ ଏବେ ବିଜେପି ସରକାର ଦୋଛକିରେ ପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ, ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ବିଜେପି ନାନା ମନଗଢ଼ା କଥା କହିଥିଲା। ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଚାବି କୁଆଡ଼େ ଗଲା, ପାତାଳରେ ଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି କହିଥିଲା। ହେଲେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରତ୍ନଅଳଙ୍କାର ଗଣତିମଣତି କରିବା ଆବଶ୍ୟକତା ଥିଲା। ୧୯୭୮ ତାଲିକା ସହ ମେଳ କରାଇ ଦେଇଥିଲେ ସବୁ ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ, ତାହା କରାଯାଇନାହିଁ। ଏବେ ଅସ୍ଥାୟୀ ଘରେ ରହିଛି ରତ୍ନ ଅଳଙ୍କାର। ଯଦି ଗଣତିମଣତି କରାଯାଏ ଏବଂ ଠାକୁରଙ୍କ ଅଳଙ୍କାର ପୂର୍ବ ତାଲିକା ସହ ମେଳ ଖାଏ, ତା' ହେଲେ ବିଜେପିର ମିଛ ଧରାପଡ଼ିଯିବ। କାରଣ ରତ୍ନଭଣ୍ଡାର ଚାବି ଏବଂ ଅଳଙ୍କାର ଚୋରି ହୋଇଥିବା ନେଇ ସେତେବେଳେ ନାନାପ୍ରକାର ଚର୍ଚ୍ଚା ହୋଇଥିଲା। ଏମିତି ବି ଯଦି ପୂର୍ବ ତାଲିକା ସହ ମେଳ ନଖାଏ କିମ୍ବା କିଛି ଅଳଙ୍କାର କମ୍ ଜଣାପଡ଼ିବ, ତେବେ ବିଜେପି ସରକାରକୁ ସମସ୍ତେ ଦୋଷାରୋପ କରିବେ। କାରଣ ନିୟମ ଅନୁସାରେ ଖୋଲିବା ବେଳେ ହିଁ ଗଣତିମଣତି ବା ମାପଚୁପ୍ କରିବା କଥା, ଯାହା କରାଯାଇ ନଥିଲା। ଏଥିପାଇଁ ପୂର୍ବ ସରକାରଙ୍କୁ ଆଉ ବଦନାମ କରାଯାଇପାରିବ ନାହିଁ। ତେଣୁ, ଏମିତି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର କଣ୍ଟା ଏବେ ବିଜେପି ସରକାର ତଣ୍ଟିରେ ଲାଗିଯାଇଛି। ଯେଉଁଥିପାଇଁ ଗଣତିମଣତି ଏକପ୍ରକାର ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି।

## ଅମର୍ଦ୍ଦା ରୋଡ୍ ଏୟାରଷ୍ଟ୍ରିପ୍‌ରେ ଏମ୍‌ଆରଓ ପ୍ରତିଷ୍ଠା ଦାବି

ବାରିପଦା,୧୯।୯(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ଠାରେ ଦେଶର ପ୍ରଥମ ବିମାନ ରକ୍ଷଣାବେକ୍ଷଣ ଓ ମରାମତି କେନ୍ଦ୍ର (ଏମ୍‌ଆରଓ) ପ୍ରତିଷ୍ଠା କରିବା ପାଇଁ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ର ସରକାରଙ୍କ

**କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କଲେ ମହାରାଜା**

ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଶ୍ରୀ ଭଞ୍ଜଦେଓ ତାଙ୍କୁ ଏ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଏହାସହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କୁ ମଧ୍ୟ ଏ ସଂକ୍ରାନ୍ତୀୟ ପତ୍ର ଲେଖିଛନ୍ତି।

ଚିଠିରେ ଶ୍ରୀ ଭଞ୍ଜଦେଓ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କ ଜେଜେବାପା ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟତାରେ ରୟାଲ୍ ଏୟାରଫୋର୍ସ ପକ୍ଷରୁ ୯ ଶହ ଏକର ଜମି ଉପରେ ଉକ୍ତ ବିମାନବନ୍ଦର ନିର୍ମାଣ କରାଯାଇଥିଲା। ୩.୫ କିମି ଦୈର୍ଘ୍ୟ ବିଶିଷ୍ଟ ରନ୍‌ୱେ, ୬୦ କିମି ଦୈର୍ଘ୍ୟ ବିଶିଷ୍ଟ ଟ୍ୟାକ୍ସି-ୱେ ଏବଂ ଏପ୍ରନକୁ ନେଇ ସେତେବେଳେ ଏହା ସମଗ୍ର ଏସିଆ ମହାଦେଶର ସର୍ବବୃହତ୍ ବିମାନବନ୍ଦର ଭାବେ ଖ୍ୟାତ ଥିଲା। ମାତ୍ର ଯୁଦ୍ଧ ସରିବା ପରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯଦିଓ ଏହାକୁ 'ଉଡାନ୍' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଏହାର ବ୍ୟାପକତାକୁ ଲକ୍ଷ୍ୟ କଲେ ଏମ୍‌ଆରଓ ସ୍ଥାପନ ପାଇଁ ଏହା ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ଶ୍ରୀ ଭଞ୍ଜଦେଓ ଦର୍ଶାଇଛନ୍ତି।

ଦେଶରେ ଏମ୍‌ଆରଓ ସୁବିଧା ନଥିବାରୁ ବିମାନଚଳାଚଳ କମ୍ପାନୀଗୁଡ଼ିକ ସିଙ୍ଗାପୁର, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଉପରେ ନିର୍ଭର କରୁଛନ୍ତି। ଆମ ଦେଶର ଏୟାରଲାଇନ୍ସଗୁଡ଼ିକ ବର୍ଷକୁ ୨୦ ହଜାର କୋଟି ଟଙ୍କା ସେହି ଦେଶଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି ବୋଲି ଜାତୀୟ ଅର୍ଥନୈତିକ ସର୍ବେକ୍ଷଣ (୨୦୨୩-୨୪)ରେ କୁହାଯାଇଛି। ଏହା ଆଗାମୀ ୫ବର୍ଷ ମଧ୍ୟରେ ୩୨ହଜାର ୬ଶହ କୋଟି ଟଙ୍କାକୁ ଛୁଇଁବ ବୋଲି ଆକଳନ କରାଯାଇଛି। ତେଣୁ ଏହାକୁ ଲକ୍ଷ୍ୟ କଲେ, ଦେଶରେ ଏକ ଏମ୍‌ଆରଓ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଅତି କମ୍ ଖର୍ଚ୍ଚରେ ଏହା ଆରମ୍ଭ କରାଯାଇପାରିବ। ରାସଗୋବିନ୍ଦପୁରଠାରେ ଏମ୍‌ଆରଓ ପ୍ରତିଷ୍ଠା ହେଲେ ମୟୂରଭଞ୍ଜ ତଥା ସମଗ୍ର ଉତ୍ତର ଓଡ଼ିଶାରେ ଅସଂଖ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ଭଞ୍ଜଦେଓ ଆଶାପୋଷଣ କରିଛନ୍ତି।

## ମୃତ ଯାତ୍ରୀଙ୍କ ପରିବାରକୁ ୯ ଲକ୍ଷ କ୍ଷତିପୂରଣ ଦେବ ରେଳବାଇ

କଟକ, ୧୯।୯ (ସମିସ): ରେଳଯାତ୍ରା ବେଳେ ଯାତ୍ରୀଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରକୁ ସମବେଦନା ଏବଂ ସହାୟତା ପ୍ରଦାନ କରିବା ରେଳବାଇର ପ୍ରଥମ କର୍ତ୍ତବ୍ୟ। ଏଭଳି ପରିବାରକୁ ମକଦ୍ଦମା ଦାୟର କରିବାକୁ ବାଧ୍ୟ କରିବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉଭରଦାୟିତ୍ୱରୁ ଅବସାନ ବୋଲି ବିବେଚନା କରାଯିବ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏପରି କହିଛନ୍ତି। ଏହାସହ, ୨୦୦୬ ମସିହାରେ ରେଳଯାତ୍ରା ସମୟରେ ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ସମ୍ପର୍କୀୟଙ୍କୁ ୪ମାସ ମଧ୍ୟରେ ୯ଲକ୍ଷ ୬୧ ହଜାର ୫୬୭ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟଜିତ ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ତତ୍କର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ଭିତରେ କ୍ଷତିପୂରଣ ରାଶି ପ୍ରଦାନ କରାନଗଲେ, ୭ ପ୍ରତିଶତ ସୁଧ ବାବଦ ଅର୍ଥ ଆବେଦନକାରୀଙ୍କୁ ପଇଠ କରିବାକୁ ହେବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟେ, ଆବେଦନକାରୀଙ୍କ କ୍ଷତିପୂରଣ ଦାବି ଦରଖାସ୍ତକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବ୍ୟୁନାଲ ୨୦୨୪, ଏପ୍ରିଲ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୬, ଡିସେମ୍ବର ୨୫ରେ ଆହ୍ଲାବାଦରୁ କଟକ ଯିବା ପାଇଁ ସର୍ବେଶ୍ୱର ସ୍ୱାଇଁ ନୀଳାଚଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ଟ୍ରେନ୍ ଭିତରେ ଝଟକା ଲାଗିବା କାରଣରୁ ସେ କମ୍ପାର୍ଟମେଣ୍ଟ ଭିତରେ ଚେତା ହରାଇ ପଡ଼ିଯାଇଥିଲେ। ତାଙ୍କ ମସ୍ତିଷ୍କ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୟା ସରକାରୀ ଡାକ୍ତରଖାନାରେ ୨୦୦୬, ଡିସେମ୍ବର ୨୭ରେ ତାଙ୍କର ମୃତ୍ୟୁ ହୋଇଥିଲା।

# 'ନ୍ୟାସନାଲ ଜିଓଗ୍ରାଫିକ୍' ପ୍ରଚ୍ଛଦ ପୃଷ୍ଠାରେ ଶିମିଳିପାଳର କଳାବାଘ

ଭୁବନେଶ୍ୱର,୧୯।୯(ସମିସ): ବିଶ୍ୱର ଖ୍ୟାତନାମା ପତ୍ରିକା 'ନ୍ୟାସନାଲ ଜିଓଗ୍ରାଫିକ୍'ର ପ୍ରଚ୍ଛଦ ପୃଷ୍ଠାରେ (କଭର ପେଜ୍)ରେ ସ୍ଥାନ ପାଇଛି ଶିମିଳିପାଳର ବିରଳ କଳାବାଘ ଫଟୋ। ସାରା ବିଶ୍ୱରେ କେବଳ ଶିମିଳିପାଳରେ ଏହି ବିରଳ ପ୍ରଜାତିର କଳାବାଘ ଦେଖାଯାଉଥିଲେ। ପ୍ରସିଦ୍ଧ ଫଟୋଗ୍ରାଫର ପ୍ରସନ୍ନଜିତ ଯାଦବ ଶିମିଳିପାଳରେ ପ୍ରାୟ ୩ ମାସ ପରିଶ୍ରମ ପରେ ଏହି ଫଟୋ ଉଠାଇଥିବା ସୂଚନା ମିଳିଛି। ଶିମିଳିପାଳର ଏହି ବିରଳ କଳାବାଘ ଫଟୋ ବିଶ୍ୱପ୍ରସିଦ୍ଧ ପତ୍ରିକାରେ ପ୍ରକାଶକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ ଫଟୋଚିତ୍ରଟି ଅକ୍ଟୋବର ୨୦୨୫ ସଂସ୍କରଣରେ ପ୍ରକାଶିତ ହୋଇଛି। ନ୍ୟାସନାଲ ଜିଓଗ୍ରାଫିକ୍ ଅନୁଯାୟୀ, ଏହି ଫଟୋଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନର ଘଞ୍ଚ ଜଙ୍ଗଲରୁ ଉତ୍ତୋଳନ କରାଯାଇଛି। ବିଶ୍ୱର ଏକମାତ୍ର ସ୍ଥାନ ଭାବେ ଏଠାରେ କଳାବାଘ ଦେଖାଯାଇଥାଏ। ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଏହି ବାଘମାନଙ୍କ ଶରୀରରେ ଗାଢ଼ ପଟ୍ଟା ଥାଏ। ଶିମିଳିପାଳରେ ପ୍ରାୟ ୩୦ଟି ବାଘ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହି ପ୍ରଜାତିର। ଏପରି ଏକ ବିରଳ ପ୍ରାଣୀର ଫଟୋଚିତ୍ର




ସଂଗ୍ରହ କରିବା ସହଜ କାମ ନ ଥିଲା। କଳା ବାଘକୁ ଟ୍ରାକ୍ କରିବା ଏବଂ ନିରୀକ୍ଷଣ କରିବା ସହ ବାଘଙ୍କର ଗତିବିଧି ଓ ଆଚରଣକୁ ସତର୍କତାର ସହିତ ଅନୁଧ୍ୟାନ କରିବାକୁ ପ୍ରାୟ ୩ ମାସରୁ ଅଧିକ ସମୟ ଲାଗିଥିଲା। ସୂଚନା ଥାଉ କି, ବହୁତ କମ୍ ଭାରତୀୟ

**■ ୩ ମାସର ପରିଶ୍ରମ ପରେ ସଂଗ୍ରହ ହୋଇଛି ଫଟୋଚିତ୍ର**
**■ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା**
**■ କଳାବାଘ ସଫାରୀ ଘୋଷଣା କଥା ଉଲ୍ଲେଖ କଲେ ନବୀନ**

ଫଟୋଗ୍ରାଫର ନ୍ୟାସନାଲ ଜିଓଗ୍ରାଫିକ କଭରରେ ସ୍ଥାନ ପାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାସନାଲ ଜିଓଗ୍ରାଫିକ୍' ପତ୍ରିକାର କଭର ପେଜ୍‌ରେ ଶିମିଳିପାଳର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଦେଖି ବହୁତ ଖୁସି ଲାଗିଲା। ଶିମିଳିପାଳ ଓଡ଼ିଶାର ହୃଦୟ ଭାବେ ପରିଚିତ। ଶିମିଳିପାଳର କଳାବାଘ କାହାଣୀ ପ୍ରତି ଫଟୋଗ୍ରାଫର ଶ୍ରୀ ଯାଦବଙ୍କ ପ୍ରତିବଦ୍ଧତା ଏବଂ ସମର୍ପଣକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଭବିଷ୍ୟତ ପିଢ଼ିକୁ ଏପରି କାହାଣୀ ପ୍ରେରଣା ଦେବ ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳର ବିରଳ କଳାବାଘକୁ 'ନ୍ୟାସନାଲ ଜିଓଗ୍ରାଫିକ୍'ର କଭରପେଜ୍‌ରେ ସ୍ଥାନିତ କରାଯାଇଥିବା ଜାଣି ଖୁସି ହେଲି। ପ୍ରକୃତରେ ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଶିମିଳିପାଳରେ ହିଁ ବିଶେଷତଃ କଳାବାଘ ଦେଖାଯାଉଥିଲେ। ଏହି ମନୋରମ ପ୍ରତିଛବି ତୋଳି ଧରିଥିବାରୁ ଭାରତୀୟ ଫଟୋଗ୍ରାଫର ପ୍ରସେନଜିତ ଯାଦବଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଗତ ଜାନୁଆରୀ ୨୦୨୪ ରେ, ତତ୍କାଳୀନ ବିଜେଡି ସରକାର ବାରିପଦା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ଘୋଷଣା କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ସୌମ୍ୟାଶ୍ରୀ ଘଟଣା ପାଇଁ ଛାତ୍ର ସଂସଦ ନିର୍ବାଚନକୁ ଡରୁଛନ୍ତି ସରକାର

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କର କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

**■ ସରକାରଙ୍କ କଥା ଓ କାମରେ ତାଳମେଳ ରହୁନାହିଁ**
**■ ନିର୍ବାଚନ ନ ହେଲେ ସବୁ କ୍ୟାମ୍ପସ୍‌ରେ ଆନ୍ଦୋଳନ**



ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ନେଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନକୁ ଡରୁଛନ୍ତି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନୁଷ୍ଠାନ। ତେଣୁ ଏହି ପ୍ରସଙ୍ଗ ଉପରେ ସରକାର ନିର୍ଣ୍ଣାୟକ ନିଷ୍ପତ୍ତି ନ ନେବା ପରିତାପର ବିଷୟ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ କହିଛନ୍ତି, ବିଜେପି ସରକାରର ଦୋମୁହାଁ ନୀତି ଆପଣାଉଛି। ବିଜେଡି ସରକାରରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇ ଥିଲେ ଦେଉ ନ ଥିଲା। ଏବେ ସରକାରକୁ ଆସିବା ପରେ ଦଳ କାହିଁକି ନିରବ ରହିଛି। ଯାହା ଶିକ୍ଷାମନ୍ତ୍ରୀ କହିବା କଥା, ତାହା ଆଇନ ମନ୍ତ୍ରୀ କହୁଛନ୍ତି। ଛାତ୍ର ସଂସଦ ନିର୍ବାଚନ ହେବ; କିନ୍ତୁ ସେ ବର୍ଷ ନିର୍ବାଚନ ହେଲାନାହିଁ। ଏହାସହିତ ୨୦୨୫ ନିର୍ବାଚନକୁ ନେଇ ମଧ୍ୟ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ୍ ନିର୍ବାଚନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତା ବି ଧୂଆଁବାଣ ସାବ୍ୟସ୍ତ ହେବାକୁ ଯାଉଛି।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡ଼ିଶାର ଛାତ୍ର ସମାଜରେ ବିଜେପି ନିନ୍ଦିତ ହୋଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି। ଏଥିପାଇଁ ନିର୍ବାଚନକୁ ସରକାର ଏଡ଼େଇ ଯିବାକୁ ଚାହିଁଛନ୍ତି। ଯଦି ଆଗାମୀ ୬ ଦିନ ଭିତରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରନ୍ତି, ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ଦାସ, ଆଶିଷ ମାହୁନ୍ତ, ସଦାପ ରାଉତରାୟ, ସାଗର ପଟ୍ଟନାୟକ, ବିଭୂତି ମହାପାତ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

## ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ

କଟକ, ୧୯।୯(ସମିସ): କଟକ ଜିଲ୍ଲା ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିସନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ଅବଶିଷ୍ଟ ୯ ଲକ୍ଷ ଟଙ୍କା ଆଗାମୀ ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ। କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖିବା ଓ ବଳକା ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ଉଲ୍ଲେଖ ରହିଛି।

ଗତ ୨୦୨୬ ଡିସେମ୍ବର ୯ ତାରିଖ ମଧ୍ୟରାତିରେ ନରସିଂହପୁର ପୁଲିସ ମାଲିସାହିର ସରୋଜ ସେନାପତି ଓରଫ୍ ଅଳୁକୁ ଏକ ମାମଲାରେ ଗିରଫ କରି ଥାନାକୁ ଆଣିଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ପରଦିନ ସକାଳେ ସରୋଜଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୦୨୬ଡିସେମ୍ବର ୧୧ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ମଧ୍ୟ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ କେତେକ ବିଷୟରେ ଉଲ୍ଲେଖ ଥିବା ସହ ମସ୍ତିଷ୍କରେ ଆଘାତ ଯୋଗୁଁ ଅଳୁଙ୍କର ମୃତ୍ୟୁ ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ। ରିପୋର୍ଟରେ ଥିବା ତଥ୍ୟ ଓ ସାକ୍ଷୀମାନଙ୍କର ବୟାନ ଭିତ୍ତିରେ ପୁଲିସ ହେପାଜତରେ ମୃତ୍ୟୁ ସ୍ୱାଭାବିକ ନୁହେଁ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ପୁଲିସ ହାଜତରେ ଥିଲା ବେଳେ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ମୃତକଙ୍କ ଆତ୍ମୀୟଙ୍କୁ କ୍ଷତିପୂରଣ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସିଡିଏଓଙ୍କ ଘରୋଇ କମ୍ପାନୀ ପ୍ରୀତି

ବଲାଙ୍ଗିର,୧୯।୯(ସମିସ): ବଲାଙ୍ଗିର ଜିଲ୍ଲାରେ ସାରକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀଙ୍କୁ ସାର ଯୋଗାଇବାରେ କୃଷି ବିଭାଗ ବିଫଳ ହୋଇଛି। ବିଶେଷ କରି ସବୁଆଡ଼େ ୟୁରିଆ ସାର ସଙ୍କଟ ଦେଖାଦେଇଛି। ଏହାର ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି।

## ସାର ସଙ୍କଟ ଭିତରେ ବିବାଦୀୟ ବୟାନ

## ୟୁରିଆ ପଛରେ ନ ପଡ଼ି ନାନୋ ପ୍ଲସ୍ ବ୍ୟବହାର ପାଇଁ ପରାମର୍ଶ

## ବଜାରରେ ମିଳୁଛି ଘରୋଇ କମ୍ପାନୀ ନାନୋ ପ୍ଲସ୍

ଏହାକୁ ନେଇ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରି ସାରିଛନ୍ତି। ଏବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଘରୋଇ କମ୍ପାନୀ ପ୍ରୀତି ସାମ୍ନାକୁ ଆସିଛି। ସିଧା ସଳଖ ନିଜେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ ନାନୋ ପ୍ଲସ୍ ସାର ଜମିରେ ସିଞ୍ଚନ କରିବାକୁ ପରାମର୍ଶ ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଘରୋଇ କମ୍ପାନୀ ପ୍ରୀତି ପଦାରେ ପଡ଼ିଛି। ଗୋଟିଏ ପଟେ ୟୁରିଆ ସାର ପାଇଁ ବଲାଙ୍ଗିର ଜିଲ୍ଲାରେ ହାହାକାର ଦେଖା ଦେଇଛି। ଏଭଳି ସମୟରେ କୃଷି ଅଧିକାରୀଙ୍କ ଏହି ଦାୟିତ୍ୱହୀନ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଗୁରୁବାର ବଲାଙ୍ଗିର ବିଜେଡି ପକ୍ଷରୁ ସାର ଅଭାବକୁ ନେଇ ଆନ୍ଦୋଳନ କରାଯାଇଥିଲା। ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ ହୋଇଥିବା ବିଜେଡି ଅଭିଯୋଗ କରିଛି। ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରେ ସାର ଅଭାବରୁ ଚାଷୀ ଭୋଗୁଥିବା ଅନେକ ସମସ୍ୟାର ଦୃଶ୍ୟ ସାମ୍ନାକୁ ଆସିଛି। କେଉଁଠି ସାର ମୁଠାଏ ପାଇଁ ଚାଷୀ ରାତି ଅନିଦ୍ରା ରହୁଛି ତ ଆଉ କେଉଁଠି ଠେଲାପେଲା, ଗଣ୍ଡଗୋଳ ପର୍ଯ୍ୟନ୍ତ କଥା ଯାଇ ସାରିଲାଣି; କିନ୍ତୁ କୃଷି ବିଭାଗ ଏହାକୁ ଗୁରୁତର ସହ ନେଉନି। ବିଜେଡି ଆନ୍ଦୋଳନ କରିବା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ ସିଂ ବରିହା ଗଣମାଧ୍ୟମକୁ କହିଛନ୍ତି ଯେ, ୟୁରିଆ ପାଇଁ ଚାଷୀ ଅଯଥାରେ ହଇରାଣ ହେଉଛନ୍ତି। ସରକାରଙ୍କ ଦ୍ୱାରା ଯୋଗାଣ ହେଉଥିବା ୟୁରିଆ ସାରରେ ୩୦ ପ୍ରତିଶତ ୟୁରିଆ ରହିଥାଏ; ଯେଉଁଥିରୁ ଧାନ ଗଛ ମାତ୍ର ୧୨ ପ୍ରତିଶତ ହିଁ ନେଇଥାଏ। ତେବେ ଏହାର ବିକଳ୍ପ ମଧ୍ୟ ବଜାରରେ ଉପଲବ୍ଧ ଅଛି। ଯାହାକୁ ଚାଷୀ ବ୍ୟବହାର କରିପାରିବ ବୋଲି ସେ କହିଛନ୍ତି।






ତାଙ୍କ କହିବା ଅନୁସାରେ ଘରୋଇ କମ୍ପାନୀ ପକ୍ଷରୁ ବିକ୍ରି ହେଉଥିବା ନାନୋ ପ୍ଲସ୍ ସାରରେ ମଧ୍ୟ ୧୨ ପ୍ରତିଶତ ୟୁରିଆ ରହୁଛି। ତାକୁ ମଧ୍ୟ ଚାଷୀ ବ୍ୟବହାର କରିପାରିବେ ବୋଲି ସେ କହିଛନ୍ତି। ଚାଷୀ ସାର ନେବା ପାଇଁ ଲମ୍ବା ଲାଇନ୍ ଲଗାଇବା ବଦଳରେ ଏହାକୁ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ଜିଲ୍ଲାସ୍ତରୀୟ ଜଣେ ଅଧିକାରୀ ଏହିଭଳି ଭାବେ ଖୋଲାଖୋଲି ଘରୋଇ ସାରର ବିଜ୍ଞାପନ କରିବାକୁ ନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି। ଜିଲ୍ଲାରେ ପୂର୍ବରୁ ୟୁରିଆ ସାର ସହ ନାନୋ ପ୍ଲସ ସାର ଜୋର୍ ଜବରଦସ୍ତି ନେବା ପାଇଁ ଚାଷୀଙ୍କୁ ଚାପ ପକ ଯାଉଥିଲା। ଏପରିକି ନ ନେଲେ ୟୁରିଆ ମଧ୍ୟ ଦେବାକୁ ଡିଲରମାନେ ମନା କରୁଥିବା ଅଭିଯୋଗ ହୋଇଥିଲା। ଯଦି ଉଭୟ ସାର ଗୋଟିଏ ପ୍ରକାର ଓ ସମାନ କାମ ତେବେ କାହିଁକି ଚାଷୀଙ୍କୁ ଚାପ ପକାଇ ଏହାକୁ ଦିଆଯାଉଥିଲା ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଚାଷୀଙ୍କ କହିବା ଅନୁସାରେ ଏହି ନାନୋ ପ୍ଲସ୍ ସାର କିଛି କାମକୁ ନୁହେଁ। ଏହା ସିଞ୍ଚନ କଲେ ସେହିଭଳି କିଛି ସଫଳତା ମିଳିବାର ଆଶା ନ ଥିବା ମଧ୍ୟ ଚାଷୀ ଅଭିଯୋଗ କରିଛନ୍ତି। ଯଦି ଏହାକୁ ବ୍ୟବହାର କରିବା ପରେ ଫସଲ ନଷ୍ଟ ହୁଏ ତେବେ କିଏ ଦାୟୀ ରହିବ ବୋଲି ମଧ୍ୟ ଚାଷୀ ପ୍ରଶ୍ନ କରିଛନ୍ତି। ତେବେ ଜିଲ୍ଲା ପାଇଁ ୟୁରିଆ ସାର ୨୬ ହଜାର ଟନ୍ ରହିଛି। ଚଳିତ ବର୍ଷ ୨୯ ହଜାର ଟନ୍ ସାର ଆସିସାରିଛି। ଆହୁରି ୨ ହଜାର ଟନ୍ ସାର ଆସୁଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବରିହା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଚାଷ ପରିମାଣ ବଢ଼ି ନ ଥିବା ବେଳେ ସାର କୁଆଡେଗଲା ? ଏତେ ପରିମାଣର ଅଧିକ ସାର କିଏ ବ୍ୟବହାର କରୁଛି? ଏଥିରୁ ସ୍ପଷ୍ଟ ହେଉଛି ଯେ, ସାରକୁ ନେଇ ଜିଲ୍ଲାରେ ଏକ ବଡ଼ କାରସାଦି ଚାଲିଛି। ଏହା ସହ ଘରୋଇ କମ୍ପାନୀ ସାର ବିକ୍ରି ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଉଥିବା ମଧ୍ୟ ସ୍ପଷ୍ଟ ହୋଇଛି। ଏହାକୁ ନେଇ ପୂର୍ବରୁ ମଧ୍ୟ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରଶ୍ନ ଉଠାଇବା ସହ ତାଗିଦ୍ କରିଥିଲେ। ଘରୋଇ କମ୍ପାନୀ ସହ ସରକାର, ପ୍ରଶାସନର ବଡ ଡିଲ୍ ହୋଇଥିବା କଳିକେଶ ଅଭିଯୋଗ କରିଥିଲେ। ବର୍ତ୍ତମାନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିକ୍ରିୟା ଏହାକୁ ସ୍ପଷ୍ଟ କରିଛି।



ଟିଟିଲାଗଡ଼ରେ ରକ୍ତଦାନ ଶିବିର ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାୟକ ନବୀନ ଜୈନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

## ହରଭଙ୍ଗା କଲେଜ ପକ୍ଷରୁ ସ୍ମରଣିକା 'ପଦ୍ମତୋଳା' ଉନ୍ମୋଚିତ

ହରଭଙ୍ଗା,୧୯।୯(ସମିସ): ସ୍ଥାନୀୟ ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ପତ୍ରିକା 'ପଦ୍ମତୋଳା' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନିକାନ୍ତ ଦାସ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ।

ମୁଖ୍ୟ ବକ୍ତା ରୂପେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ସୃଜନ ସାହିତ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟର ଉନ୍ନତିରେ ସହାୟକ ହେବ ବୋଲି ବକ୍ତବ୍ୟ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷ ପ୍ରିୟନାଥ ଶର୍ମା, ଭୈରବୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶଚନ୍ଦ୍ର ତାରେନିୟା, ଅଧ୍ୟାପିକା ଶୁଭ୍ରମଲ୍ଲିକା, ଅଧ୍ୟାପକ ସୁଶାନ୍ତ ମଙ୍ଗରାଜ, ପରମାନନ୍ଦ ଡାଙ୍ଗ, ଅଧ୍ୟାପକ ଉତ୍ତମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିଥିଲେ। ପଦ୍ମତୋଳା ସମ୍ପାଦକ ଅଧ୍ୟାପକ ସୁଦାମ ପୃଷ୍ଟି ସମ୍ପାଦକୀୟ ପାଠ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ।

## ଆଦିବାସୀଙ୍କ ନୂଆଁଖାଇ ଭେଟଘାଟ

ଶଗଡା,୧୯।୯( ସମିସ): କନ୍ଧମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ବରଗାଁ ପଡିଆରେ ଆଦିବାସୀଙ୍କ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଢୋଲ ନିଶାନର ତାଳେ ତାଳେ ଗ୍ରାମ ପରିକ୍ରମା କରି ପଡିଆରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରିମୂଳ ପ୍ରଗଣା ସଭାପତି ନରୋତ୍ତମ ମଲ୍ଲିକ ଓ ସମ୍ପାଦକ ରିଙ୍କୁରାଜ ମାଝୀଙ୍କ ନେତୃତ୍ୱରେ କନ୍ଧମାଳ ବ୍ଲକର ସମସ୍ତ ଆଦିବାସୀ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଆଦିବାସୀ ସଭାପତି ବଳଭଦ୍ର କହଁର, ମୁଖ୍ୟ ବକ୍ତା ଭାବରେ ବ୍ଲକ ଆଦିବାସୀ କନ୍ଧ ଉପସଭାପତି ପିତାମ୍ବର ଭୋଇ, ସମ୍ମାନିତ ଅତିଥି ଭାବେ ସାମନ୍ତ ମାଝୀ, ବିବସ୍ୱ କହଁର, ବୌଦ୍ଧ ଆଦିବାସୀ କନ୍ଧ ସଭାପତି ଯଯାତି ନାଏକ, କପୁରଚନ ଭୋଇ, ସର୍ବସ ସାହୁ, ବାବୁଲା ନାଏକ, ମୀନକେତନ କହଁର, ଅଭିମନ୍ୟୁ ନାଏକ, ଗୋକୁଳ ଭୋଇ, ପରମେଶ୍ୱର ପଧାନ, ପଞ୍ଚାନନ କହଁର, ବଂଶୀଧର ମାଝୀ, ଦେବାର୍ଚ୍ଚନ ନାଏକ ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରିମୂଳ ପ୍ରଗଣାର ସଭ୍ୟ ଘାସିରାମ ମଲ୍ଲିକ, ଦୀନବନ୍ଧୁ ସାହୁ, ରମେଶ ମଲ୍ଲିକ, ଦଣ୍ଡଧର ଯାନୀ, ଇନ୍ଦ୍ର ଯାନୀ, ବିଜାମନ ବେହେରା, ରାବଣେଶ୍ୱର ବେହେରା, ଲୋକନାଥ ଯାନୀ, ସତ୍ୟବାନ ଦେହେରିଆ ପ୍ରମୁଖ ସହଯୋଗ କରିଥିଲେ।

## ଘୁଲୁଘୁଲାପଦରେ ବିଶ୍ୱକର୍ମା ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲଶାଗୋରା,୧୯।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ବିଶ୍ୱକର୍ମା ପୂଜା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱକର୍ମା ପୂଜା ଓ ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ଓ ପୂଜାରେ ରାଜୁ ନାଏକ ଓ ତାଙ୍କ ପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଶୋକ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ଯଜ୍ଞରେ ୮ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଡବଲଙ୍ଗ ଓ କଳାପଥର ଦଳ ମଧ୍ୟରେ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଝାରମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ



ଲୋଇସିଂହା,୧୯।୯(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଅକ୍ଷୟ ଉତ୍ସ, ଗୀତାଞ୍ଜଳି ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ଦର୍ଜି, ବାଳକୃଷ୍ଣ ଧରୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଶିକ୍ଷୟିତ୍ରୀ ସନ୍ତୋଷିନୀ ମିଶ୍ର ଓ ଓଡ଼ିଆ ଶିକ୍ଷକ ସୁଶାନ୍ତ ମେହେର ପରିଚାଳନା କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ରୀନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାହେଶ୍ୱରୀ ଆଇଟିଆଇରେ ବିଶ୍ୱକର୍ମା ପୂଜା



ଟିଟିଲାଗଡ଼,୧୯।୯(ସମିସ): ଟିଟିଲାଗଡ଼ ବାଦୁପଲାସ୍ଥିତ ମାହେଶ୍ୱରୀ ଆଇଟିଆଇରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଇଂ. ପ୍ରଦୀପ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଦେବବ୍ରତ ଛତର ଓ ତାଙ୍କ ସହଧର୍ମିଣୀ ଚିନ୍ମୟୀ ଛତର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ରିଙ୍କୁ ଯୋଶୀ ପୂଜକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ଉଭୟ ଇଲେକଟ୍ରିସିଆନ ଓ ଫିଟର ଟ୍ରେଡ଼ର ସମସ୍ତ ଛାତ୍ରଛାତ୍ରୀ ପୂଜାକାର୍ଯ୍ୟରେ ଉପସ୍ଥିତ ଥିଲେ। ମାହେଶ୍ୱରୀ ଜିଏନଏମ ଅଧ୍ୟକ୍ଷ ପିଙ୍କୁ ସାହୁ, ଗୋବିନ୍ଦ ସାହୁ, ପ୍ରୀତମ ନାଗ, ଗୋବିନ୍ଦ ପଟେଲ, ଅନିଲ ବେହେରା, ସୌମ୍ୟ ରଞ୍ଜନ ସାହୁ, ଆଶାଲତା ଭୋଇ, ଗ୍ଲୋରି ଲୁହାର, ଜୟ ବାଗ, ଗଜରା ରାଣୀ ସେଠ୍, ଶ୍ରୀକାନ୍ତ ରାଉତ, ଅନୁପ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ରଜନୀ ରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ

ବେଲପଡା,୧୯।୯(ସମିସ): ବେଲପଡା ବ୍ଲକର ଦିନରଘୁ ମେହେର ହାଇସ୍କୁଲ ଖେଳପଡ଼ିଆରେ ଦୁଇ ଦିବସୀୟ ବ୍ଲକସ୍ତରୀୟ କ୍ରୀଡ଼ା ଓ ଆଥ୍‌ଲେଟିକ୍ସ ଚାମ୍ପିୟନ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବେଲପଡା ବିଡିଓ ରାଜେଶ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ ଖେଳ ସମ୍ପାଦକ ପ୍ରମୋଦ ଠାକୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜୋନରୁ ଚୟନ ହୋଇଆସିଥିବା ୧୨୦ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନ ସଭାକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରଧାନ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଗିରିଶ ମିଶ୍ର,, ଭଲସାଗର ଭାଟି, ଖିରୋଜ ମେହେର, ସରୋଜ ବିଶ୍ୱାଳ, ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଧୀରେନ୍ଦ୍ର ନାୟକ, ସୁଦାମ ସୁନା, ଲକ୍ଷ୍ମୀ ମଲ୍ଲିକ ପ୍ରମୁଖ ଖେଳ ଶିକ୍ଷକ ସହଯୋଗ କରିଥିଲେ। ୧୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କେବଳ ୨୫ଜଣ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ।



## କାର୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

ବିନିକା,୧୯।୯(ସମିସ): ବିନିକା-ସୋନପୁର ମୁଖ୍ୟ ରାସ୍ତାର ସେଲେଡି ପେଟ୍ରୋଲ ପମ୍ପ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ କାର୍ ଧକ୍କାରେ ଜଣକର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମର ରମେଶ ଚାଉଁର ତାଙ୍କ ଗ୍ରାମର ଟୁଙ୍କୁ ସାହୁଙ୍କ ସହ ବାଇକ୍‌ରେ ନିଜ ଭଉଣୀ ଘରୁ ପଲ୍ଲାରୁଆ ଯନ୍ତ୍ର କିଣିବା ପାଇଁ ୪୦ ହଜାର ଟଙ୍କା ଧରି ଫେରୁଥିବାବେଳେ ସେଲେଡି ପେଟ୍ରୋଲ ପମ୍ପ ପାଖରେ ଏକ କାର୍ ପଛ ପଟରୁ ତାଙ୍କୁ ଧକ୍କା ଦେବାରୁ ଦୁଇଜଣ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ଟୁଙ୍କୁ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୃତ ରମେଶର ଭାଇ କିଶୋର ବିନିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ରମେଶ ଏକ ଟେମ୍ପୋ ଚଳାଇ ତାଙ୍କ ପରିବାର ପରିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଓଡ଼ିଶା ଡ୍ରାଇଭର ମହାସଂଘ ବିନିକା ଶାଖା କର୍ମକର୍ତ୍ତାମାନେ ବିନିକା ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

### କଣ୍ଟାବାଞ୍ଜି ଡାକ୍ତରଖାନାରେ ଗର୍ଭବତୀଙ୍କଠାରୁ ଲାଞ୍ଚ ନେବା ଘଟଣା

## ନାମକୁ ମାତ୍ର ତଦନ୍ତ କରି ଚୁପ୍ ସ୍ୱାସ୍ଥ୍ୟ ବିଭାଗ

କଣ୍ଟାବାଞ୍ଜି,୧୯।୯(ସମିସ): କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେରେ ଲାଞ୍ଚ କାରବାର ଉପରେ ପ୍ରଶ୍ନ ଉଠିଛି। ଘଟଣା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରିଥିଲା; ହେଲେ ଏ ନେଇ କାହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନି। ବରଂ ଏହି ଘଟଣାକୁ ଚାପି ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ କରୁଛି। ଏଥିରୁ ଏହି ଡାକ୍ତରଖାନାର କର୍ମଚାରୀଙ୍କ ପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମର୍ଥନ ରହୁଥିବା ଅନୁମାନ କରାଯାଉଛି।

ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଗତ ମାସ ଏକ ଭିଡିଓ ଭାଇରାଲ ହୋଇଥିଲା। ଲାଞ୍ଚ କାରବାର ଚାଲିଥିବା ନେଇ ଏହି ଭିଡିଓରେ ସ୍ପଷ୍ଟ ହୋଇଥିଲା। ତୁରେକେଲା ଅଞ୍ଚଳର ଜଣେ ଗର୍ଭବତୀଙ୍କ ପ୍ରସବ ପରେ ତାଙ୍କଠାରୁ ଜଣେ ସେହି ଅଞ୍ଚଳର ଆଶା କର୍ମୀ ନର୍ସ ଓ ଅନ୍ୟ ଡାକ୍ତରଙ୍କ ନାଁରେ କିଭଳି ଭାବେ ଭାଗ ବଣ୍ଟା ହେବ ସେ ନେଇ ୧୮ ସହ ଟଙ୍କା ଲାଞ୍ଚ ନେଉଥିଲେ। ଏଥିରେ ନର୍ସଙ୍କ ୫୦୦, ପ୍ରସବ କରାଇଥିବା ଡାକ୍ତରଙ୍କ ପାଇଁ ୫୦୦ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ୩୦୦ ଲେଖାଏଁ ନ ଦେଲେ କେମିତି ହେବ ବୋଲି ଭିଡିଓରେ ସଫା ସଫା କହିଥିଲେ। ତେବେ ଏହି ଭିଡିଓ ଭାଇରାଲ ପରେ ସ୍ୱାସ୍ଥ୍ୟ ବିଭାଗ ଚେଇଁଥିଲା। ଘଟଣାର ତଦନ୍ତ ପାଇଁ ଗତ ୮ ତାରିଖ ଏକ ଟିମ୍ ଡାକ୍ତରଖାନାରେ

### କାର୍ଯ୍ୟାନୁଷ୍ଠାନ ବଦଳରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ

ପହଞ୍ଚି ଖୋଳତାଡ କରିଥିଲେ। ଏଥିରେ ସଂପୃକ୍ତ ନର୍ସ ଓ ଡାକ୍ତରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଗଣମାଧ୍ୟମ ଆଗରେ କୁହାଯାଇଥିଲା; ହେଲେ ଏତେ ବଡ ଘଟଣା ହେଲା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏଥିରେ ସଂପୃକ୍ତ ନର୍ସ ଓ ଅନ୍ୟ କର୍ମଚାରୀ ଡ୍ୟୁଟି କରୁଛନ୍ତି। ତେବେ ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତ କହିଛନ୍ତି ଯେ, ତଦନ୍ତ ପରେ ଜଣେ ନର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ରାଇସ୍ ମିଲ୍‌ର ବର୍ଜ୍ୟ ଜଳରେ ପ୍ରଦୂଷିତ ଭୂତଳ ଜଳ

ବଲାଙ୍ଗିର,୧୯।୯(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକରେ ଥିବା ରାଇସ୍ ମିଲଗୁଡିକ ଯୋଗୁଁ ଭୂତଳ ଜଳସ୍ତର ଦୂଷିତ ହେଉଛି। ବ୍ଲକରେ ରାସାୟନିକ ଚାଷର ପ୍ରଭାବରେ ଲୋକଙ୍କ ଭିତରେ କ୍ୟାନସର ବଢୁଛି। ଭୂତଳ ଜଳ ପ୍ରଦୂଷିତ ହେଲେ ବିଷମ ସମସ୍ୟା ଉପୁଜିବ। ବିଶେଷ କରି ରାଇସ ମିଲ୍‌ର ବର୍ଜ୍ୟ ଜଳ ନିଷ୍କାସନ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଜଳ ପ୍ରଦୂଷଣ ହେଉଛି। ବ୍ଲକରେ ୮ରୁ ଅଧିକ ରାଇସ ମିଲ୍ ରହିଛି। ରାଇସ ମିଲ୍‌ଗୁଡିକରେ ଧାନରୁ ଚାଉଳ ବାହାର କରିବା ପାଇଁ ନାଇଟ୍ରୋଜେନ ସାର ବ୍ୟବହାର କରାଯାଉଛି। ଏହାଦ୍ୱାରା ଚାଉଳ ସଫା ହେଉଛି ଓ ଭାଙ୍ଗୁ ନାହିଁ ସତ; ହେଲେ ଏହାର ପ୍ରକ୍ରିୟାକରଣରେ ବାହାରୁଥିବା ବର୍ଜ୍ୟ ପ୍ରଭାବରେ ଜଳସ୍ତର ନଷ୍ଟ ହେଉଥିବା କୁହାଯାଉଛି। ରାଇସ ମିଲ୍‌ଗୁଡିକରେ ବାୟୁ ପ୍ରଦୂଷଣ ରୋକିବା ଓ ପାଉଁଶ ପୋଖରୀ କରିବା ପାଇଁ ପ୍ରଦୂଷଣ ବୋର୍ଡ଼ରୁ ଅନୁମତି ନିଆଯାଉଛି; ମାତ୍ର ଦୂଷିତ ଜଳକୁ ପ୍ରକ୍ରିୟାକରଣ କରି ଛାଡ଼ିବା ନେଇ ସେମିତି କିଛି ନିୟମ ନାହିଁ। ପାଉଁଶ ପୋଖରୀ ବାହାରେ ରାସ୍ତା କଡ଼ରେ ବି ପାଉଁଶ ପଡୁଛି ଓ ପାଣିରେ ମିଶୁଛି। ମିଲ୍‌ରୁ ବାହାରୁଥିବା ଜଳର ଉତ୍କଟ ଗନ୍ଧରେ ନିକଟବର୍ତ୍ତୀ ଅଞ୍ଚଳର ଜନତା ଅତିଷ୍ଠ ହେଉଥିବାବେଳେ ଏହି ଜଳ ପ୍ରଭାବରେ ଚାଷ ଜମି ନଷ୍ଟ ହେଉଛି। ପାଣି ଜମିକୁ ଭେଦି ଭୂତଳ ଜଳସ୍ତର ନଷ୍ଟ କରୁଛି। ମିଲ୍‌ଗୁଡିକ ପ୍ରଦୂଷଣ ବୋର୍ଡ ନିୟମକୁ ଖୋଲା ଉଲ୍ଲଂଘନ କରୁଛନ୍ତି। ରାଇସ ମିଲ୍ ଯୋଗୁ ନିକଟବର୍ତ୍ତୀ ଅଞ୍ଚଳରେ ଲୋକେ ରାନ୍ଧୁଥିବା ଖାଦ୍ୟ ମଧ୍ୟ କଳା ହେଇଯାଉଛି। ଦୂଷିତ ଜଳ ଯୋଗୁଁ ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଦୂଷିତ ଜଳକୁ ବିଶୁଦ୍ଧ କରିବା ପାଇଁ ପୂର୍ବରୁ ଯେଉଁ ବ୍ୟବସ୍ଥା ଥିଲା ତାହା ଏବେ ଅକାମୀ ହୋଇପଡ଼ିଛି। ଏ ବିଷୟରେ ସମ୍ବଲପୁର ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କୁ ପଚାରିବାରୁ ସେ ସବୁ ମିଲ୍‌ର ନବୀକରଣ କରାଯାଉଛି। ଜଳ ପ୍ରଦୂଷଣ ରୋକିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତେବେ ୱାଟର ଟ୍ରିଟମେଣ୍ଟ ପାଇଁ କିଛି ଅନୁମତି ନିଆଯାଉ ନାହିଁ। ସବୁ ଯେମିତି ଠିକ୍‌ଠାକ୍ ଚାଲିବ ସେଥିପାଇଁ ପ୍ରତି ମିଲର୍ସଙ୍କଠାରୁ ଚାନ୍ଦା ଅସୁଲ କରାଯାଉଛି। ମିଲର୍ସଙ୍କ ସହିତ ସଲାସୂତ୍ରରା ଯୋଗୁଁ ପ୍ରଶାସନ କୌଣସି ପ୍ରତିକାର କରୁନାହିଁ। ମିଲ୍‌ରୁ ବାହାରୁଥିବା ଜଳର ପରୀକ୍ଷା କରାଯିବା ଆବଶ୍ୟକ। ସେହିପରି ଯୋଗାଣ ବିଭାଗ ମଧ୍ୟ ମିଲର୍ ଚାଉଳ ପ୍ରସ୍ତୁତି ପାଇଁ ଧାନ ସିଝାଇବାରେ ୟୁରିଆ ସାର ବ୍ୟବହାର କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରାଯାଉନି।

● ଭାରସାମ୍ୟ ହରାଇ ପୋଲ ତଳକୁ ପଡିଲା ବାଇକ୍

## ଜଣେ ମୃତ, ଜଣେ ଗୁରୁତର

ତୁରେକେଲା,୧୯।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହଖଣ୍ଡ ଗାଁ ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ପୋଲ ତଳକୁ ଗଳି ପଡିଛି। ଏହା ଫଳରେ ଜଣକର ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଡ଼ିଆଳ ଥାନା ବଡଦେଉଳ ଗାଁର ଯୋଗୀନ୍ଦ୍ର ମାଝି। ସେ ମଲ୍ଲିକ ଦୋରୋରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସି ଫେରୁଥିଲେ। ତୁରେକେଲା ପୁଲିସ ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନାବାଳିକାଙ୍କୁ ଅପହରଣ, ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କଣ୍ଟାବାଞ୍ଜି,୧୯।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜରକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ନୂଆପଡ଼ା ଜିଲ୍ଲା କୋମନା ଥାନା ପୁନ୍ଦେଲିବାହାଲି ଗାଁର ହିମାଂଶୁ ପୁଟେଲ (୨୧)। ସରକାରୀ ଡାକ୍ତରଖାନାରେ ତାକୁ ଡାକ୍ତରୀ ମାଇନା ପରେ ବଲାଙ୍ଗିର ପକ୍ସୋ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରକାଶ କରିଛନ୍ତି।



### ବୁଢ଼ୀପଦର ପ୍ରାଥମିକ ସ୍କୁଲ

## ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ

ମୁରିବାହାଲ,୧୯।୯ (ସମିସ)

ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି ସ୍କୁଲ। ଶ୍ରେଣୀଗୃହର ଛାତରୁ ପାଣି ଗଳୁଛି। କାନ୍ଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ହେଲାଣି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଗଳୁଛି। ଏଣୁ ଅଧିକାଂଶ ସମୟ ଶିକ୍ଷାଦାନ ବନ୍ଦ ହୋଇଯାଉଛି। ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତର ବୁଢ଼ୀପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ସ୍ଥିତି ଦେଖିବାକୁ ମିଳିଛି।




ପ୍ରଧାନଶିକ୍ଷକ ଜଳଧର ମିର୍ଦ୍ଧାଙ୍କ ସୂଚନାନୁଯାୟୀ, ବୁଢ଼ୀପଦର ଗାଁରେ ୧୯୭୧ ମସିହାରେ ସରକାରଙ୍କ ଦ୍ୱାରା ଏହି ପ୍ରାଥମିକ ସ୍କୁଲ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ବାଲ୍‌ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସ୍କୁଲରେ ଗୋଟିଏ ମାତ୍ର ଶ୍ରେଣୀଗୃହ ରହିଛି। ତେବେ ବହୁ ବର୍ଷ ଧରି ଏହା ମରାମତି କରାଯାଇନି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ବିପଦପୂର୍ଣ୍ଣ କୋଠରିରେ କୁନିକୁନି ଛାତ୍ରଛାତ୍ରୀ ବସିବାକୁ ବାଧ୍ୟ ହେଉଛନ୍ତି। ଏବେ ବର୍ଷା ଋତୁ ଚାଲିଥିବାରୁ ସ୍କୁଲ ଅଧିକ ବିପଦ ଅଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ସେହିଭଳି ବିଦ୍ୟାଳୟର ନଳକୂପ ଦୀର୍ଘ ୪ ବର୍ଷ ହେଲା ଅଚଳ। ଏଣୁ ଛାତ୍ରଛାତ୍ରୀ ଗାଁ ମୁଖ୍ୟ ରାସ୍ତା ଅତିକ୍ରମ କରି ଅଙ୍ଗନବାଡିକୁ ପାଣି ପାଇଁ ଯାଉଛନ୍ତି। ବିଦ୍ୟାଳୟରେ ଗେଟ ନ ଥିବା ଯୋଗୁଁ ବୁଲା ଗାଈଗୋରୁ ଓ ରାତିରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି।

ନଳକୂପ ଓ ଗେଟ ମରାମତି ନେଇ ସରପଞ୍ଚଙ୍କୁ ପ୍ରଧାନଶିକ୍ଷକ ବହୁବାର ଜଣାଇଛନ୍ତି; ହେଲେ ଏହି ସମସ୍ୟାର ସମାଧାନ ପାଇଁ କୌଣସି ଅନୁଦାନ ନାହିଁ ବୋଲି ସରପଞ୍ଚ କହିଛନ୍ତି। ଏ ନେଇ

- ୨ ଜଣ ଶିକ୍ଷକଙ୍କ ଉପରେ ୬ଟି ଶ୍ରେଣୀର ବୋଝ
- ଗୋଟିଏ ମାତ୍ର କୋଠରିରେ ସବୁ ପିଲା ବସୁଛନ୍ତି
- ପାଣି ଗଳୁଛି; କାନ୍ଥ ଫାଟିଗଲାଣି
- ୪ ବର୍ଷ ହେଲା ନଳକୂଅ ଅଚଳ

ମୁରିବାହାଲ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତନୁ ପଡିଆରୀଙ୍କୁ ପଚାରିବାରୁ ସିଆରସିଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

■ ଲେଭେଲ-ଭି-ଏ ଶିକ୍ଷକଙ୍କ ଧାରଣା

# ଭୁଶୁଡ଼ି ପଡ଼ିଛି ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା

**କେସିଙ୍ଗା, ୧୯ ।୯ (ସମିସ):** ୪୨୦୦ ଟଙ୍କା ଗ୍ରେଡ ପେ ଦାବିରେ ଭୁବନେଶ୍ୱରରେ ଓଡ଼ିଶାର ସମସ୍ତ ଜିଲ୍ଲାର ଲେଭେଲ ଭି(ଏ) ୟୁନିଅନ ଓଡ଼ିଶା ତରଫରୁ ଲକ୍ଷ ଲକ୍ଷ ଶିକ୍ଷକଶିକ୍ଷୟିତ୍ରୀ ଗଣଧାରଣା ଦେଉଛନ୍ତି ।ଏହାର ପ୍ରଭାବ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମଧ ଦେଖିବାକୁ ମିଳିଛି । କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ଲେଭେଲ ଭି-ଏର ପ୍ରାୟ ୧୦୦ଜଣ ଶିକ୍ଷକଶିକ୍ଷୟିତ୍ରୀ ଛୁଟିରେ ରହି ଆନ୍ଦୋଳନକୁ ସହମତି ପ୍ରଦାନ କରିଛନ୍ତି । ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ଓ ଅଫିସ କାର୍ଯ୍ୟ ଠପ ହୋଇପଡ଼ିଛି ।କେସିଙ୍ଗା ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଦିନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ୧୮ ତାରିଖ ଦିନ ରାଜ୍ୟ ପ୍ୟାପି ଭୁବନେଶ୍ୱର ଗଣଧାରଣାରେ ସାମିଲ ହେବାପାଇଁ ଆଲୋଚନା ହୋଇଥିଲା । କେନ୍ଦ୍ରୀୟ ହାରରେ ୪୨୦୦ ଗ୍ରେଟ ପେ ଯେ ପର୍ଯ୍ୟନ୍ତ ସରକାର ଘୋଷଣା ନ କରିବେ ସେ ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୂଚନା ମିଳିଛି । ଯଥା ଶୀଘ୍ର ଶିକ୍ଷକ ମାନଙ୍କର ସମସ୍ୟା ର ସମାଧାନ ନ ହେଲେ ସାରା ରାଜ୍ୟରେ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ଅଚଳରେ ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି ।



ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଆରମ୍ଭ

# ୧୦ ଜିଲ୍ଲାରୁ ୫୪୩ ଖେଳାଳି ସାମିଲ

**ଭବାନୀପାଟଣା, ୧୯ ।୯ (ସମିସ)**

ଭବାନୀପାଟଣା ପୁଲିସ ରିଜର୍ଭ ପଡ଼ିଆରେ ଦୁଇ ଦିନିଆ ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୨୫ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଶୁଭାରମ୍ଭ ହୋଇଯାଇଛି । ସକାଳେ କାର୍ଯ୍ୟକ୍ରମର ପ୍ରଥମ ଚରଣରେ ମାଁ ମାଣିକେଶ୍ୱରୀ ମନ୍ଦିରରେ ମଶାଲ ପ୍ରଜ୍ୱଳନ ସହିତ ଖେଳାଳିମାନେ ଉତ୍ସାହର ସହ ଶୋଭାଯାତ୍ରାରେ ବାହାରି ଖେଳ ପଡ଼ିଆରେ ମଶାଲ ସହିତ ପହଁଚିଥିଲେ । କ୍ରୀଡା ଉତ୍ସବର ଅଂଶଗ୍ରହଣକାରୀ ଦଳମାନେ ସୁନିୟୋଜିତ ମାର୍ଚ୍ଚପାଷ୍ଟ ଏବଂ ବ୍ୟାଣ୍ଡ ପ୍ରଦର୍ଶନ ମାଧ୍ୟମରେ କ୍ରୀଡ଼ା ମହୋତ୍ସବ ପରିବେଶର ଗାମ୍ଭିର୍ଯ୍ୟକୁ ଦ୍ୱିଗୁଣିତ କରିଦେଇଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରି ରମେଶ ବିଶ୍ନୋଇ, ଆଇଏଫଏସ ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଉତ୍ତର ବନଖଣ୍ଡ, ଫରେଷ୍ଟ କର୍ମଚାରୀମାନଙ୍କ ପାଇଁ ଶାରୀରିକ ଓ ମାନସିକ ସୁସ୍ଥତା ଓ କ୍ରୀଡା ମନୋଭାବ ସହ ବନ୍ଧୁତ୍ୱ ବୃଦ୍ଧିର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ଯେଉଁମାନେ ନିରନ୍ତର ଭାବେ ଜଙ୍ଗଲ, ବନ୍ୟଜୀବ ଓ ପରିବେଶକୁ ସୁରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହା ଏକ ମହତ୍ୱପୂର୍ଣ୍ଣ ଦିଗ ବୋଲି ପ୍ରକାଶ କରିଥିଲେ । ମୁଖ୍ୟଅତିଥି ସନ୍ତୋଷ ଜୋଶୀ, ଆଇଏଫଏସ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଭବାନୀପାଟଣା ସମସ୍ତ ଅଂଶଗ୍ରହୀମାନଙ୍କୁ ଜଣେ ଜଣେ ପ୍ରକୃତ କ୍ରୀଡ଼ାବିତର ଭାବନାକୁ ଜାଗ୍ରତ କରିବା ଉଚିତ ।ତତସହିତ ସ୍ପୋର୍ଟ୍ସମ୍ୟାନ୍‌ସିପ୍ ଓ ସାହଚର୍ଯ୍ୟର ମନରେ ପ୍ରତିଯୋଗିତାରେ ପାରଦର୍ଶିତା ପ୍ରଦର୍ଶନ ପାଇଁ ଆହ୍ୱାନ କରିଥିଲେ । କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଦ୍ୱାରା ଆୟୋଜିତ ଚଳିତ ବର୍ଷର କ୍ରୀଡ଼ାମହୋତ୍ସବ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । କାରଣ ୧୦ଟି ଜିଲ୍ଲାର ୨୯ଟି ବନବିଭାଗ କାର୍ଯ୍ୟାଳୟରୁ ୫୪୩ ଅଂଶଗ୍ରହଣକାରୀ ତଥା ସହଭାଗୀତା ବାସ୍ତବିକ ନୂଆ ଇତିହାସ ସୃଷ୍ଟି କରିପାରିଛି । ପ୍ରଥମ ଦିନରେ ଟ୍ରାକ୍, ଫିଲ୍ଡ ଓ ଇଣ୍ଡୋର୍ ଇଭେଣ୍ଟ୍ରେ ରୋମାଞ୍ଚକର ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ବ୍ୟାଡମିଣ୍ଟନ୍ ଓ ଟେବଲ୍ ଟେନିସ୍‌ରେ ଭରପୁର ଉତ୍ସାହ ସହିତ ଅଂଶଗ୍ରହଣ ଓ ଦର୍ଶକଙ୍କର ଉଦବେଗ ବୃଦ୍ଧି କରିବାରେ କ୍ରୀଡ଼ାବିତମାନେ ସଫଳ ହୋଇ ସମସ୍ତଙ୍କ ଭିତରେ ଖୁସିର ଲହରୀ ଖେଳାଇ ଦେଇଥିଲେ । କ୍ରୀଡା ମହୋତ୍ସବକୁ ପରିଚାଳନା କରିଥିଲେ କଳାହାଣ୍ଡି ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଅବସରପ୍ରାପ୍ତ ଆଇପିଇ ମହେନ୍ଦ୍ର ପଣ୍ଡା, ସୁବାଷ ନାଗ, ମନୋଜ ଦାସ, ଅମିତ ମହାନ୍ତି, ସନ୍ତୋଷ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ସନ୍ତୋଷ ନନ୍ଦ ନାୟକ ଏବଂ ବନ ବିଭାଗ ପକ୍ଷରୁ ନମିତା ରଣା ।




# ଧର୍ମଗଡ଼ରେ ବିଜୁ ଜନତା ଦଳର ବୈଠକ



**ଧର୍ମଗଡ଼, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ଶୁକ୍ରବାର ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାକାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତ ଗୌର ଛତ୍ରିଆଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡିକୁ କେମିତି ତୃଣମୂଳସ୍ତରରେ ମଜବୁତ କରାଯିବ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଜୁ ଜନତା ଦଳର ନବ ନିର୍ବାଚିତ ଧର୍ମଗଡ଼ ବ୍ଲକ ସଭାପତି ଡାକେଶ୍ୱର ଲହଜଲ ଏବଂ ନଗର ସଭାପତି ମଦନ ନାଏକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଜୋନ-୧ ସଭ୍ୟ ଗୋପୀନାଥ ମହାନନ୍ଦ, ଜୋନ ୨ ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଇସାଲ, ଜୋନ ୩ ଜିଲ୍ଲାପରିଷଦ ସଭ୍ୟ ଶଙ୍କର ଜୁଏଡ଼, ପୂର୍ବତନ ନଗରପାଳ ସୁଶ୍ରୀ ହୀରା ବାଗ, ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ଖିରୋଦ ବାଗ, ନାରୀ ନେତ୍ରୀ କଲ୍ୟାଣୀ ନାଏକ, ମିଥିଳା ପୁଞ୍ଜି, ମମତା ଗୋପାଳ, ଯୁବ ସଭାପତି ଲିପୁ ମହାନ୍ତି, ଯୋଗିନ୍ଦ୍ର ସାହୁ, ସଞ୍ଜୀବ ପଣ୍ଡା, ସନ୍ତୋଷ ପାଢ଼ୀ, ଲବଣୀ ଯାଦବ ସମେତ ସମସ୍ତ କାଉନସିଲର, ପଞ୍ଚାୟତ ସଭାପତି ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ଏଟିଏମ୍ ଅଚଳରୁ ଗ୍ରାହକ ଅସନ୍ତୋଷ

**କୋକସରା, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମାଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ କିଛି ଦିନ ହେବ ଅଚଳ ହୋଇପଡ଼ିଛି । ଫଳରେ ଟଙ୍କା ଉଠାଣ କରି ନ ପାରି ବ୍ୟବସାୟୀ, କୃଷକ, ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୋକସରା ବ୍ଲକ ସଦର ମହକୁମା ମୁଖ୍ୟାଳୟ ହୋଇଥିବାରୁ ଏଠାକୁ ପ୍ରତିଦିନ ଶହ ଶହ ଲୋକେ ବିଭିନ୍ନ କାର୍ଯ୍ୟ ଲାଗି ଆସିଥାନ୍ତି । ତେବେ ଅତ୍ୟନ୍ତ ଜରୁରୀ ଆବଶ୍ୟକତା ସମୟରେ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ଏଟିଏମ୍ ଅଚଳ ଯୋଗୁଁ ଟଙ୍କା ଉଠାଣ କରି ନପାରି ଅର୍ଥ ଅଭାବରୁ ନିରାଶ ହୋଇ ଫେରିଛନ୍ତି । ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବା ବେଳେ ବିଭିନ୍ନ କାର୍ଯ୍ୟ ପାଇଁ ଟଙ୍କା ନିହାତି ଜରୁରୀ ରହିଛି । ଏଭଳି ସମୟରେ ଏଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଚଳ ଯୋଗୁଁ ଅନେକ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ଏହି ଏଟିଏମ୍ ବାରମ୍ବାର ଅଚଳ ହେଲେ ମଧ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଉ ନ ଥିବାରୁ ଗ୍ରାହକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି ।




ଲାଞ୍ଜିଗଡ଼ରେ ହାତୀ ଉପଦ୍ରବ

# ଦଳି ଚକଟି ନଷ୍ଟ କଲେ ଧାନ ଫସଲ

**ଲାଞ୍ଜିଗଡ଼, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସହରଠାରୁ ମାତ୍ର ୧ କିମି ଦୂରରେ ଥିବା ରାହୁଲ ଝିମିରି ଜଙ୍ଗଲରେ ୨୮ ଟିକିଆ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତ ରାତିରେ ଲାଞ୍ଜିଗଡ଼ ପଞ୍ଚାୟତର ଗୋଇପଟା ଗାଁ ଅଞ୍ଚଳରେ ଥିବା ଅଚ୍ୟୁତ ମାଝୀଙ୍କ ଜମିରେ ଥିବା ଧାନ ଫସଲକୁ ସମ୍ପୂର୍ଣ୍ଣ ଦଳି ଚକଟି ନଷ୍ଟ କରି ଦେଇଛନ୍ତି । ସୂଚନା ମୁତାବକ ଲାଞ୍ଜିଗଡ଼ର ପଞ୍ଚାୟତ ଗୋଇପଟା ଗାଁର ଚାଷୀ ଅଚ୍ୟୁତ ମାଝୀ ରାହୁଲ ଝିମିରି ଜଙ୍ଗଲ ନିକଟରେ ଥିବା ଜମିରେ ଧାନ ଚାଷ କରିଥିଲା । କିନ୍ତୁ ଗତ ରାତିରେ ନିକଟସ୍ଥ ରାହୁଲ ଝିମିରି ଜଙ୍ଗଲରୁ ପ୍ରାୟ ୨୮ରୁ ଊର୍ଦ୍ଧ୍ୱ ବଣୁଆ ହାତୀ ଆସି ଅଚ୍ୟୁତ ମାଝୀଙ୍କ ଧାନ ଫସଲକୁ ସମ୍ପୂର୍ଣ୍ଣ ଭାବେ ଦଳି ଚକଟି ନଷ୍ଟ କରିଦେଇଛନ୍ତି । ଅଚ୍ୟୁତ ଧାର ଉର୍ଦ୍ଧ୍ୱାର କରି ତାର ୧ ଏକର ୬୦ ଡ଼ିସିମିଲ ରେ ଧାନ ଚାଷ କରିଥିଲା । ବର୍ତ୍ତମାନ ଅଚ୍ୟୁତଙ୍କ ଧାନ କ୍ଷେତକୁ ହାତୀ ଦଳିଚକଟି ନଷ୍ଟ କରିଦେଇଥିବା ବେଳେ ବର୍ତ୍ତମାନ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି । ଧରାଣୀଧର ପଣ୍ଡାଙ୍କୁ ପଚାରିବାରୁ ଅଚ୍ୟୁତ ଧାନ ଫସଲ ହାତୀ ମାଡି ନଷ୍ଟ କରିଛନ୍ତି । କ୍ଷୟକ୍ଷତି ହୋଇଥିବା ଜମିର କାଗଜପତ୍ର ନେଇ



ଅନ୍‌ଲାଇନ କରିବାକୁ କହିଛୁ । ଅନ୍‌ଲାଇନ କଲେ ସରକାର ପକ୍ଷରୁ ଯାହା ଅନୁଦାନ ଅଛି ମିଳିବ ବୋଲି ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ଅଚ୍ୟୁତଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ବର୍ତ୍ତମାନ ମୃଷାନାଳ ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଘଟଣା ସ୍ଥଳରେ ଲାଞ୍ଜିଗଡ଼ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି ।ଏନେଇ ଲାଞ୍ଜିଗଡ଼ ବନପାଳ

# ଜୟପ୍ରକାସ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା

**ଭବାନୀପାଟଣା, ୧୯ ।୯ (ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାବାନୀପାଟଣା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ଛାତ୍ରୀମାନଙ୍କ ହିମୋଗ୍ଲୋବିନ ଓ ସିକ୍‌ଲିନ ଜନୀତ ସୂଚନା ପାଇବା ପାଇଁ ପରୀକ୍ଷା କରାଯାଇଥିଲା । ସମୁଦାୟ ୪୪ ଜଣ ଛାତ୍ରୀଙ୍କ ପରୀକ୍ଷା କରାଯାଇଥିଲା । ଅଧକ୍ଷ୍ୟ ପରମେଶ୍ୱର ମୁଣ୍ଡ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏଏନ୍‌ଏସମ୍ ନମୀତା ମାଝୀ (ଏମ୍‌ପିଏଚ୍ ଡବ୍ଲୁ ମହିଳା), ଆଶାକର୍ମୀ କୁନୀରମା ଭୋଇ, ଆଶାକର୍ମୀ ସୁବାସୀନୀ କୁନୀରମା ଭୋଇ, ଆଶାକର୍ମୀ ସୁବାସୀନୀ ବାଗ ଦିବାନସାହେବ ପଢ଼ାଙ୍କ ଦ୍ୱାରା ସମସ୍ତ ପରୀକ୍ଷା କରାଯାଇଥିଲା । ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀପ୍ରତାପ ଚନ୍ଦ୍ର ଦାଶ, ଅଧାପକ ଶୁଭେନ୍ଦୁ ପାଢ଼ୀ, ଶୁଶାନ୍ତ କୁମାର ଦାଶ(ଏନ୍‌ସିସି), ମିକୁମିକ୍ସ ନିଆଲ ଆଦି ସହଯୋଗ କରିଥିଲେ ।

# ୭୫ ୟୁନିଟ୍ ରକ୍ତ ସଂଗ୍ରହ



**ମ.ରାମପୁର, ୧୯ ।୯ (ସମିସ):** ମ.ରାମପୁର ମଣ୍ଡଳ ବିଜେପି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମ.ରାମପୁର ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ଼, ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ଜୈନ, ସମ୍ପାଦକ ନରହରି ପଟ୍ଟନାୟକ, ଯୁବ ମୋର୍ଚ୍ଚା ଉପସଭାପତି ମାନସ ଜେନା, ବରିଷ୍ଠ ବିଜେପି ନେତା ଆର୍ତ୍ତ ତ୍ରାଣ ମହାପାତ୍ର, ପଦ୍ମ ଲୋଚନ ମିଶ୍ର, ବିଜୟ କୁମାର ମହାଖୁଡ, ମୋହନ ଗିରି ମଣ୍ଡଳ ସଭାପତି ଖ୍ରୀଷ୍ଟ ଦତ୍ତ ରାଉତ୍, ଦେବଦତ୍ତ ପ୍ରହରାଜ, ନିରୋଜ ମହାଖୁଡ଼, କାର୍ଯ୍ୟକ୍ରମ ସଂଯୋଜକ ଘନଶ୍ୟାମ ଗହୀର, ଦିବାକର ବାଗ, ମୋହନ ମାନହୀରା ପ୍ରମୁଖ ଯୋଗଦେଇ ଥିଲେ । ରକ୍ତ ଭଣ୍ଡାର ତରଫରୁ ଗିରିଶ ନାୟକ, ଡମ୍ବରୁ ଧର ସାହୁ, ଡୋଳା ମଣି ମାଝୀ, ସୁବ୍ରତ ପ୍ରଧାନ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ସମୁଦାୟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ଝଙ୍କଡ଼ ପାଇକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ନୂଆପଡ଼ା/କୋମନା, ୧୯ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଦ୍ଧିକୋମନା ପଞ୍ଚାୟତ ଜଳମକଟାରେ ଝଙ୍କଡ଼ ପାଇକ ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମାଜର ଇଷ୍ଟ ଦେବୀ ମା' ଶାରଳାଙ୍କ ପିଠିରେ ଦୀପ, ଧୂପ ଦେଇ ପୂଜା କରିଥିଲେ । ତାପରେ ଝଙ୍କଡ଼ ପାଇକ ସମାଜର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସମାଜ ର ସମସ୍ତେ ସଭା ଗୃହରେ ଏକତ୍ରିତ ହୋଇ ନୂଆଁଖାଇ ଜୁହାର ଭେଟ୍‌ଘାଟ ହୋଇଥିଲେ ।ଏହି ଅବସରରେ ସମାଜର ସଭାପତିଙ୍କ ନିର୍ଦ୍ଦେଶରେ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସମାଜର ମଙ୍ଗଳ ପାଇଁ ଆଲୋଚନା ହୋଇଥିଲା । ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସାଗରିକା ନାଏକ, ବିଜ୍ଞାନ ଟପ୍ପର ସାଇ ରଶ୍ମି ନାଏକ ଓ ସ୍ୱରୂପ ରାଉତ ଜିଲ୍ଲା ଟପ୍ପର ହୋଇଥିଲେ । ସମାଜର ଏହି ତିନି ଝିଅଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ବନ୍ଧୁମିଳନ କାର୍ଯ୍ରକ୍ରମରେ ସଭାପତି ଗଜିନ୍ଦ୍ର ନାଏକ, ସମ୍ପାଦକ ଫାଲ୍ଗୁନି ରାଉତ, ଚୁଡାବେଶ ନାୟକ, ଧନିରାମ ନାଏକ, ବିବେକାନ୍ଦ ନାଏକ, ଚେତୁରାମ ପ୍ରଧାନୀ, ଓକିଲ ପ୍ରଧାନୀ, ବୀରକିଶୋର ରାଉତ, ଚଞ୍ଚଳ ନାଏକ, କାହ୍ନୁ ନାଏକ, ଅଭିରାମ ରାଉତ, ବିରଞ୍ଚି ରାଉତ, ମୁରଲୀଧର ନାଏକ, ଭାଗ୍ୟବନ୍ତ ନାଏକ, ଜୟନ୍ତ ନାଏକ, ଭୁବନେଶ୍ୱର ରାଉତ, ଚିତମନ ନାଏକ, ତେଜୁରାମ ନାଏକ, ଲୋଚନ ପ୍ରଧାନୀ ଓ ସଚିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଚିତମନ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପାତ୍ରବସା ଡ୍ରାଇଭର ସଂଘର ବିଶ୍ୱକର୍ମା ପୂଜା ସମାପନ

**କଲମପୁର, ୧୯ ।୯ (ସମିସ):** କଲମପୁର ବ୍ଲକ ପଣ୍ଡିଗାଁପଞ୍ଚାୟତ ପାତ୍ରବସା ମଣ୍ଡପରେ ପଣ୍ଡିଗାଁ ଡ୍ରାଇଭର ସଂଘର ବିଶ୍ୱକର୍ମା ପୂଜା ସମାପନ ହୋଇଯାଇଛି ।ପଣ୍ଡିଗାଁ ଡ୍ରାଇଭର ସଂଘର ସଭାପତି ଜଗନ୍ନାଥ ବାଗଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ଆୟୋଜିତ ହୋଇଥିବା ବେଳେ ୧୬ତାରିଖ ଦିନ ଗ୍ରାମର ଶତାଧିକ ଆବାଳବୃଦ୍ଧବନିତା କଳସ ଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ୧୭ତାରିଖରେ ପୂଜନ କାର୍ଯ୍ୟ ଓ ଖେଳକୁଦ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।୧୮ ତାରିଖରେ ପୁରସ୍କାର ବିତରଣ ଓ ଗୀତିନାଟ୍ୟ ପରିବେଷଣ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସୁଧିର ରାଉତ ମଞ୍ଚ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଇନ୍ଦ୍ରାବତୀ ମହା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ତୁଳସୀରାମ ରାଉତ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କରୁଣାକର ଚିନ୍ଦା ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁଶିଲ କୁମାର ରାଉତ, ସମାଜସେବୀ ସୁଶିଲ ଜୈନ, ଶିକ୍ଷକ ମନ୍ମଥ ମିଶ୍ର, ସମିତି ସଦସ୍ୟାଙ୍କ ପ୍ରତିନିଧି ହର ହଂସ, ପୂର୍ଣ୍ଣ ପାତ୍ର ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ୧୯ତାରିଖ ଅପରାହ୍ନରେ ଭଷାଣୀ ଯାତ୍ରା ସହିତ ପୂଜା କାର୍ଯ୍ୟ ସମାପନ ହୋଇଥିଲା ।ଏଥିରେ ମହେଶ୍ୱର ଦଣ୍ଡସେନା, ସୁଧିର ପ୍ରଧାନୀ, ଭୂଷଣ କେତକୀ, ରିଙ୍କୁ ରାଉତ, ଶିବ ନାଏକ, ଏକାମ୍ବର ବାଗ, ବଦ୍ରିନାଥ ଖର୍ସେଲ, ପୂର୍ଣ୍ଣ ହାତୀ, ମିଥୁନ ଦଣ୍ଡସେନା ପ୍ରମୁଖ ଡ୍ରାଇଭର ସଂଘର ସଦସ୍ୟମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବ୍ଲକ ଡ୍ରାଇଭର ସଂଘର ସଭାପତି ସମ୍ପାଦକ ସମେତ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ ।



# ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା




**ଲାଞ୍ଜିଗଡ଼, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରରେ ଶୁକ୍ରବାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼.ବିବେକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଣସଂକ୍ରାମକ, ରକ୍ତହୀନତା, ଯକ୍ଷ୍ମା, ସିକିଲସେଲ ଓ ଥାଓ ସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଋତୁ ସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ କରିବା ଉପରେ ସଚେତନ କରାଯାଇଥିଲା । ଚଳିତ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ମହିଳା ଓ ବାଳିକାମାନେ ଯୋଗଦେଇ ନିଜେ ଆଉ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଆହ୍ୱନ ଦିଆଯାଇଛି । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପୁରାଣା ମାଝୀ, ସମ୍ମାନିତ ଅତିଥିଭାବେ ଡ.ସଚି ନନ୍ଦନ ସେନାପତି, ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ । ଚକ୍ଷୁ ବିଭାଗ ଡାକ୍ତର ଯୁଧିଷ୍ଠିର ପାତ୍ର, ଦନ୍ତ ବିଶେଷଜ୍ଞ ଡ. ମନୀଷା ମିଶ୍ର ଓ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକାରୀ କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଉପଯୁକ୍ତ ସ୍ୱାସ୍ଥ୍ୟ ଯୋଗାଇଥିଲେ ।ଫାର୍ମାସିଷ୍ଟ ଆଦର୍ଶ ପାତ୍ର, ମହେନ୍ଦ୍ର ଗହୀର, ରଶ୍ମି ସେନାପତି, ସ୍ୱାସ୍ଥ୍ୟ କର୍ମୀ ରାଜଶ୍ରୀ, ମଥା ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଶାଶୂ-ବୋହୂ ମେଳି ଦ୍ୱାରା ଶିଶୁ ମୃତ୍ୟୁହାର କମିବ

**ନୂଆପଡ଼ା, ୧୯ ।୯ (ସମିସ)**

ଶାଶୁ ଓ ବୋହୁ ମାନଙ୍କ ମଧ୍ୟରେ ତାଳ ମେଳ ରହିବା ଆବଶ୍ୟକ । ଆଜିର ବୋହୂ କାଲିର ଶାଶୂ ହୋଇଥାଏ ।ଶାଶୂମାନଙ୍କ ପାଖରେ ଅଗାଧ ଅନୁଭୂତି ରହିଥାଏ । ଆଧୁନିକ ଜ୍ଞାନ କୌଶଳ ସହ ସେମାନଙ୍କ ପରାମର୍ଶ ବି ଜରୁରୀ । ତେଣୁ ଆଗାମୀ ଦିନରେ ମାସକୁ ଥରେ ଶାଶୁ ଓ ବୋହୂ ମେଳା କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ କରିଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ । ସ୍ଥାନୀୟ ଜିଲ୍ଲାପାଳଙ୍କ ସଭାଗୃହରେ ଆୟୋଜିତ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ଏହି ସିଦ୍ଧାନ୍ତ ନେଇଛନ୍ତି । ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର ଶୂନ୍ୟ କରିବା ପାଇଁ ଜିଲ୍ଲାପାଳ ଦେଇଛନ୍ତି ଆହ୍ୱାନ ଦେଇଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଯୁଗ୍ମନିର୍ଦ୍ଦେଶକ ନ୍ୟୁଟ୍ରିସନଡ. ସ୍ମୃତିଜିତ ପଟ୍ଟନାୟକ, କ୍ୱାଲିଟି କନସଲଟାଣ୍ଟ ଅବନୀ ବାବୁ, ଏଡିପିଏଚଓ ଡ.ଗୁରୁପ୍ରସାଦ ଜେନା, ଡ. ଲଳିତ ମୋହନ ବିଶି, ଡ. ଉମାକାନ୍ତ ମେହେର, ଡ.ବିଦ୍ୟାଧର ନାଗ, ଡ. ତନ୍ମୟ ତ୍ରିପାଠୀ, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ବିଭିନ୍ନ ଡାକ୍ତରଖାନା ମୁଖ୍ୟ, ବ୍ଲକସ୍ତରୀୟ ପ୍ରବନ୍ଧକ, ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ ଉପଲବ୍ଧ ସମ୍ବଳର ସଦ ବିନିଯୋଗ କରି ଆମକୁ ଜନସାଧାରଣଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ପଡ଼ିବ । ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସୂଚନା ଉପସ୍ଥାପିତ କରା ଯାଇଥିଲା । ଏବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଜିଲ୍ଲାରେ ୧୧୦ ଜଣ ଶିଶୁ ମୃତ୍ୟୁ ହୋଇଛି । ଏହି ସମୟରେ ୫୭୪୭ ଜଣ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଛି । ୫୫୨ ଜଣ ଅଢେଇ କେଜିରୁ କମ ଓଜନର ଶିଶୁ ଜନ୍ମ ହୋଇଛନ୍ତି । ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର ଶୂନ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳିତ ଭାବରେ ଉଦ୍ୟମ କରିବେ । ପ୍ରତି ମାସରେ ଶାଶୂ ବୋହୂ ମେଳା ଆୟୋଜନ କରି ସେମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କଲେ ଗର୍ଭବତୀ ଓ ପ୍ରସୂତୀ ମା' ମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିବ । ମା' ପେଟରେ ଛୁଆ କେବେ ମରିବ ନାହିଁ । ନୂଆପଡ଼ା ଜିଲ୍ଲାରେ ସେକ୍ସ ରେସିଓ ୯୭୩ ଅଛି ଯାହାକି ରାଜ୍ୟର ରେସିଓ ୯୩୪ ଠାରୁ ଅଧିକ । ଡାକ୍ତରଖାନାର ସ୍ୱଚ୍ଛତା ଓ ପରିମଳ ଉପରେ ବିଶେଷ ଗୁରୁତ୍ୱ ଦିଆଗଲା । ସମସ୍ତ ଚିକିତ୍ସାଳୟରେ ମ୍ୟୁଜିକ ଥେରାପି ପ୍ରଚଳନ କରାଯିବ । ଅମ୍ଳାନ ଯୋଜନାରେ ସମସ୍ତ କିଶୋରୀ ଓ ଗର୍ଭବତୀଙ୍କର ରକ୍ତହୀନତା ଦୂର କରାଯିବ । ଯେତେ ରୋଗୀ ଏବଂ ସେମାନଙ୍କ ପରିଜନ ମୁଖ୍ୟ ଡାକ୍ତରଖାନାକୁ ଆସୁଛନ୍ତି ସେମାନେ ଆରୋଗ୍ୟ ହେବା ସହ ଏକ ଭଲ ଅନୁଭୂତି ନେଇ ଘରକୁ ଫେରନ୍ତୁ । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତି ପାରାମିଟରରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ହେବାପାଇଁ ବିଭାଗ ପ୍ରଚେଷ୍ଟା କରୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।



ସମୀକ୍ଷା ବୈଠକରେ ଅଭିନବ ଚିନ୍ତା


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam

Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.

ସକାଳ
THE SAKALA

# ସମ୍ପାଦକୀୟ



ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ ।
-ଆନି ବେସାନ୍ତ

## ଲଘୁ ଖଣିଜ ସମ୍ପଦ ଲୁଟ୍

ଆମ ରାଜ୍ୟରୁ ଲଘୁ ଖଣିଜ ଚୋରାଚାଲାଣ ସମସ୍ତ ନିୟନ୍ତ୍ରଣକୁ ଅତିକ୍ରମ କରିଯାଇଛି । କ୍ଷମତା କେନ୍ଦ୍ରର କଠୋର କଟକଣା ଓ ନିର୍ଦ୍ଦେଶର କ୍ରମାଗତ ଉଲ୍ଲଙ୍ଘନରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ଚୋରା ଚାଲାଣକାରୀ ମାଫିଆଙ୍କ ସହ ଅସାଧୁ ମେଣ୍ଟର ଉଚ୍ଚସ୍ତରରେ ସଂପର୍କ ଥିବାରୁ ରାଜ୍ୟର ବିପୁଳ ରାଜସ୍ୱହାନି ଘଟୁଛି । ଏପରିକି କ୍ଷମତାକେନ୍ଦ୍ର ସହ ସଂଶ୍ଳିଷ୍ଟ ଦଳର ବରିଷ୍ଠ ନେତା ଏହି ଚୋରା ଚାଲାଣ ନେଇ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କୌଣସି ପ୍ରଭାବ ତୃଣମୂଳ ସ୍ତରରେ ପଡୁନାହିଁ । ଏ ବାବଦରେ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ୬୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ଶାସନକଳର ଚରମ ଉଦାସୀନତା ସବୁରି ମହଲରେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ମାର୍ଚ୍ଚମାସରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପଥର, ବାଲି ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶେଷକରି ନିୟମିତ ଚଢ଼ଉ ପାଇଁ ଦେଇଥିବା ନିର୍ଦ୍ଦେଶ ପ୍ରତି ଏପର୍ଯ୍ୟନ୍ତ ଉଚିତ ଧ୍ୟାନ ଦିଆଯାଇଥିଲା ଭଳି ମନେହେଉନାହିଁ । ଏହି ଖଣିଜ ସଂପଦର ନୂଆ ଉତ୍ସ ଚିହ୍ନଟ କରି ଅତିରିକ୍ତ ରାଜସ୍ୱ ଆଦାୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ । ଫଳରେ ଖଣି ମାଫିଆ ସେମାନଙ୍କ କାର୍ଯ୍ୟ ପରିସର ବଢ଼ାଇ ନିର୍ବାଧରେ ଚୋରା ଚାଲାଣ କରୁଛନ୍ତି । ଏକଥା ସତ ଯେ ଏହି ଲୁଟତରାଜ ରୋକିବା ପାଇଁ ମିଳିତ ଚଢ଼ଉର ଆବଶ୍ୟକତା ରହିଛି । ପୁଲିସ, ତହସିଲ, ଖଣି ଓ ଆବଶ୍ୟକ ସ୍ଥଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ଜରୁରୀ ହୋଇପଡ଼ିଛି । ନିୟମିତ ଭାବେ ମିଳିତ ଚଢ଼ାଉ କଲେ ଚୋରା ଚାଲାଣକୁ ରୋକିହେବ । ପରିସ୍ଥିତି ଏପରି ହୋଇଛି ଯେ ଚଢ଼ଉ ବେଳେ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ ଚମକ ଦେଇ ଖଣି ମାଫିଆ ନିଜ ଶୈଳୀରେ ଚୋରା ଚାଲଣ ଜାରି ରଖିଛନ୍ତି । ବେଳେ ବେଳେ ମନେହୁଏ ସେମାନଙ୍କର ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ଥିବାରୁ ନିମ୍ନସ୍ତରର କ୍ଷମତାଧାରୀ ନିଜକୁ ଅସହାୟ ମନେ କରୁଛନ୍ତି । ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସମସ୍ତେ ନିଜ ନିଜ ଢଙ୍ଗରେ ହାତ ଚିକ୍କଣ କରି ନିରବ ରହୁଛନ୍ତି । ଏହି ବାସ୍ତବ ଦିଗ ପ୍ରତି ଉପରୁ ନିର୍ଦ୍ଦେଶ ଦେଉଥିବା କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ କେବଳ କାଗଜ କଲମରେ ଚାଷ ହେଉଛି ସିନା ଚୋରା ଚାଲାଣ ରୋକି ହେଉନାହିଁ ।

ପୁଲିସ-ତହସିଲ-ଖଣି ବିଭାଗର ମଧୁଚନ୍ଦ୍ରିକା ସଂପର୍କରେ ଯାହା କୁହାଯାଉଛି ତାହା ଯେ ସଂପୂର୍ଣ୍ଣ ରୂପେ ବିଭ୍ରାନ୍ତକର ଏକଥା ନୁହେଁ । ଏବାବଦରେ ହେଉଥିବା ରାଜସ୍ୱ ହରିଲୁଟ ପଛରେ ଯେଉଁ ପ୍ରଭାବଶାଳୀ ବର୍ଗ ଅଛନ୍ତି ସେମାନଙ୍କ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁନାହିଁ । ତଳଠାରୁ ଉପରସ୍ତର ପର୍ଯ୍ୟନ୍ତ ଏବାବଦରେ ଆଦାୟ ହେଉଥିବା ଅର୍ଥର ଅଂଶୀଦାର ଅଛନ୍ତି । ଅନେକ କ୍ଷେତ୍ରରେ ଖଣିମାଫିଆଙ୍କ ପ୍ରତି ରାଜନେତାଙ୍କ ଆଶୀର୍ବାଦ ଥିବାରୁ ସେମାନେ ନିର୍ଭୟରେ ଲଘୁ ଖଣିଜ ଲୁଟି ଚାଲିଛନ୍ତି । ଧର ପଗଡ଼ ବେଳେ ସେମାନେ କର୍ତ୍ତୃପକ୍ଷଙ୍କୁ ପାଲଟା ନାଲିଆଖି ଦେଖାଇ ଚମ୍ପଟ ମାରୁଛନ୍ତି । ଏଭଳି ପରିସ୍ଥିତିରେ କିଏ କାହାକୁ ରୋକିବ? ଲଘୁ ଖଣିଜ ସମ୍ପଦ ବ୍ୟାପାରରେ ବାଡ଼ି ଫସଲ ଖାଇବା ନୀତି ଅନୁସରଣ କରାଯାଉଥିବାରୁ ରାଜସ୍ୱ ହାନି ଘଟିବା ସ୍ୱାଭାବିକ ।

## ବିପଦରେ ପ୍ରବାସୀ ଭାରତୀୟ

ଆମଦେଶର ପ୍ରାୟ ୪କୋଟି ଲୋକ ବିଦେଶରେ ଅବସ୍ଥାନ କରୁଛନ୍ତି । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦୈନିକ ହାରାହାରି ୭୦୦ ଭାରତୀୟ ଦେଶ ଛାଡୁଛନ୍ତି । ସମ୍ପନ୍ନ ପରିବାରରେ ବିଶେଷତଃ ଏହି ମାନସିକତା ପରିଲକ୍ଷିତ ହେଉଛି । ଏହି ପ୍ରବାସୀ ଭାରତୀୟ ଏଠାରେ ଥିବା ନିଜ ପରିବାର ଓ ପରିଜନଙ୍କ ସକାଶେ ନିୟମିତ ପଠାଉଥିବା ଡଲାର ଆମ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି । ସେମାନଙ୍କ ନିକଟରୁ ଗତ ବର୍ଷ ୧୩୬ ବିଲିୟନ ଡଲାର ଭାରତକୁ ଆସିଛି । ଆମ ଜିଡିପିରେ ଏହାର ଅବଦାନ ୩.୪ ପ୍ରତିଶତ । ଏହାଛଡ଼ା ଗଚ୍ଛିତ ବୈଦେଶିକ ବିନିୟମ ମୁଦ୍ରା ଅଭିବୃଦ୍ଧିରେ ସେମାନଙ୍କ ଦ୍ୱାରା ପ୍ରେରିତ ଡଲାରର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏସବୁ ଉଲ୍ଲେଖ କଲାବେଳେ ସ୍ୱତଃ ମନରେ ଉଙ୍କିମାରେ ସମ୍ଭ୍ରାନ୍ତ ଓ ସମ୍ପନ୍ନ ପରିବାର ଭାରତର ତଥାକଥିତ ପ୍ରଗତିରେ ଅଂଶୀଦାର ନହୋଇ କାହିଁକି ଦେଶ ଛାଡୁଛନ୍ତି । ଏ ସଂପର୍କରେ ଏପର୍ଯ୍ୟନ୍ତ ଆମ ଦେଶରେ କୌଣସି ତାଜା ସମୀକ୍ଷା ହୋଇନାହିଁ । ସେମାନଙ୍କ ତଥାକଥିତ ରେମିଟାନ୍ସରେ ହିଁ ଆମେ ସନ୍ତୁଷ୍ଟ ଥିଲା ଭଳି ମନେ ହେଉଛି ।

ଏବେ ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ଏହି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଥିବା ରାଷ୍ଟ୍ରରେ ମୁଣ୍ଡ ଟେକିଥିବା ଅତିବାଦୀ ଦକ୍ଷିଣପନ୍ଥୀଙ୍କ ବହିରାଗତ ବିଦ୍ୱେଷୀ ଆନ୍ଦୋଳନ । ଏହି ପ୍ରବାସୀଙ୍କ ଅବସ୍ଥାନ ଫଳରେ ମୂଳବାସିନ୍ଦା ନିଯୁକ୍ତି ସୁଯୋଗରୁ ବଂଚିତ ହେବା ସହ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି । ସମଗ୍ର ବିଶ୍ୱରେ ଦକ୍ଷିଣପନ୍ଥୀ ମାନସିକତାର ଅଭ୍ୟୁଦୟ ଘଟିଥିବାରୁ ସେମାନଙ୍କ ଆନ୍ଦୋଳନ ଓ ହିଂସା, କ୍ଷମତାସୀନ ସରକାର ପ୍ରତିକୂଳ ଅର୍ଥନୀତିର ମୁକାବିଲା କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି । ପ୍ରବାସୀ ଭାରତୀୟ ବିରୋଧୀ ଆନ୍ଦୋଳନ ଅଷ୍ଟ୍ରେଲିଆ ପରେ ବ୍ରିଟେନରେ ତୀବ୍ର ହେବାରେ ଲାଗିଛି । ଗତ ଶନିବାର ଲଣ୍ଡନରେ ଦେଢ଼ଲକ୍ଷ ମୂଳବାସିନ୍ଦା ଟମ୍ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ବହିରାଗତଙ୍କୁ ବହିଷ୍କାର ଦାବି କରିଥିଲେ । ଏହା ମୁଖ୍ୟତଃ ଥିଲା ପ୍ରବାସୀ ଭାରତୀୟଙ୍କ ବିରୋଧରେ । ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ୨୬ ବରିଷ୍ଠ ଅଧିକାରୀ ହିଂସାକାଣ୍ଡରେ ଆହତ ହୋଇଛନ୍ତି । ଏହି ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏଲନ ମସ୍କ କହିଛନ୍ତି – ମାଡ଼ି ଆସୁଛି ହିଂସା ମୁକାବିଲା କର, ନହେଲେ ମୃତ୍ୟୁକୁ ଆଦରି ନିଅ । ଲଣ୍ଡନରେ ଉପୁଜିଥିବା ଏହି ପରିସ୍ଥିତିର କିଛିଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବହିଷ୍କାର ଦାବି କରି ମୁଣ୍ଡ ଟେକିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା । ଏହି ବହିରାଗତଙ୍କ ଭୋଟ ଉପରେ ନିର୍ଭରଶୀଳତା ଦୃଷ୍ଟିରୁ ସରକାର କଠୋର ଦମନ ନୀତି ମାଧ୍ୟମରେ ଆନ୍ଦୋଳନକୁ ଚପାଇଦେଇଥିଲେ ମଧ୍ୟ ପରିସ୍ଥିତି ସୁଧୁରିନି । ଅନୁରୂପ ପରିସ୍ଥିତି ଆୟର୍ଲାଣ୍ଡରେ ମଧ୍ୟ ଅନୁଭୂତ ହୋଇଛି । ସବୁ ଦେଶରେ ମୂଳ ବାସିନ୍ଦାଙ୍କ ସେହି ଏକା ଦାବି । ଆମେରିକା ଓ କାନାଡ଼ା ସ୍ଥିତି ସଂପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନାବଶ୍ୟକ । ନିକଟରେ ଆମେରିକାରୁ ଦକ୍ଷିଣ କୋରିଆ ପ୍ରବାସୀଙ୍କୁ ବହିଷ୍କାର କରାଯାଇଛି । ଏହାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ସେବା ଓ ସହଯୋଗର ଆବଶ୍ୟକତା ଦେଶରେ ରହିଛି ।

ଏକଥା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ପଡ଼ୋଶୀ ନେପାଳ ଓ ବାଂଲାଦେଶରେ ଭାରତୀୟଙ୍କ ବିରୋଧରେ କ୍ରମାଗତ ହିଂସା ଉପୁଜୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ପାରୁନି । କେବଳ ସୀମାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି । ନେପାଳ ସହ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ଥିଲେ ମଧ୍ୟ ଭାରତୀୟଙ୍କ ପ୍ରତି ଆକ୍ରୋଶମୂଳକ ହିଂସା ର କୌଣସି ଉତ୍ତର ଆମ ପାଖରେ ନାହିଁ ।

## ନିର୍ବାଚନ ରଣାଙ୍ଗନରେ ଶବ୍ଦର ଯାଦୁ

**ଜିତୁ ନାଥ**

ସମ୍ପ୍ରତି ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ 'ଭୋଟ ଚୋରି' ପରି ଏକ ଆକର୍ଷଣୀୟ ଉତ୍କଣ୍ଠାପୂର୍ଣ୍ଣ ଶବ୍ଦକୁ ମତଦାତାଙ୍କ ମାନସିକ ଭାବନା ସହ ଯୋଡ଼ିବାକୁ ବିରୋଧୀ ଦଳ ନେତା ପ୍ରୟାସ କରୁଛନ୍ତି । ପରିବର୍ତ୍ତିତ ପରିସ୍ଥିତିରେ ଅନ୍ୟାନ୍ୟ ବିରୋଧୀ ଦଳର ନେତାମାନେ ଏହାକୁ ଜାତୀୟ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ବାରମ୍ବାର ଉଚ୍ଚାରଣ କରି ଏହାର ଗୁରୁତ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି । ବିହାରରେ ଚାଲିଥିବା 'ଭୋଟର ଅଧିକାର ଯାତ୍ରା'ରେ ଏହି ଶବ୍ଦକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଭୋଟ ଚୋରି ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ବିପନ୍ନ ଏବଂ ବିହାର ମତଦାତାଙ୍କ ସର୍ବନିମ୍ନ ଅଧିକାରକୁ ଛଡ଼େଇ ନେବାର ପ୍ରୟାସ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ କରୁଛନ୍ତି ବୋଲି ପ୍ରଚାର କରାଯାଉଛି । ଏହି ଶବ୍ଦ ବର୍ତ୍ତମାନ ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହିସାବରେ ଗ୍ରହଣ କରାଯାଇଛି ଏବଂ ଏହାର ସଫଳତା ପାଇଁ ବିଭିନ୍ନ ମାଧ୍ୟମ ଅବଲମ୍ବନ କରାଯାଉଛି । ଏପରି ସ୍ଲୋଗାନ, ଶବ୍ଦ, ଶବ୍ଦପୁଞ୍ଜ, ସଂଳାପ, ପଂକ୍ତି, ଲୋକକଥା ବେଳେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ଭୋଟରଙ୍କ ଭାବାବେଗକୁ ନିୟନ୍ତ୍ରଣ କରିଥାଏ ଏବଂ ନିର୍ବାଚନର ଫଳାଫଳକୁ ନିର୍ଦ୍ଧାରଣ କରିଥାଏ ।

ସ୍ୱାଧୀନତା ପରର ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଅଦ୍ୟାବଧି ଦେଶର କେନ୍ଦ୍ର ସରକାର ବା ପ୍ରାଦେଶିକ ସରକାରଙ୍କ ଗଠନରେ ଏପରି ସ୍ଲୋଗାନର ଯଥେଷ୍ଟ ଭୂମିକା ଥିବାର ପ୍ରମାଣ ରହିଛି । ସ୍ଲୋଗାନ ମାଧ୍ୟମରେ ଦଳର ମୁଖ୍ୟ ପ୍ରଚାରକ ଏକ ଦୃଢ଼ ବାର୍ତ୍ତା ଦିଅନ୍ତି, ଯାହା ଭୋଟରକୁ ଉତ୍ସାହିତ କରିଥାଏ । ଏହାଦ୍ୱାରା ଭୋଟଦାନର ହାର ମଧ୍ୟ ବଢ଼ିବାର ସମ୍ଭାବନା ଥାଏ । ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ଆଭିମୁଖ୍ୟକୁ ବହୁ ସହଜରେ ନିର୍ବାଚନ କ୍ଷେତ୍ରର କୋଣ ଅନୁକୋଣରେ ପହୁଞ୍ଚାଇଥାଏ । ସମୟ ସମୟରେ ରାଜନୈତିକ ଅସ୍ଥିରତା, ଆଶା-ଆଶଙ୍କା ମଧ୍ୟରେ ଏପରି ସ୍ଲୋଗାନ ମଧ୍ୟ ମତଦାତାଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ ରହିଥାଏ ।

ଗତ ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା । ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହ ମନୀଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ ପ୍ରମୁଖ ବହୁ ପ୍ରଭାବଶାଳୀ ନେତାଙ୍କ ପରାଜୟ ବହୁ ରାଜନୀତି ବିଶାରଦଙ୍କ ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରିଥିଲା । ଏହି ଫଳାଫଳର ବିଭିନ୍ନ କାରଣମାନଙ୍କୁ ତର୍ଜମା କଲା ବେଳେ ଅନ୍ୟସବୁ ପ୍ରସଙ୍ଗ ତୁଳନାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରଚାରଶୈଳୀ, ପ୍ରସାର ମାଧ୍ୟମ ଓ ନ୍ୟାରେଟିଭ ଗଠନ ବିଶେଷ ଗୁରୁତ୍ୱ ବହନ କରେ । ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'କୁ 'ଆପଦା' ଅର୍ଥାତ ବିପଦ ସହ ଯୋଡ଼ିବା ବିଜେପିର ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ବୋଲି ବିବେଚନା କରାଯାଉଛି ।

ସ୍ୱାଧୀନ ଭାରତରେ ୧୯୭୧ ମସିହା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର 'ଗରିବୀ ହଟାଓ' ନାରା ସାରା ଦେଶରେ ଗୁଞ୍ଜରିତ ହୋଇଥିଲା । ୨୦୧୪ରେ 'ଅଚ୍ଛେଦିନ ଆ ରହେ ହିଁ' କାମ ଦେଇଥିଲା । ଏହା ଆମ ଦେଶରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସ୍ଲୋଗାନ ଭାବେ ପରିଗଣିତ । ୧୯୯୬ ମସିହା ନିର୍ବାଚନରେ 'ଅବ କି ବାରି ଅଟଳ ବିହାରୀ' କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ କରିପାରିଥିଲା । ୨୦୧୯ ମସିହାର 'ଫିର ଏକ ବାର ମୋଦୀ ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ ନେତୃତ୍ୱ ନେବାର ଶ୍ରେଷ୍ଠତ୍ୱକୁ ସମ୍ମୁଖରେ ରଖି ମତଦାତାଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲା । ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ 'ବଟେଙ୍ଗେ ତୋ କଟେଙ୍ଗେ', 'ଏକ ହେ ତୋ ସେଫ ହେ' ସ୍ଲୋଗାନ୍ ସେହି ସମୟରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ଭବିଷ୍ୟ ଉପରେ ସଚେତନ କରାଇ ମତଦାତାଙ୍କ ନିକଟତର ହୋଇପାରିଲା ।

ଗଣତାନ୍ତ୍ରିକ ପର୍ବ ନିର୍ବାଚନର କିଛି ସ୍ଲୋଗାନ ମଧ୍ୟ ଏପରି ରହିଛି, ଯାହା ଦଳ ବା ନେତୃତ୍ୱର ବିରୋଧରେ କାମ କରିଛି ବା ବିରୋଧୀ ଦଳ ପାଇଁ ଫାଇଦା ଆଣିଛି । ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାରଙ୍କର 'ଅବ କି ବାର, ୪୦୦ ପାର' ଏହାର ସଦ୍ୟତମ ଉଦାହରଣ । କିଛିବର୍ଷ ପୂର୍ବେ ଗୁଜୁରାଟରେ ବିଜେପି ବିରୋଧରେ ବିରୋଧୀ ଦଳଙ୍କ 'ମୌତ କି ସୌଦାଗର', ବିହାର ନିର୍ବାଚନରେ ଡିଏନଏ ପ୍ରସଙ୍ଗରେ ଆକ୍ଷେପ ବିରୋଧୀଙ୍କ ବିପକ୍ଷରେ ଯାଇଛି । 'ଚୌକିଦାର ଚୋର ହେ' ବଦଳରେ 'ମେଁ ଭି ଚୌକିଦାର' ଅଧିକ ସଫଳତା ଆଣିଦେଇଥିବାର ଦୃଷ୍ଟାନ୍ତ ରହିଛି । ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ନେତାମାନଙ୍କ ନାଁରେ ହୋଇଥିବା ସ୍ଲୋଗାନ, ଯେପରିକି - 'ଇନ୍ଦିରା ଲାଓ, ଦେଶ ବଚାଓ', 'ଫିର ଏକ ବାର ମୋଦୀ ସରକାର' ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି ।

ଆମ ଓଡ଼ିଶାରେ ମଧ୍ୟ ଏପରି ବହୁ ରୋଚକ ଶବ୍ଦ ବା ସ୍ଲୋଗାନ ମତଦାନକୁ ପ୍ରଭାବିତ କରିଥିବାର ଉଦାହରଣ ରହିଛି । 'ହଜାରେ ଦିନରେ ହଜାରେ ଶିଳ୍ପ'ର କଥା କହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଲୋକଙ୍କୁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ ଏବଂ କ୍ଷମତାସୀନ ହୋଇଥିଲେ । 'ଆପଣ ମାନେ ଖୁସି ତ' - ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ପ୍ରମୁଖ ସ୍ଲୋଗାନ ଥିଲା । ସ୍ୱଳ୍ପ ବକ୍ତବ୍ୟ ପାଇଁ ପ୍ରସିଦ୍ଧ ନବୀନ ବାବୁଙ୍କ ଏହି ଧାଡ଼ିକିଆ ଉକ୍ତିରେ 'ସେ ସାଧାରଣ ଓଡ଼ିଆଙ୍କ ଭଲମନ୍ଦ ଜାଣିବାର ପ୍ରୟାସ କରୁଛନ୍ତି' - ଏହା ଲୋକମାନଙ୍କ ମନକୁ ଛୁଇଁଲା ଏବଂ ତାହା ଭୋଟରେ ପ୍ରତିଫଳିତ ହୋଇଥିଲା । ୨୦୨୪ ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ଏପରି ଏକ ଶବ୍ଦପୁଞ୍ଜ ଥିଲା, ଯାହାର ମନସ୍ତାତ୍ତ୍ୱିକ ପ୍ରଭାବ ସାଧାରଣ ମତଦାତା ଉପରେ ପଡ଼ିଲା ଏବଂ ଭୋଟରେ ପରିଣତ ହେଲା । ସ୍ଥଳବିଶେଷରେ ଛୋଟ ଛୋଟ ରୁଢ଼ି, ଢଗ, ଲୋକକଥା ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରେ । ଗତ ନିର୍ବାଚନରେ, 'ଲେଖା ଛିଡ଼ିବା' ଏହାର ଏକ ଉଦାହରଣ ।

ଏପରି ସ୍ଲୋଗାନ କେବଳ ଭାରତୀୟ ନିର୍ବାଚନ ନୁହେଁ, ବରଂ ବିଶ୍ୱର ବହୁରାଷ୍ଟ୍ରର ନିର୍ବାଚନକୁ ପ୍ରଭାବିତ କରିଛି । ଆବ୍ରହାମ ଲିଙ୍କନଙ୍କ ଉକ୍ତି, 'ବିଭାଜିତ ଗୃହ କେବେ ସ୍ଥିର ରୁହେନା' - ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥିରତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭୋଟରଙ୍କୁ ଖୁବ ପ୍ରଭାବିତ କରିଥିଲା । ରୁଜଭେଲଟଙ୍କ 'ସୁଖର ଦିନ ଆସୁଛି' ଫଳପ୍ରଦ ହୋଇଥିଲା । ବାରାକ ଓବାମାଙ୍କ 'ହଁ, ଆମେ ପାରିବା' ତାଙ୍କୁ ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି କରାଇଲା । ଡୋନାଲଡ ଟ୍ରମ୍ପଙ୍କର 'ମାଗା' ସ୍ଲୋଗାନ ଆମେରିକା ଅସ୍ମିତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି କରାଇଲା । କ୍ୟୁବାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଫିଡେଲ କାଷ୍ଟ୍ରୋ 'ଜନ୍ମଭୂମି କିମ୍ବା ମୃତ୍ୟୁ' ର ସ୍ଲୋଗାନ ଦେଇ ଦୀର୍ଘକାଳ କ୍ଷମତାସୀନ ହୋଇପାରିଥିଲେ ।

ସମ୍ପ୍ରତି ବିଜ୍ଞାନର ପ୍ରଗତି ଅନୁସାରେ ପ୍ରଚାରପତ୍ର ବଦଳରେ ଭାରତୀୟ ନିର୍ବାଚନରେ ଇଣ୍ଟରନେଟ ମୁଖ୍ୟ ମାଧ୍ୟମ ପାଲଟିଛି । 'ଏକ୍ସ'ରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ଶୈଳୀ, ନୂଆ ଢାଞ୍ଚାରେ ସେହି ସମାନ ଶବ୍ଦର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରାଯାଉଛି । ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ସୁଦ୍ଧା ଦେଶର ପଞ୍ଚାନବେ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ ସଂଯୋଗ କରାଯାଇଛି । କୁହାଯାଉଛି ଦେଶର ପଞ୍ଚାଅଶୀ ପ୍ରତିଶତ ପରିବାରଙ୍କ ପାଖରେ ସ୍ମାର୍ଟଫୋନ ପହଞ୍ଚି ସାରିଲାଣି । ସୁତରାଂ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ଏହି ନିର୍ବାଚନୀ ଆୟୁଧ - 'ଶବ୍ଦପୁଞ୍ଜ'ର ପ୍ରଚାର, ପ୍ରସାର ପାଇଁ ମୋବାଇଲ ଫୋନକୁ ମୁଖ୍ୟ ମାଧ୍ୟମ କରିଛନ୍ତି । ଚିତ୍ର, ଛାୟାଚିତ୍ର, କ୍ଷୁଦ୍ର ଗୀତ, ସଂଳାପ, ନାଟକ ମାଧ୍ୟମରେ ଲୋକଙ୍କ ମନକୁ ଆକର୍ଷିତ କଲା ପରି ସଂଯୋଜନା କରି ଏହି ଶବ୍ଦର ଗୁରୁତ୍ୱ ବୃଦ୍ଧି କରାଯାଉଛି । ସରକାରୀ ଦଳର ବିଭିନ୍ନ ଲୋଭନୀୟ ଯୋଜନା ସହ ବିରୋଧୀ ଦଳର ସମାଲୋଚନା ଏବଂ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଏହି ଶବ୍ଦର ସଠିକ ନିରୂପଣ ଓ ବ୍ୟବହାର ଯେ ନିର୍ବାଚନ ରଣାଙ୍ଗନର ଅନ୍ୟତମ ପ୍ରମୁଖ ଅସ୍ତ୍ର, ଏହା ଅନସ୍ୱୀକାର୍ଯ୍ୟ ।

ଭୁବନେଶ୍ୱର, ମୋ: ୯୪୩୭୩୬୦୮୬୬

## ପ୍ରାକ୍‌ପ୍ରସ୍ତୁତି ଲକ୍ଷ୍ୟ ହାସଲକୁ ସହଜ କରେ

**ଡ. ଉଷାରାଣୀ ଦାଶ**

ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିବର୍ଷ ବାଦଲଫଟା ବର୍ଷା, ତଦ୍‌ଜନିତ ବନ୍ୟା, ହିମବାହ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେଠାକାର ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି । ଏପରି ପରିସ୍ଥିତିରୁ ସୁରକ୍ଷା ପାଇଁ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ । ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶ ଅନୁକୂଳ କରାଗଲେ ଏହିପରି ବିପର୍ଯ୍ୟୟକୁ ରୋକାଯାଇପାରିବ । ପ୍ରସ୍ତୁତର ସଫଳତା ବିନା ଏହା ସମ୍ଭବନ ନୁହେଁ । ଏ ସମ୍ପର୍କରେ ବେଞ୍ଜାମିନ ଫ୍ରାଙ୍କଲିନଙ୍କ ଉକ୍ତିଟି ପ୍ରଣିଧାନଯୋଗ୍ୟ, ଯାହାର ଅର୍ଥ - 'ପ୍ରସ୍ତୁତିରେ ବିଫଳ ହୋଇ ତୁମେ ବିଫଳ ହେବା ନିମିତ୍ତ ପ୍ରସ୍ତୁତ ହେଉଛ ।'

ପୂର୍ବପ୍ରସ୍ତୁତି କିଭଳି ବିପର୍ଯ୍ୟୟରୁ ଧନଜୀବନକୁ ଶତପ୍ରତିଶତ ସୁରକ୍ଷିତ କରିପାରେ ତାହାର ଉଦାହରଣ ଭାବେ ଆମେ ଓଡ଼ିଶାକୁ ନେଇପାରିବା । ଭାରତସ୍ଥିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ପି ଶାର୍ପ ୨୦୨୪ମସିହାରେ ବିପର୍ଯ୍ୟୟ ଆପଦ ପ୍ରସ୍ତୁତିରେ ଓଡ଼ିଶାକୁ ବିଶ୍ୱରେ ଏକ ଅଗ୍ରଣୀ ମଡେଲ ଭାବେ ପ୍ରଶଂସା କରିଥିଲେ । ୨୦୨୩ ମସିହାରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଭାରତରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ବିଶ୍ୱସ୍ତରରେ ଏହି ପୁରସ୍କାରର ମୂଳରେ ଥିଲା ଓଡ଼ିଶା ସରକାରଙ୍କ ସଫଳ ପ୍ରସ୍ତୁତି ।

କୋଭିଡ୍-୧୯ ଆରମ୍ଭ ହେବା ସମୟରେ ଚିକିତ୍ସା ଭିତ୍ତିଭୂମି ଏବଂ ମହାମାରୀ ରଣନୀତିର ଅଭାବ ହେତୁ ଭାରତ ସମେତ ଅନେକ ଦେଶ, ପିପିଇ, ଚିକିତ୍ସା ଉପକରଣ, ପରୀକ୍ଷଣ ଭିତ୍ତିଭୂମି ଏବଂ ହସ୍ପିଟାଲରେ ଶଯ୍ୟାର ଅଭାବ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପରେ ଭାରତ ପିପିଇ ଉତ୍ପାଦନ ବୃଦ୍ଧି କରିବା ସହିତ କୋୱିନ ପ୍ଲାଟଫର୍ମ ଆରମ୍ଭ କରି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିଥିଲା । ଇଟାଲୀ ଓ ଆମେରିକାରେ ପ୍ରାରମ୍ଭିକ ପରୀକ୍ଷାର ଅଭାବ, ମନ୍ଥର ଲକଡାଉନ୍ ଏବଂ ଦୁର୍ବଳ ଭଣ୍ଡାର ପରିଚାଳନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଦକ୍ଷିଣ କୋରିଆ ଓ ତାଇୱାନ ପରି ପ୍ରାକ୍‌ପ୍ରସ୍ତୁତ ଦେଶଗୁଡ଼ିକ ପରୀକ୍ଷଣ, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସଫଳତାର ସହିତ ମୁକାବିଲା କରିଥିଲେ । ସେହି ସମୟରେ ସ୍କୁଲଗୁଡ଼ିକରେ ଅନଲାଇନ୍ ଶିକ୍ଷାଦାନ କରିବା ଅତ୍ୟାବଶ୍ୟକ ହୋଇଥିଲା । ଭାରତ, ଆଫ୍ରିକା, ଆମେରିକାର ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ଅନେକ ପ୍ରତିଷ୍ଠାନ ଡିଜିଟାଲ୍ ଭିତ୍ତିଭୂମି ଓ ତାଲିମ ଅଭାବରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡ ପରି ଦେଶଗୁଡ଼ିକ ପ୍ରାକ୍‌ଡିଜିଟାଲ୍ ପ୍ରସ୍ତୁତି କରିସାରିଥିବାରୁ ସେଠାରେ ନିରନ୍ତର ଶିକ୍ଷା ଜାରି ରହିଥିଲା ।

ଏକଦା ମୋବାଇଲ୍ ଫୋନ୍ ଜଗତରେ ନେତୃତ୍ୱ ନେଉଥିବା ନୋକିଆ ସ୍ମାର୍ଟଫୋନ୍ ବିପ୍ଳବ ପାଇଁ ଉପଯୁକ୍ତ ପ୍ରସ୍ତୁତି ନ କରିବା ସହିତ ଆପଲ୍ ଓ ଆଣ୍ଡ୍ରଏଡ୍ ଭଳି ପ୍ରତିଯୋଗୀମାନଙ୍କୁ ଅଣଦେଖା କରିଥିଲା । ଫଳରେ ରାତାରାତି ବଜାର ନେତୃତ୍ୱ ହରାଇଥିଲା । ଉପଯୁକ୍ତ ପ୍ରସ୍ତୁତି, ନେତୃତ୍ୱ, ସମ୍ବଳ ଓ ସମନ୍ୱୟର ଅଭାବ ସହିତ ଅସହଯୋଗ ଯୋଗୁଁ ସିପାହୀ ବିଦ୍ରୋହ ଆଶାନୁରୂପ ପ୍ରଭାବଶାଳୀ ହୋଇପାରି ନ ଥିଲା । ତାଲିବାନକୁ ବିତାଡ଼ିତ କରିବା ପାଇଁ ଆଫଗାନିସ୍ତାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସେ ଦେଶର ଭୌଗୋଳିକ ସ୍ଥିତି ଆକଳନର ଅଭାବ ଏବଂ ପାର୍ବତ୍ୟାଞ୍ଚଳ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ରଣନୀତିର ଅଭାବ ଯୋଗୁଁ ସଫଳତା ପାଇପାରି ନ ଥିଲା ।

ସେହିପରି ଭାରତରେ ନଗଦ ଦେଣନେଣ, ଡିଜିଟାଲ୍ ଭିତ୍ତିଭୂମି ଓ ସାଧାରଣ ଯୋଗାଯୋଗ ଦୃଷ୍ଟିରୁ ପ୍ରସ୍ତୁତିର ଅଭାବ ପାଇଁ ୨୦୧୬ରେ ଭାରତରେ ବିମୁଦ୍ରୀକରଣ ପଦକ୍ଷେପ ବିଫଳ ହୋଇଥିଲା । ୨୦୨୩ ମସିହାରେ ଇସ୍ରୋର ଚନ୍ଦ୍ରାୟଣ-୩ ସଫଳ ଅବତରଣ କେବଳ ଚନ୍ଦ୍ରାୟଣ-୨ର ଆଂଶିକ ବିଫଳତାର ସୁଧାର ପରେ ସମ୍ଭବ ହୋଇଥିଲା । ସେହିପରି ୨୦୨୪-୨୦୨୫ରେ ସାରା ଭାରତରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେତୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିବା ସମୟରେ ଗ୍ରୀଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଉଥିବା ଅହମ୍ମଦାବାଦ ଭଳି ସହରରେ ମୃତାହତଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରିଥିଲା । ଯୋଜନାବ ବିହୀନ ସହରାଞ୍ଚଳ ବିକାଶ, ଦୁର୍ବଳ ଜଳ ନିଷ୍କାସନ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିର ଅଭାବ ଯୋଗୁଁ ୨୦୨୫ ମସିହାରେ ଦିଲ୍ଲୀ, ମୁମ୍ବାଇ ସହିତ ଅନେକ ସହରରେ ବନ୍ୟା ହୋଇଥିଲା ।

ଯେଉଁ ବ୍ୟକ୍ତି ନିଜର ଲକ୍ଷ୍ୟ ଅନୁଯାୟୀ ସଠିକ୍ ଯୋଜନା ପ୍ରସ୍ତୁତ କରନ୍ତି, ଅନ୍ତତଃ ପକ୍ଷେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ପଦ୍ଧତି, କିପରି ପ୍ରସ୍ତୁତି କରିବା ଜାଣନ୍ତି ଏବଂ ରଣନୈତିକ ପ୍ରୟାସ ଜାରି ରଖନ୍ତି ସେମାନେ ନିଶ୍ଚିତ ଭାବରେ ସଫଳତାର ସ୍ୱାଦ ଚାଖନ୍ତି । ଆବ୍ରାହମ ଲିଙ୍କନ୍ କହିଥିଲେ, ମୋତେ ଗଛ କାଟିବା ପାଇଁ ଛଅ ଘଣ୍ଟା ଦିଅ; ମୁଁ ପ୍ରଥମ ଚାରି ଘଣ୍ଟା କୁରାଢ଼ିକୁ ଧାର କରିବା ପାଇଁ ବିତାଇବି ।' ଗ୍ରୀକବୀର ଆଲେକଜାଣ୍ଡାର୍, ହର୍କ୍ୟୁଲସ୍, ଆକବର, ରାଣାପ୍ରତାପ, ଅଶୋକ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରି ସେମାନଙ୍କର ନାମ ସଫଳ ବ୍ୟକ୍ତିତ୍ୱ ଭାବରେ ବିଶ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯାଇଛନ୍ତି । ପିଲାଦିନେ ଲଗାତାର ବିଫଳତାର ଶିକାର ହୋଇଥିବା ଆଲବର୍ଟ ଆଇନଷ୍ଟାଇନ ପ୍ରସ୍ତୁତି ଓ ନିରନ୍ତର ପ୍ରୟାସ ଫଳରେ ନିଜକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅମୂଲ୍ୟ ରତ୍ନ ଭାବରେ ପ୍ରମାଣିତ କରି ୧୯୨୧ ମସିହାରେ ପଦାର୍ଥବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିପାରିଥିଲେ । କୋଲୋନେଲ ହାର୍ଲାଣ୍ଡ ସାଣ୍ଡର୍ସ ତାଙ୍କ ରେଷ୍ଟୁରାଣ୍ଟର ଫ୍ରାଞ୍ଚାଇଜ୍‌ର ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ୧୦୦୯ ଥର ପ୍ରତ୍ୟାଖ୍ୟାନ ହୋଇଥିବା ତାଙ୍କର ଗୁପ୍ତ ରେସିପି, 'କେଣ୍ଟକି ଫ୍ରାଏଡ୍ ଚିକେନ୍' ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିଲା ।

ଦ୍ରୁତ ପରିବର୍ତ୍ତନଶୀଳ ସମସାମୟିକ ବିଶ୍ୱରେ ସଙ୍କଟ ସାଧାରଣ । କେବଳ ପର୍ଯ୍ୟାପ୍ତ ପ୍ରସ୍ତୁତ ରାଷ୍ଟ୍ର ହିଁ ଏହାକୁ ସମ୍ମୁଖୀନ ହୋଇପାରିବେ ଏବଂ ସଫଳ ହୋଇପାରିବେ । ଲୁଇସ ପାଷ୍ଟରଙ୍କ ଭାଷାରେ 'ସୁଯୋଗ ଓ ସମ୍ଭାବନା କେବଳ ପ୍ରସ୍ତୁତ ହୋଇଥିବା ମନକୁ ସମର୍ଥନ କରିଥାଏ ।' ପ୍ରସ୍ତୁତି କେବଳ ସଫଳତା ପାଇଁ ଏକ ଉପକରଣ ନୁହେଁ; ଏହା ବିଫଳତା ବିରୁଦ୍ଧରେ ଏକ ସୁରକ୍ଷା । ପ୍ରତ୍ୟେକ କ୍ଷେତ୍ରରେ ଏହି ମାନସିକତା ମୂଳଦୁଆ ହେବା ଆବଶ୍ୟକ ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...



ତଞ୍ଜୁର: ଏହି ଶ୍ରେଣୀରେ ସତରଗୋଟି ବର୍ଗର ଗ୍ରନ୍ଥମାନ ଅନ୍ତର୍ଭୁକ୍ତ । କେତେକ ବର୍ଗ ମଧ୍ୟରେ ଉପ-ବର୍ଗମାନ ମଧ୍ୟ ରହିଛି । (୧) ସ୍ତୋତ୍ର- ଏହି ବର୍ଗରେ ଏକସ୍ତରୀ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ । (୨) ତନ୍ତ୍ର- ତିବ୍ବତୀୟ ପରମ୍ପରାରେ ଦର୍ଶାଯାଇଥିବା ମୁତାବକ ଏହି ବର୍ଗଟି ହେଉଛି ତାନ୍ତ୍ରିକ ଗ୍ରନ୍ଥର ବିଶାଳ ସଂଗ୍ରହ । ଏହା ମଧ୍ୟରେ ଦୁଇ ହଜାର ଛଅଶହ ଛଅଗୋଟି ତନ୍ତ୍ର ଗ୍ରନ୍ଥ ରହିଛି । ଏଥିମଧ୍ୟରୁ ଅନେକ ଗ୍ରନ୍ଥ ହେଉଛି ଭାରତୀୟ ଉପ-ମହାଦେଶରୁ ସଂଗୃହୀତ ତନ୍ତ୍ରଗ୍ରନ୍ଥ । (୩) ପ୍ରଜ୍ଞାପାରମିତା ସୂତ୍ର- ଏହି ଶ୍ରେଣୀରେ ଅଠତିରିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ । (୪) ମାଧ୍ୟମିକ - ଏହି ବର୍ଗରେ ଏକଶହ ସତାବନ ଗୋଟି ଶାସ୍ତ୍ର ରହିଛି । (୫) ସୂତ୍ରଟୀକା - ଏହା ହେଉଛି ବୁଦ୍ଧଙ୍କ ବାଣୀ ସଂପର୍କରେ ଭାରତୀୟ ଗୁରୁ ଓ ପଣ୍ଡିତମାନଙ୍କର ବ୍ୟାଖ୍ୟା ସମ୍ବଳିତ ସଂଗ୍ରହ । ଏହା ମଧ୍ୟରେ ଅଣଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ । (୬) ଯୋଗାଚାର- ମହାଯାନ

### ଦ୍ୱିତୀୟ-ବୁଦ୍ଧ କଥା

ବୌଦ୍ଧଧର୍ମର ଏହା ଏକ ପ୍ରମୁଖ ଶାଖା । ମାତ୍ର ଏଠାରେ ଏହାର ଅର୍ଥ ହେଉଛି ଯୋଗ ଓ ଯୋଗଦର୍ଶନ ସଂପର୍କିତ । (୭) ଅଭିଧର୍ମ- ଏହି ବର୍ଗର ଗ୍ରନ୍ଥ ପାଲି ଅଭିଧର୍ମପିଟକ ଗ୍ରନ୍ଥ ସ୍ୱରୂପ । ଏଥିମଧ୍ୟରେ ଉଭୟ ଭାରତ ଓ ତିବ୍ବତରେ ଉଚ୍ଚଶ୍ରେଣୀର ବୌଦ୍ଧ ଦର୍ଶନ ଅନ୍ତର୍ଭୁକ୍ତ । ମାତ୍ର ପାଲି ଅଭିଧର୍ମପିଟକଠାରୁ ଏଥିରେ ଅଧିକ ଗ୍ରନ୍ଥ ରହିଛି । ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥର ସଂଗ୍ରହ, ଯେଉଁଠିକି ପାଲିରେ ମାତ୍ର ସାତଗୋଟି । (୮) ବିନୟ- ଏହା ମଧ୍ୟରେ ଛୟାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତି । (୯) ଜାତକ- ପାଲିଗ୍ରନ୍ଥ ମଧ୍ୟରେ ଜାତକ ଗ୍ରନ୍ଥକୁ ତ୍ରିପିଟକ ମଧ୍ୟରେ ଗଣାଯାଏ ନାହିଁ, ମାତ୍ର ଜାତକ ଗ୍ରନ୍ଥ ବୌଦ୍ଧ ପାଲିଗ୍ରନ୍ଥର ଏକ ମୁଖ୍ୟ ଅଂଶ । (୧୦) ଚିଠିପତ୍ର- ଏହି ବର୍ଗରେ ପଇଁଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ । ଏଥି ମଧ୍ୟରେ ନାଳନ୍ଦାର ପ୍ରସିଦ୍ଧ ବୌଦ୍ଧ ଗୁରୁ ନାଗାର୍ଜୁନ ରାଜା ଗୋତମିପୁତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । (୧୧) ପ୍ରମାଣ ସୂତ୍ର- ଏହି ବର୍ଗରେ ଛଅଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ । (୧୨) ବ୍ୟାକରଣ ବା ଶବ୍ଦ ଶାସ୍ତ୍ର- ଏହି ବର୍ଗରେ ସଇଁତିରିଶ ଗୋଟି ଗ୍ରନ୍ଥର ସମାହାର । (୧୩) ଚିକିତ୍ସା ଶାସ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ବୁଦ୍ଧ ହେଉଛନ୍ତି ଶେଷ ଚିକିତ୍ସକ ଓ ସେ ହିଁ ସମସ୍ତ ମାନସିକ, ଶାରୀରିକ, ମନସ୍ତାତ୍ତ୍ୱିକ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରୋଗ ସବୁର ଚିକିତ୍ସାର କର୍ତ୍ତା । ଏଣୁ ସେମାନେ ବୁଦ୍ଧଙ୍କୁ ହିଁ ଭୈଷଜ୍ୟ ଗୁରୁ ଭାବେ ଗ୍ରହଣ କରିଥା'ନ୍ତି । ବୁଦ୍ଧ ହିଁ ସଂସାରରେ ସମସ୍ତ ପ୍ରକାର ଔଷଧ ତଥା ଚେରମୂଳିରୁ ଔଷଧ ପ୍ରସ୍ତୁତିର ସ୍ୱରର ହର୍ତ୍ତାକର୍ତ୍ତା । (୧୪) ଶିଳ୍ପ ବିଦ୍ୟା- ଏହା ହେଉଛି ମଣ୍ଡଳ, ଧାରଣୀ ଓ ତନ୍ତ୍ରର ବିଭିନ୍ନ ପ୍ରକାରର ଯନ୍ତ୍ର ତିଆରି ନିମନ୍ତେ ଆବଶ୍ୟକୀୟ ବିଦ୍ୟା । ଏହା ମଧ୍ୟରେ ପନ୍ଦର ଗୋଟି ଗ୍ରନ୍ଥର ସମାହାର । (୧୫) ସମୟ ଶାସ୍ତ୍ର- ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥ ରହିଛି । (୧୬) ଅନ୍ୟାନ୍ୟ- ଯେଉଁ ସବୁ ଗ୍ରନ୍ଥ ଉପରେ ବର୍ଣ୍ଣିତ ବର୍ଗ ଅନ୍ତର୍ଭୁକ୍ତ ନୁହନ୍ତି, ସେ ସବୁକୁ ଏହି ବର୍ଗରେ ସ୍ଥାନିତ କରାଯାଇଛି । ଏହି ବର୍ଗରେ ଏକଶହ ଉଣେଇଶ ଗୋଟି ଗ୍ରନ୍ଥ ସଂଗୃହୀତ । (୧୭) ଅତୀଶଙ୍କ ଦ୍ୱାରା ରଚିତ ଗ୍ରନ୍ଥ- ଏହି ବର୍ଗରେ ଏକଶହ ତିନିଗୋଟି ଗ୍ରନ୍ଥ ସଂଗୃହୀତ ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ଦେବା ପାଇଁ ୨୫ ଲକ୍ଷ ଠକେଇ

## ବାରାଣସୀରୁ ଜଣେ ଗିରଫ

କଟକ,୧୯ ।୯(ସମିସ): ଏକ ଇ-କମର୍ସ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ବାରାଣସୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଉଛି, ଆଶିଷ କୁମାର ଯାଦବ(୩୦) । ସେ ଜଣେ ବି.ଟେକ୍ ଡିଗ୍ରିଧାରୀ ୱେବଡିଜାଇନର୍। ଓକିନାୱା ଇଲେକ୍ଟ୍ରିକ ସ୍କୁଟର୍ର ଡିଲରସିପ ପ୍ରଦାନ ପାଇଁ ସେ ଅଭିଯୋଗକାରୀଙ୍କଠାରୁ ୨୫ଲକ୍ଷ ଟଙ୍କା ଠକେଇ କରିଥିବା ନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଥିଲା। ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ବାହାନାରେ ଡିଜିଟାଲ୍ ଯୋଗାଯୋଗ ମାଧ୍ୟମରେ ସେ ଅଭିଯୋଗକାରୀଙ୍କ ସହ ପରିଚିତ ହୋଇଥିଲା। ସ୍କୁଟର୍ର ଡିଲରସିପ୍ ଗ୍ରହଣ କରିବା ତାଙ୍କୁ ୨୫ଲକ୍ଷ ୩୫ହଜାରଟଙ୍କା ପଠାଇଥିଲେ ଅଭିଯୋଗକାରୀ। ତେବେ ଆଉ ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା। ପରେ ଏ ସଂପର୍କରେ ସେ ସାଇବର୍ ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର୍ ଅବନ୍ତୀମଣି ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳର ଉତ୍ତରପ୍ରଦେଶର ବାରାଣାସୀ ଏବଂ ନଏଡ଼ାରେ ଚଢ଼ଉ କରି ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିଛି।

# ରାଜ୍ୟରେ ସ୍କ୍ରାପ ହୋଇଛି ୪୩୫୧ ଗାଡ଼ି

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡ଼ି ସ୍କ୍ରାପ୍ ହୋଇଛି। ରାଜ୍ୟରେ ଥିବା ୨ଟି ଗାଡ଼ି ସ୍କ୍ରାପ୍ କେନ୍ଦ୍ରରେ ଏହି ସ୍କ୍ରାପ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗାଡ଼ି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ କରିବାପାଇଁ ୨ଟି କେନ୍ଦ୍ର ରହିଛି। ଏଥିରୁ ଗୋଟିଏ ଖୋର୍ଦ୍ଧାରେ ଥିବା ବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢ଼େଇଧରାଠାରେ ରହିଛି। ସେହିଭଳି ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବା ଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ୍ କରାଯାଇଛି। ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡ଼ି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ୧୦୫ ବ୍ଲକ୍‌ରେ ନାହାଁନ୍ତି ବିଇଓ

ଭୁବନେଶ୍ୱର, ୧୯ ।୯ (ସମିସ): ରାଜ୍ୟର ୩୩ ପ୍ରତିଶତ ବ୍ଲକ୍‌ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ନାହାନ୍ତି। ୧୦୫ ବ୍ଲକ୍‌ରେ ନିୟମିତ ବିଇଓ ନ ଥିବାରୁ ଶିକ୍ଷାଦାନ ସମେତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ଯାଞ୍ଚ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୯ ବ୍ଲକ୍‌ରେ ବିଇଓ ନ ଥିବା ବେଳେ ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୭ଟି ଲେଖାଏଁ ବ୍ଲକ୍‌ରେ ବିଇଓ ନାହାନ୍ତି। ବାଲେଶ୍ୱର ଓ ଜଗତସିଂହପୁରରେ ୬ଟି ଲେଖାଏଁ ପଦ ଫାଙ୍କା ରହିଥିବା ବେଳେ ଖୋର୍ଦ୍ଧା, କନ୍ଧମାଳ ଓ ସମ୍ବଲପୁରରେ ୫ଟି ଲେଖାଏଁ, ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀରେ ୪ଟି ଲେଖାଏଁ ପଦ ଫାଙ୍କା ରହିଛି। ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର ଓ ନୟାଗଡରେ ୩ଟି ଲେଖାଏଁ ବିଇଓ ପଦ ଖାଲି ଥିବା ବେଳେ କଟକ, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ୨ଟି ଲେଖାଏଁ ଏବଂ ବରଗଡ, ଦେବଗଡ଼, ମାଲକାନଗିରିରେ ଗୋଟିଏ ଲେଖାଏଁ ପଦ ଖାଲି ରହିଛି।

# ୪୨୪ ନକଲି ଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର, ୧୯ ।୯ (ସମିସ): ନକଲି ପ୍ରମାଣପତ୍ର ଦେଇ ଅନେକ ଶିକ୍ଷକ ଚାକିରି ହାତେଇଛନ୍ତି। ଦୀର୍ଘ ବର୍ଷ ଧରି ଦରମା ନେବା ପରେ ଧରାପଡୁଛନ୍ତି। ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିବା ପରେ ୪୨୪ଜଣ ଶିକ୍ଷକ ଚାକିରିରୁ ନିଲମ୍ବନ ହୋଇଛନ୍ତି। ବିଧାୟିକା ସୁଭାସିନୀ ଜେନାଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାର ୧୬ଜଣ ଶିକ୍ଷକ ମଧ୍ୟ ଜାଲ ସାର୍ଟିଫିକେଟ୍ ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି। ଅପରପକ୍ଷରେ ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଥିବା ବହୁ ଶିକ୍ଷକଙ୍କ ଶିକ୍ଷାଗତ ପ୍ରଣାଣପତ୍ର ଯାଞ୍ଚ ପ୍ରକ୍ରିୟା ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ମୁଖ୍ୟତଃ ବାହାର ରାଜ୍ୟରେ ବିଏଡ୍ କରିଥିବା ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପ୍ରତିବନ୍ଧକ ସୃଷ୍ଟି କରୁଛି।

# ଦିଲ୍ଲୀପ ନାୟକଙ୍କୁ ଇଓଡବ୍ଲୁର ଜେରା

କଟକ,୧୯ ।୯(ସମିସ): ଏକ ଜମି କିଣାବିକା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଜି ଏକ ବିଲ୍ଡର୍ ସଂସ୍ଥାର ସ୍ୱତ୍ୱାଧିକାରୀ ଦିଲ୍ଲୀପ ନାୟକଙ୍କ କଟକ ଘର ଯାଞ୍ଚ କରିଛି। ପ୍ରାୟ ଘଣ୍ଟାଏ କାଳ ଯାଞ୍ଚ କରିବା ପରେ ଇଓଡବ୍ଲୁ କିଛି କାଗଜପତ୍ର ଜବତ କରିବା ସହ ଶ୍ରୀ ନାୟକଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇଛି। ଅପରପକ୍ଷରେ ରାଜନୈତିକ ଆକ୍ରୋଶ ରଖି ମିଛ ଅଭିଯୋଗରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି।

ଶ୍ରୀ ନାୟକ ବାରଙ୍ଗ ଥାନା ଅଞ୍ଚଳରେ ତାଙ୍କ ବିଲ୍ଡର୍ ସଂସ୍ଥା ପାଇଁ କିଛି ବର୍ଷ ତଳେ ଏକ ଜମି କିଣି ପ୍ଲଟିଂ କରି ବିକ୍ରି କରିଥିଲେ। ତେବେ ଜମି ବିକ୍ରେତାଙ୍କ ପରଲୋକ ପରେ ବିବାଦ ଆରମ୍ଭ ହୋଇଥିଲା। ଜମିର ଆଇନଗତ ଉତ୍ତରାଧିକାରୀମାନେ ଜମି ବିକ୍ରି ଟଙ୍କା ପାଇ ନ ଥିବା ଦର୍ଶାଇ କୋର୍ଟରେ ମାମଲା କରିଥିଲେ। ଶ୍ରୀ ନାୟକଙ୍କଠାରୁ ପ୍ଲଟ୍ କିଣିଥିବା ବ୍ୟକ୍ତିଙ୍କ ପାଖକୁ କୋର୍ଟରୁ ନୋଟିସ୍ ଯିବାରୁ ସେମାନେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇ ମାମଲା କରିଥିଲେ। ଆଜି ଅପରାହ୍ଣରେ ଇଓଡବ୍ଲୁ ଟିମ୍ ଶ୍ରୀ ନାୟକଙ୍କ କଟକସ୍ଥିତ ଘରେ ଚଢ଼ଉ କରିଥିଲା। ଶ୍ରୀ ନାୟକ ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ୨୦୧୯ ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ଓ ପରେ ବିଜେପିରେ ଯୋଗ ଦେଇଥିଲେ। ତେବେ ସେ ୨୦୨୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ।

## ଅନ୍‌ଲାଇନ୍ ନିବେଶ ନାମରେ ୧.୪୫ କୋଟି ଠକେଇ

# ୩ ସାଇବର୍ ଠକ ଗିରଫ

କଟକ,୧୯ ।୯(ସମିସ): ଡିଜିଟାଲ କରେନ୍ସି, ଆଇପିଓ ଓ ସେୟାର ମାର୍କେଟ୍‌ରେ ନିବେଶ ଆଳରେ ଲୋକଙ୍କୁ ଠକୁଥିବା ୩ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚର ସାଇବର୍ କ୍ରାଇମ ୟୁନିଟ୍ ଗିରଫ କରିଛି। ସେମାନେ ହେଲେ, ଖୋର୍ଦ୍ଧାର ଏମ୍. ଫାର୍ମା ଡିଗ୍ରିଧାରୀ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଦୀପକ କୁମାର ଦାଶ(୩୩), ବାଲେଶ୍ୱର ଗୋପାଳପୁର ତାଳପଡ଼ା ନିବାସୀ ବି.ଟେକ୍ ଡିଗ୍ରୀଧାରୀ ଚନ୍ଦନ କୁମାର ସାହୁ (୩୩), ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆସ୍କା ରୋଡ୍ ଅଞ୍ଚଳର ରାମହରି ସାହୁ(୪୬)। ସେମାନଙ୍କ ପାଖରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି। ଆଜି ସେମାନଙ୍କୁ ଜେଏମ୍‌ଏଫସି-୩ କଟକ ଅଦାଲତରେ ହାଜର କରାଯାଇଛି।

ଅନଲାଇନ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ୧କୋଟି ୪୫ଲକ୍ଷ ୮୫ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ ଅଭିଯୋଗକାରୀ। ଅଧିକ ଅର୍ଥ ପାଇବା ଆଶାରେ ସେ ବିଗତ କିଛି ମାସ ଭିତରେ ଉପରୋକ୍ତ ଟଙ୍କା ଜମା କରିଥିଲେ। ଆଇପିଓ ଓ ଓଟିସି ଟ୍ରେଡିଂରେ ପୁଞ୍ଜି ନିବେଶ କରି ସେୟାର ମାର୍କେଟ୍‌ରେ ଅଧିକ ରିଟର୍ଣ୍ଣ ପାଇବାକୁ ଆଶା ରଖିଥିଲେ। ତେବେ ମୂଳ ଟଙ୍କା ଉଠାଣରେ ବିଫଳ ହେବାରୁ ଏହା ସାଇବର୍ ଠକଙ୍କ କରାମତି ବୋଲି ଜାଣିବାକୁ ପାଇଥିଲେ। ପରେ ଏ ସଂପର୍କରେ ସେ ସାଇବର ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ଅମିତାଭ ଦାସଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

## ■ ଏସ୍‌ଆଇଟି ଗଠନରେ ଅବହେଳା

# ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ ଯାଜପୁର ଏସ୍‌ପିଙ୍କ ସମେତ ୩ ଅଧିକାରୀ

କଟକ, ୧୯।୯ (ସମିସ): ଜଣେ ନାବାଳିକା ନିଖୋଜ ସଂକ୍ରାନ୍ତରେ ନାବାଳିକାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ଏସଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ତଦନ୍ତ କରିବାକୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନରେ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଭାବେ ଯାଜପୁର ଏସପି, ମଙ୍ଗଳପୁର ଥାନା ଆଇଆଇସି ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ଗତ ଅଗଷ୍ଟ ୨୬ ତାରିଖରେ ଏସଆଇଟି ଗଠନ ପାଇଁ ଯାଜପୁର ଏସପିଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀଙ୍କ ଏତଲାରେ ନାବାଳିକାକୁ ଅଟକ ରଖିଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏସଆଇଟି ଦ୍ୱାରା ନାବାଳିକାକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ଓ ଏ ସମ୍ପର୍କିତ ରିପୋର୍ଟ ଏସପି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ବିଭାଗ ଏହି ଆଦେଶ ପାଳନରେ ନିଷ୍ଠା ପ୍ରତିପାଦିତ କରିନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗତ ୨୦୨୫ ଜାନୁଆରି ୨୩ରୁ ସମ୍ପୃକ୍ତ ନାବାଳିକାଜଣଙ୍କ ନିଖୋଜ ହୋଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଯାଜପୁର ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ନାବାଳିକାକୁ ଠାବ କରିବା ପାଇଁ ପୁଲିସ କିଛି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାର ତାତି...

ଗୃହ କମ୍ପାଇଥିଲେ। ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଅଣତାରକା ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିଲେ ହେଁ ବିଜେଡି ବିଧାୟକଙ୍କ ନାରାବାଜିରେ ଏହା ଆଦୌ ଶୁଣାଯାଉନଥିଲା। ଏହି ସମୟ ମଧ୍ୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରିନଥିଲେ। ଫଳରେ ବାଚସ୍ପତି ୧୦ଟା ୩୪ରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକ ସମାନ ଢଙ୍ଗରେ ଗୃହରେ ନାରାବାଜି, ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେପି ସରାକରଙ୍କ ବିରୋଧରେ ନାରାବାଜି କରିବା ସହ ସାର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଥିଲେ ବିଜେଡି ବିଧାୟକ। ବିଜେଡି ବିଧାୟକଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବାଚସ୍ପତି ଶନିବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

## କଂଗ୍ରେସ ବିଧାୟକଙ୍କ...

କ୍ଷୁଣ୍ଣ କରିଛି। ଏଥିପାଇଁ ସେମାନଙ୍କ ବିରୋଧରେ ଗୃହର ସ୍ୱାଧିକାର ଭଙ୍ଗ ନୋଟିସ୍ ଆସିଥିବା ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କାଡାମ୍ କହିଛନ୍ତି ଯେ ଆମକୁ ଡରାଇବା ପାଇଁ ସ୍ୱାଧିକାର ନୋଟିସ ଅଣାଯାଇଛି। ଏଥିରେ କଂଗ୍ରେସ ବିଧାୟକ ଭୟଭୀତ ହେବେ ନାହିଁ। କଂଗ୍ରେସର କଣ୍ଠରୋଧ କରିବାକୁ ଶାସକ ଦଳ ଚେଷ୍ଟା କରୁଛି। ବିଧାନସଭାର ବିଧି ଅନୁସାରେ ଆମେ ଅନାସ୍ଥା ନୋଟିସ ଦେଇଛୁ; କୌଣସି ସ୍ୱାଧୀକାର ଭଙ୍ଗ କରିନାହୁ। ଆମ ଦଳ ବିରୋଧରେ ଶାସକ ଦଳ ମିଛ ଅଭିଯୋଗ କରୁଛି। ଦେଢ଼ବର୍ଷର ବିଜେପି ସରକାର ଓଡିଶାବାସୀଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି। ଏହା ବିରୋଧରେ ଆମେ ଅନାସ୍ଥା ଆଣିଛୁ ବୋଲି ଶ୍ରୀ କାଡାମ୍ ସୂଚନା ଦେଇଛନ୍ତି।

## ସରକାରଙ୍କ ପାଖରେ...

ହୋଇଥିବାବେଳେ ଗୋଟିଏ ମାମଲାର ବିଚାର ସରିନାହିଁ। ଅଭିଯୋଗକାରିଣୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ହାଜର ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନାହିଁ। ଦ୍ୱିତୀୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବାବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ଜଣ, ବ୍ରହ୍ମପୁର ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଗୋଟିଏ ଲେଖାଏଁ ମାମଲା ରହିଛି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'ରେ ଦୁଇଜଣ ଛାତ୍ରୀ ନିର୍ଯ୍ୟାତନାର ମାମଲା ତଦନ୍ତାଧୀନ ରହିଛି। ତନ୍ମଧ୍ୟରୁ ଜଣେ ଛାତ୍ରୀ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଦେଢ଼ମାସ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି। ଅପରପକ୍ଷରେ ୨୦୨୪-୨୫ ଠାରୁ ଏବେଯାଏଁ ଶିକ୍ଷାନୁଷ୍ଠାନରେ କେତେ ଛାତ୍ରୀ ଅସଦାଚରଣ ଓ ଦୁର୍ଷମର ଶିକାର ହୋଇଛନ୍ତି ଏବଂ କେତେଜଣ ଆତ୍ମହତ୍ୟା କରିଛନ୍ତି ବୋଲି ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହି ଅଣତାରକା ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି। ମହାବିଦ୍ୟାଳୟରୁ ସର୍ବାଧିକ ଅଭିଯୋଗ ଆସୁଥିବାବେଳେ ସରକାରଙ୍କ ପାଖରେ କିପରି ତଥ୍ୟ ନାହିଁ, ସେନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି।

ସେହିପରି ଦେଢ଼ ବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକରେ ୩୨ ଜଣ ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ୧୪ଟି ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ଅଭିଯୋଗ ଆସିଛି। ମୋଟ୍ ୩୨ ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୧୧ ଜଣ ଛାତ୍ରୀ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସମସ୍ତ ଅଭିଯୋଗର ତଦନ୍ତ କରାଯାଇଛି। ମୋଟ୍ ୧୬ ଜଣ ଶିକ୍ଷକଙ୍କ ସମେତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

## ପ୍ରଥମ ପତ୍ନୀଙ୍କୁ...

ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ଥାନା ପୁଲିସ। ଦୁଇଟି ହତ୍ୟା ମାମଲା ରୁଜୁ ହେବାପରେ କନେଷ୍ଟବଳ ଦୀପକ ପାଇଁ ଅଡୁଆ ବଢ଼ିଛି। ସେପଟେ ଶୁଭଶ୍ରୀ ହତ୍ୟା ଘଟଣାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତଦନ୍ତରେ କ୍ୟାପିଟାଲ ଥାନା ପୁଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ। ଏବେ ଅପର୍ଣ୍ଣା ମୃତ୍ୟୁ ଘଟଣାରେ ମଧ୍ୟ ହତ୍ୟା ମାମଲା ରୁଜୁ ହେବାପରେ ଦୁଇଟି ହତ୍ୟା ମାମଲାକୁ ନେଇ କ୍ରାଇମବ୍ରାଞ୍ଚ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବ ବୋଲି କୁହାଯାଉଛି।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ)ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧିନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ନିଜ କାରରେ ନେଇ କଟକ ସ୍ଥିତ ଏକ ଭର୍ତ୍ତି କରିଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ପାଇ ନ ଥିଲା। ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ହାତେଇଥିଲା ଦୀପକ। ଶୁଭମିତ୍ରା ହତ୍ୟା ମାମଲାକୁ କ୍ରାଇମବ୍ରାଞ୍ଚ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଓ କମିସନରେଟ ପୁଲିସର କ୍ୟାପିଟାଲ ଥାନା ପୁଲିସ ମିଳିତ ଭାବେ ତଦନ୍ତ କରିବେ। ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରା ନିଖୋଜ ହେବା ଓ ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ଖୁଣ୍ଟୁଣି ଥାନା ପୁଲିସ ଠାରୁ ଅପର୍ଣ୍ଣାଙ୍କ ଦୁର୍ଘଟଣା ଜନିତ ମାମଲା ଓ ହତ୍ୟା ମାମଲାର ବିଭିନ୍ନ ତଥ୍ୟ ସଂଗ୍ରହ କରି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏହି ମାମଲାକୁ ତଦାରଖ କରିବ।

## ଚାଷୀଙ୍କୁ ବିଜେପିର...

ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଥିଲେ। ବିଜେଡିର ପ୍ରବଳ ପ୍ରତିବାଦ କାରଣରୁ ଶୁକ୍ରବାର ଗୃହ ମାତ୍ର ୮ ମିନିଟ ଚାଲିଥିଲା। ବିଧାନସଭା ଅଚଳ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ବିଜେପି ବିଧାୟକ ଅଗସ୍ତି ବେହେରା ଦେଇଥିବା ମନ୍ତବ୍ୟ ଏବେ ସାଧାରଣରେ ତୀବ୍ର ସମାଲୋଚିତ ହୋଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୋ ଜୀବନରେ ଏପରି ଉତ୍କଟ ସାରର ଅଭାବ ମୁଁ ଦେଖିନାହିଁ। ସରକାର କହୁଛନ୍ତି ରାଜ୍ୟରେ ପର୍ଯ୍ୟାପ୍ତ ସାର ଅଛି। ଯଦି ପର୍ଯ୍ୟାପ୍ତ ସାର ଅଛି, ତାହେଲେ ଚାଷୀଙ୍କୁ କଣ ପାଇଁ ସାର ଦିଆଯାଉ ନାହିଁ। ମୁଠେ ମୁଠେ ସାର ପାଇଁ ଚାଷୀ ଅହୋରାତ୍ର ଧାଡ଼ିରେ ଛିଡ଼ାହେଉଛି। ମାତ୍ର ସାର ନପାଇବା କାରଣରୁ ବାଧହୋଇ ଚଢ଼ାଦରରେ ସାର କିଣୁଛି। ଜଣେ ଶାସକ ଦଳ ବିଧାୟକ ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ସାର ମିଳୁନଥିବା ନେଇ ଚିଠି ଲେଖିଛନ୍ତି। ଯୋଗାଣ ମନ୍ତ୍ରୀ ମଧ୍ୟ ସାରର କଳାବଜାରୀ ହେଉଥିବା ସ୍ୱୀକାର କରୁଛନ୍ତି। ତାହେଲେ ଚାଷୀ, ଶାସକ ବିଧାୟକ, ମନ୍ତ୍ରୀ କଣ ଅସତ୍ୟ କହୁଛନ୍ତି? ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ଲ୍ୟାମ୍ପସ, ପାକ୍ସରେ ସାର ମିଳୁନାହିଁ। ଚଢ଼ାଦରରେ କଳାବଜାରରେ ଚାଷୀ ବାଧ୍ୟ ହୋଇ ସାର କିଣୁଛନ୍ତି। ସରକାରଙ୍କ ଜାଣତରେ ଏସବୁ ହେଉଛି। ସରକାରଙ୍କ ଉଦାସୀନତାର ଏହା ଫଳ। ଆମେ ପ୍ରଶ୍ନକାଳ ବାତିଲ କରି ଦିନତମାମ୍ ଏ ବାବଦରେ ଆଲୋଚନା କରିବାକୁ ଚାହିଁଥିଲୁ। ମାତ୍ର ସରକାର ଏଥିରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଆଚାର୍ଯ୍ୟ। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି। ମାତ୍ର ଆଲୋଚନା ବଦଳରେ ବିଧାନସଭା ବନ୍ଦ କରିବା ନିନ୍ଦନୀୟ। ଆଜି ରାଜ୍ୟରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଚାଷୀ ସାର ନପାଇ ହଇରାଣ ହେଉଛନ୍ତି। ବିଧାନସଭାରେ ଆଲୋଚନା ହୋଇଥିଲେ, ସରକାର ସଚେତନ ହୋଇଥାନ୍ତେ। ଆମେ ଏଥିପାଇଁ ନିଜ ଆସନରେ ଠିଆ ହୋଇ ଆଲୋଚନା ପାଇଁ ଦାବି କରୁଥିଲୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

## ଦୁଇ ପୁଅଙ୍କୁ...

ଥାନା ଅନ୍ତର୍ଗତ ନୂଆକ୍ଷେତା ଜଙ୍ଗଲକୁ ଯାଇଥିଲେ। ସେଠାରେ ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଥିଲେ। କିଛି ସମୟ ପରେ ଦୁଇ ନାବାଳକ ବାନ୍ତି କରିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଏକ କାର୍ ଯୋଗେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ୨୫ରେ ଲଘୁଚାପ...

ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ୍ୟ ସମୁଦ୍ର ନିକଟସ୍ଥ ମ୍ୟାଁମାର-ବାଂଲାଦେଶ ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ବଙ୍ଗୋପସାଗରମୁହାଁ ହୋଇ ରାଜ୍ୟର ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପ୍ରକାର ପାଣିପାଗ ନିୟାମକ ସକ୍ରିୟ ନାହିଁ। ହେଲେ ବର୍ତ୍ତମାନ ରାଜ୍ୟରେ ହେଉଥିବା ଖରା ଓ ଗୁଳୁଗୁଳି ଯୋଗୁଁ ଅପରାହ୍ଣରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି। ଏଭଳି ସ୍ଥିତିରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି।

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR O-819
Office Order No. 4559 Dated 18.09.2025

1st Corrigendum Notice to Bid Identification No. EEBLGR-online- 05/2025-26
The date and time of the Bid Identification No. EEBLGR-online-05/2025-26 has been revised.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division Bolangir | EEBLGR-online-05/2025-26 | 10.09.2025 at 11.00 A.M | 25.09.2025 upto 5.00PM | 24.09.2025 upto 1.00PM | 26.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.
OIPR-25068/11/0032/2526
Sd/- Executive Engineer
R.W. Division, Bolangir

AFFIDAVIT
By virtue of an Affidavit No.571, dtd 19/09/2025 Sworn before The Executive Magistrate Bisoi, I, Sunita Goipai, aged about 38 years W/O Swarup Chandra Naik of village Badbalichua,PO - Kaduani, PS- Bisoi in the district of Mayurbhanj declared that my son, Sri Subham Naik in school admission register O.A.V, Jamirdiha my name has been written as SUNITA NAIK instead of SUNITA GOIPAI. That both name as SUNITA GOIPAI and SUNITA NAIK are same and one person. That the purpose of this Affidavit is to be produce before the concerned authority to correction of my name as Sunita Goipai for future Reference. Sd/- Sunita Goipai

AFFIDAVIT
I, RINA GANGULI, W/O SURYANARAYAN DASH, RESIDENT OF AT- RAJA BAGICHA, KUSANPUR, PO- TELENGA BAZAR, DIST- CUTTACK, PIN-753009, ODISHA, DECLARE BY THIS AFFDAVIT NO-2119, DT-12.02.2025,THAT NOW ONWORDS I SHALL BE KNOWN AS **REENA DASH** FOR ALL FUTURE PURPOSES.

ହଜିଛି
ଆମ୍ଭେ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଓକିଲ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭର ମହକିଲ ରଞ୍ଜନ ରଣା ପିତା- ୰ ଧୁଶାସନ ରଣା ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ ଙ୍କ ଅସଲ ବିକ୍ରୟ କବଲା ଯାହାର ନମ୍ବର-୬୮୭/୧୯୮୯/୧ତା. ୨୯-୦୮-୧୯୮୯ ଟି ତିଗିରିଆ ରୁ ନୂଆପାଟଣା ଯିବା ବାଟରେ ଗତ ତା. ୧୫-୦୯-୨୦୨୫ ରିଖରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କାଗଜାତ ପାଇଛନ୍ତି ତେବେ ନିମ୍ନ ବର୍ଣ୍ଣିତ ମୋବାଇଲ ନମ୍ବର କିମ୍ବା ଠିକଣାରେ ଯୋଗାଯୋଗ କରନ୍ତୁ।
ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, (ଓକିଲ)
ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ,
ପିନ୍-୭୫୪୦୩୦
ମୋବାଇଲ ନଂ- ୯୩୪୮୨୬୭୦୩୮

AFFIDAVIT
By virtue of an affidavit sworn before Notary Public, Bhubaneswar, on dated 19.09.2025, I Toofan Malik resident of At- Kentalo, Po - Kulasukarpada, Ps- Nischintakoili, Dist- Cuttack, Odisha, PIN - 754209 declare that I have changed the name of my Son from Omm Prakash Mallik to Sairam Mallik. Henceforth he shall be known as **SAIRAM MALLIK** for all future purposes.

AFFIDAVIT
I Bijaya Kumar Sahoo S/o Prahallad Chandra Sahoo, Resident of. Village- Kundibag, PO-Bhadrak By-Pass, PS-Sabarang, Dist - Bhadrak, Odisha, PIN-756181, declare by this affidavit No 8374 dtd 09.09.2025 that now onwards I shall be known as **BIJAY KUMAR SAHOO** for all future purposes.

AFFIDAVIT
I, Kamini Dalai, W/o- Prasanna Kumar Dalai, resident of Radhakrishna Enclave, Flat No-206, 2nd Floor, Lane-7, Unit-6, Bhubaneswar, Dist- Khurda, Pin-751003, Odisha declared by this affidavit no. CF-57, dtd- 15/09/2025 that now onwards I shall be known as **SAKHI DALAI** for all future purposes.

AFFIDAVIT
I, RANJITA TRIPATHY, W/o- Durga Prasad Tripathy residing At- Plot No - B-38, Sidhi Vihar, Jagamara, Po/PS- Khandagiri, Bhubaneswar, Dist- Khordha, State- Odisha, Pin- 751030, declare by this affidavit No Vol-II, SL No - 683, dtd. 04.08.2025 that now onwards I shall be known as **RANJITA PANDA** for all future purposes.
Sd- RANJITA PANDA

AFFIDAVIT
By virtue of an affidavit sworn before the Notary Public, Sunabeda dated 19/09/2025 I Sri Gandhi Pangi, S/o.- Deba Pangi, Village- Parajabhimdol, PO. - Balda, PS.- Padwa, Dist.- Koraput declare that I have changed my son's name from **Magara Pangi** to **Makara Pangi**. Henceforth, my son shall be known as **Makara Pangi** for all purposes.
Sd/- **Gandhi Pangi**

AFFIDAVIT
I, Prasanta Mohanty, S/o- Radhashyam Mohanty, resident of Plot No- 2F/591, Sector-10, CDA, Cuttack, Dist- Cuttack, Pin- 753014, Odisha declared by this affidavit No. 12, dtd- 15/09/2025 that now onwards I shall be known as **PRASANTA KUMAR MOHANTY** for all future purposes.

LOST
**I, Sekh Jakir,** C/o: Sekh Sabir, resident of At: Musalim Sahi, Balugaon Chilika, Dist.: Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below: **1) ROR Khata No.: 321/566 and 2) Sell Deed No.: 2711, Doc No.: 11101102712, 3) Deed No.: 1243.**
If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be resposible for it.
**Sd/- Sekh Jakir**

AFFIDAVIT
I, Sri Gopal Harijan, S/o- Late Madhu Harijan resdient of Bhatra, Po.- Ambaguda, Ps.- Jeypore sadar, Dist.- Koraput, Odisha, Pin- 764055 declare by this affidavit no.731 dtd.- 17/09/2025 that, my daughter's actual and correct name is **Sruti Harijan** but in her Aadhaar card no. 6537 8604 4981 her name wrongly mentioned as **Krutirani Harijan**. Hence **Sruti Harijan** and **Krutirani Harijan** is one and same person.
Sd/- **Gopal Harijan**

AFFIDAVIT
I, Baikunatha Nath Karan, S/o- Madan Mohan Karan, resident of Jemadeipur Patna, Mandhatapur, Dist- Nayagarh, Pin- 752079, Odisha declared by this affidavit No.753, dtd- 18/09/2025 that now onwards I shall be known as **BAIKUNTHA NATH KARAN** for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, dated: 19/09/2025, I, Jyoti Nayak, resident of Plot No.511, Unit-3, Kharavela Nagar, PS- Kharavela Nagar, Bhubaneswar, Pin- 751001, Dist- Khordha, Odisha declare that I have changed my son name from Jyotirdeep Ghadei to JYOTIRDEEP NAYAK. Henceforth, he shall be known as **JYOTIRDEEP NAYAK** for all purposes.

NOTICE (FOR MINOR)
By virtue of an affidavit shown before Executive Magistrate, Bhubaneswar Date. 17.8.24 I Prangya Paramita Garabadu, Address: A/T- Ratha Road, P/O- Old town, P/S- Sree Lingaraj, Dist- Khordha, Odisha, Pin-751002, declare that I have changed the name of my SON from AHWAN ARYANSHU PATRO to AHWAN ARYANSHU. Henceforth, he shall be known as **AHWAN ARYANSHU** for all purpose.

AFFIDAVIT
I, Brajesh Kr Thakur, S/o- Rajendra Thakur, resident of Ward No-5, Ektali, Po- Ektali, Ps- Sadar, Dist- Jharsuguda, Pin-768202, Odisha declared by this affidavit No. CF-889 , dtd- 24/07/2025 that now onwards I shall be known as **BRAJESH KUMAR SINGH** for all future purposes.

NOTICE
I, Raja Aditya Prasad Mohanty Advocate do hereby declare that the original register sale deed bearing document No- 687/1989/1 Dt. 29.08.1989 of my client Ranjan Rana S/o Late. Dhusasan Rana of Vill/Po/Ps-Tigiria, Dist-Cuttack has been lost on the way from Tigiria to Nuapatna on Dt. 15.09.2025. If any person found the said document please contact on the following contact number or address.
Raja Aditya Prasad Mohanty
(Advocate)
At/Po-Tigiria, Dist-Cuttack, PIN-754030
Mob No-9348267038
Mail id-rajaaditya.mohanty@gmail.com

AFFIDAVIT
By virtue of an affidavit sworn before the Executive Magistrate, Tirtol, Vide No.6531 dated 16.09.2025, I Anisur Rahaman, S/o- Shaikh Jahiruddin Resident of , At- Krushnanandapur, Po - Krishnanandapur PS - Krushnanandapur, Dist - Jagatsinghpur, Odisha, PIN - 754135 declare that I have changed my name from Sk Anisur Rahman to Anisur Rahaman. Henceforth, I shall be known as **ANISUR RAHAMAN** for all future purposes.

ସକାଳ
THE SAKALA



# ଏନ୍‌ଏସି, ଉପଖଣ୍ଡ ଦାବିରେ କଣ୍ଟାମାଳ ବନ୍ଦ




**ଶଗଡ଼ା, ୧୯ ।୯ (ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳକୁ ସବଡ଼ିଭିଜନ, ଏନଏସି ମାନ୍ୟତା ତଥା ଘୋଷଣା ଦାବି ଜୋର୍ ଧରିଛି। ଏହାସହ ଏଠାରେ ଏକ ସବ୍‌ଜେଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି ଉଠିଛି। ଶୁକ୍ରବାର କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି ସବୁ ଦାବି ନେଇ ୧୨ଘଣ୍ଟା ଧରି କଣ୍ଟାମାଳ ବନ୍ଦ କରାଯାଇଥିଲା। କଣ୍ଟାମାଳ ଗିରିଗୋବର୍ଦ୍ଧନ ମନ୍ଦିରରୁ ଏକ ସଚେତନତା ବାଇକ ରାଲି ବାହାରି ମଲ୍ଲିକୁଦ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା। କଣ୍ଟାମାଳ ଓକିଲ ସଂଘ ସଭାପତି ଦୂତିଆ ଚରଣ ସାହୁଙ୍କ ନେତୃତ୍ୱରେ ସଚେତନ ନାଗରିକ ମଞ୍ଚ ସଦସ୍ୟ, ବଣିକ ସଂଘ ଓ ସ୍ଥାନୀୟ ଜନସାଧାରଣ ପିକେଟିଂ କରିଥିଲେ। କଣ୍ଟାମାଳ ଅଞ୍ଚଳର ସମସ୍ତ ଦୋକାନବଜାର, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ଓକିଲ ସଂଘ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାମ୍ବାଦିକ ସଂଘ ସମେତ ଅଞ୍ଚଳର ସଚେତନ ନାଗରିକ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ଦଳମତ ନିର୍ବିଶେଷରେ କଣ୍ଟାମାଳର ସମସ୍ତ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଯାନବାହାନ ଚଳାଚଳ ବନ୍ଦ ଯୋଗୁଁ ବହୁ ଗାଡିମୋଟର ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଏହା ଫଳରେ ଜନଜୀବନ ପ୍ରଭାବିତ ହେବା ସହ ଜୀବନଯାତ୍ରା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା।

# ଗ୍ରାମ୍ୟ ଜଙ୍ଗଲର ଗଛ ସୁରକ୍ଷା ଦାବିରେ ତହସିଲ ଘେରଉ



**ବୀରମହାରାଜପୁର, ୧୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ବହଳପଦର ଗାଆଁରୁ ହାତିଲି ମୁଣ୍ଡା ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ କିଛିବର୍ଷ ତଳେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ଜଙ୍ଗଲ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ଚାରାଗୁଡ଼ିକ ବଡ଼ ହେବାପରେ ଏବେ ଏହା ଉପରେ କିଛି କାଠ ମାଫିଆଙ୍କ ନଜର ପଡ଼ିଛି। ଫଳରେ କାଠ ମାଫିଆମାନେ ରାତି ଅଧରେ ଜଙ୍ଗଲରେ ଲାଗିଥିବା ବହୁ ମୂଲ୍ୟବାନ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଲିମ୍ବ, ବାଉଁସ ଓ ଅନେଗୁଡ଼ିଏ ମୂଲ୍ୟବାନ ଔଷଧିୟ ବୃକ୍ଷ କାଟି ଚୋରିକରି ନେଉଥିବାରୁ ଦିନକୁ ଦିନ ଜଙ୍ଗଲପଦା ହେବାକୁ ଲାଗିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏପରି ଦିନକୁ ଦିନ ଜଙ୍ଗଲ ନଷ୍ଟ ହେଉଥିବା ମହିଳା ମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶତାଧିକ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ବୀରମହାରାଜପୁର ତହସିଲର କାର୍ଯ୍ୟାଳୟକୁ ଆସି କାଠ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ବୃକ୍ଷ ଗୁଡ଼ିକ ସୁରକ୍ଷିତ ରଖିବା ପାଇଁ ତହସିଲଦାରଙ୍କୁ ଦାବି କରିଥିଲେ। ଏ ସମ୍ପର୍କରେ ମହିଳାମାନେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଡିଏଫଓଙ୍କୁ ମଧ୍ୟ ଲିଖିତ ଜଣାଇଛନ୍ତି। ଏହି ଘେରଉ ଗ୍ରାମର ଜେମାଦେଇ ଛତ୍ରିଆ, କର୍ପୁର ପଧାନ, ଓ କମଳା ଭୋଇଙ୍କ ନେତୃତ୍ୱରେ ହୋଇଥିଲା।

# କୁମାର ପୂର୍ଣ୍ଣିମା ଯାତ୍ରା ପାଇଁ ପ୍ରସ୍ତୁତି

**ଶଗଡ଼ା, ୧୯ ।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଅଧୀନ ବଡ଼ଦେହୁରୀପାଲି କେନ୍ଦ୍ରରେ ହେବାକୁ ଥିବା ମା’ ମାହେଶ୍ୱରୀଙ୍କ କୁମାର ପୂର୍ଣ୍ଣିମାଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଥିଲା। ମା’ମାହେଶ୍ୱରୀ ନାଟ୍ୟ କଳା ସଂସଦର ସଭାପତି ସନ୍ତୋଷ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାସ ୬ ତାରିଖରେ ନାଟକ ‘ସବୁ ଲାଗେ ପର ଲୁହ ନିଜର’ ମଞ୍ଚସ୍ଥ ହେବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅରୁଣ କୁମାର ପଟ୍ଟନାୟକ ଓ ନୃତ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ରଣା ମା’ମାହେଶ୍ୱରୀଙ୍କ ନିକଟରେ ବହି ପୂଜାର୍ଚ୍ଚନା କରିଥିଲେ। ଯାତ୍ରାକୁ ଅଧିକ ଆକର୍ଷଣ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତେ ସହଯୋଗ କରିବାପାଇଁ ମତପ୍ରକାଶ ପାଇଥିଲା। ବୈଠକରେ ସମ୍ପାଦକ ସୁକାନ୍ତ ପରଡ଼ିଆ, ରତ୍ନାକର ପ୍ରଧାନ, ପ୍ରଦୀପ ସିଂହ, ଅବିନାଶ ପ୍ରଧାନ, ସିକୁନ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୁବଳଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ନିୟନ୍ତ୍ରଣ ବୋର୍ଡ ଓ ପ୍ରଶାସନ ପକ୍ଷରୁ ସର୍ବସାଧାରଣ ଶୁଣାଣି

**ଶଗଡ଼ା, ୧୯ ।୯ (ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସଠାରେ ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିବାବେଳେ ପରିବେଶ ନିୟନ୍ତ୍ରଣ ବୋର୍ଡ ଓ ଖଣିବିଭାଗର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ତହସିଲ ଅଧୀନ ଲୁମୁରଜନା ଓ ସାଲେପଡ଼ା ଗ୍ରାମରୁ କ୍ୱାର୍ଟଜ୍ ଉତ୍ପାଦନ ନିମନ୍ତେ ପରିବେଶ ମଞ୍ଜୁର ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜନଶୁଣାଣିରେ ପ୍ରଭାବିତ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ରହି ନିଜନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିଥିଲେ।



# ମଦ ମାଫିଆ ଗିରଫ

**ଶଗଡ଼ା, ୧୯ ।୯ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ମଦ ଜବତ କରିବା ସହ ଜଣେ ମାଫିଆକୁ ଗିରଫ କରାଯାଇଛି। ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ସାହୁପଡ଼ା ଗ୍ରାମ୍ୟ ରାସ୍ତାରେ ଚଢଉ କରି ସୁଜୟ ନାଏକ ନିକଟରୁ ୧୨ ଲିଟର ଦେଶୀ ମଦ ଜବତ କରି ତାକୁ ଗିରଫ କରିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# ୨୧ କେଜି ଗଞ୍ଜେଇ ଓ ୯ ଗ୍ରାମ ବ୍ରାଉନସୁଗର ଜବତ

**ବୌଦ୍ଧ, ୧୯ ।୯ ( ସମିସ):** ବୌଦ୍ଧ ଥାନା ପୁଲିସ ତେତେଲେଙ୍ଗା ଆଦର୍ଶ ବିଦ୍ୟାଳୟ ନିକଟରୁ ୨୧ କେଜି ଗଞ୍ଜେଇ ଓ ୯ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହାସହ ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ନଳିନୀ କାନ୍ତ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଏଡି ସୂଚନା ଦେଇଛନ୍ତି।

# ସାଗର ଫାଉଣ୍ଡେସନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା

**ବୌଦ୍ଧ, ୧୯।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତ ଅଧୀନ ସିଙ୍ଗାଣିବିଡ଼ା ଗ୍ରାମର ଅରକ୍ଷିତ ପ୍ରଧାନ (୫୦)। ଗତ ୧୫ ତାରିଖ ଦିନ ସକାଳୁ ସବୁ କାମସାରି ନିକଟସ୍ଥ ପୋଖରୀକୁ ଗାଧେଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଜଣାପଡ଼ିବା ପରେ ତାଙ୍କୁ ଡାକ୍ତଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ତାଙ୍କର ମୃତ୍ୟୁପରେ ଅରକ୍ଷିତ ପ୍ରଧାନଙ୍କ ୧୧ ପ୍ରାଣୀକୁଟୁମ୍ବ ସମ୍ପୂର୍ଣ୍ଣଭାବେ ଭାଙ୍ଗି ପଡ଼ିଛନ୍ତି। ସ୍ୱର୍ଗତ ଅରକ୍ଷିତ ପ୍ରଧାନଙ୍କ ୩ଟି ଝିଅ ଏବଂ ୭ଟି ପୁତ୍ରସନ୍ତାନ ରହିଛନ୍ତି। ସମସ୍ତ ପୁତ୍ର ସନ୍ତାନଙ୍କ ବୟସମାତ୍ର ୮ ବର୍ଷମଧ୍ୟରେ ହୋଇଥିବାବେଳେ ଏବେ ସେମାନଙ୍କ ପାଇଁ କିଏ ସାଜିବ ସାହା ତାକୁନେଇ ଉଠିଛି ପ୍ରଶ୍ନ। ଅନ୍ୟପଟେ ଝିଅ ୩ ଟି ମଧ୍ୟରୁ ଦୁଇଟି ଝିଅ ଦଶମ ପରେ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ଥିବା ବେଳେ ନିଜ ପିତାଙ୍କର ଶୁଦ୍ଧିକ୍ରିୟା କାମ କିପରି ତୁଲାଇବେ ତାକୁନେଇ ପରିବାର ଲୋକେ ଚିନ୍ତିତ ରହିଛନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ କିଛି ସଙ୍ଗଠନ ପକ୍ଷରୁ ସହାୟତାର ହାତ ବଢ଼ା ଯାଇଥିବା ଜଣାପଡ଼ିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସାଗରଫାଉଣ୍ଡେସନ ପକ୍ଷରୁ ଫାଉଣ୍ଡେସନର ମୁଖ୍ୟ ସାଗର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉମାଶଙ୍କର ପଟ୍ଟନାୟକ ଅସହାୟ ପରିବାରଙ୍କ ପାଖରେ ପହଞ୍ଚି ୭ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି (ଅର୍ଥ ଆକାରରେ) ପ୍ରଦାନ କରିବା ସହିତ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।



# କୃଷି ଓ କୃଷକ ବିକାଶ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ




**ବୀରମହାରାଜପୁର, ୧୯ ।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଚମ୍ପାମାଲ ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ଓ କୃଷକ ବିକାଶ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚମ୍ପାମାଲ ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷକମାନଙ୍କୁ ତାଲିମ ଗ୍ରହଣ କରି ଉତ୍ତମ ଜ୍ଞାନ ଆହୋରଣ କରି କାର୍ଯ୍ୟରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। କିଶୋର ହୋତାଙ୍କ ଉଦ୍ୟମ କ୍ରମେ ସୁବର୍ଣ୍ଣପୁର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସତ୍ୟବ୍ରତ ମଙ୍ଗରାଜ, ଲୋପାମୁଦ୍ରା ରାୟ, ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତ ରାଏ, ବୈଜ୍ଞାନିକ ସୁପ୍ରଭା ସେଠୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ମହିଳା ମିଶନ ଶକ୍ତିର ଏମ୍‌ବିକେ ବୀଣାପାଣି ହୋତା, ଚମ୍ପେସିନୀ ଗୃପର ସଭାପତି ଧରିତ୍ରୀ ମହାରଣା, ରୋଜିନା ମହାରଣା, ଅନ୍ନପୂର୍ଣ୍ଣା ମହାରଣା, ବରିଷ୍ଠ ଚାଷୀ ବେଣୁଧର ନାଏକ, ମନୁ ଗୁଦୁରିଆ, ଅନନ୍ତ ପୁରୋହିତ, ଶ୍ୟାମସୁନ୍ଦର ହୋତା, ବିଶ୍ୱନାଥ ଥନାପତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ।

# ଏନ୍‌ଏସି ଦାବିରେ ୨୩ରେ ମନମୁଣ୍ଡା ବନ୍ଦ

**ମନମୁଣ୍ଡା, ୧୯ ।୯( ସମିସ):** ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ମାନ୍ୟତା ପ୍ରଦାନ ଦାବିରେ ୨୩ ତାରିଖ ୧୨ ଘଣ୍ଟିଆ ମନମୁଣ୍ଡା ବନ୍ଦ ପାଳନ କରାଯିବ। ମନମୁଣ୍ଡା ଏନ୍‌ଏସି ଆହ୍ୱାନ କମିଟି ସଭାପତି ରାଧେଶ୍ୟାମ ସାହୁଙ୍କ ଆବାହକତ୍ୱରେ ସ୍ଥାନୀୟ ଶ୍ରୀ ସୁବର୍ଣ୍ଣମେରୁ ବାବା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ସମୟରେ ମନମୁଣ୍ଡାକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ବର୍ତ୍ତମାନର ବିଜେପି ଶାସିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୁଇଟି ପର୍ଯ୍ୟାୟରେ ୨୮ଟି ସହରକୁ ଏନ୍‌ଏସି ଘୋଷଣା କରିଥିବାବେଳେ ମନମୁଣ୍ଡାକୁ ଅପେକ୍ଷା କରାଯାଇଛି। ତେବେ କାଳେ ପରବର୍ତ୍ତୀ ସମୟରେ ସରକାର ଏହାର ପୁନର୍ବିଚାର କରି ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ମିଳିବ ସେଇ ଆଶାରେ ଅଞ୍ଚଳବାସୀ ଆଶା ବାନ୍ଧି ଅପେକ୍ଷା କରିଥିଲେ; କିନ୍ତୁ ଅଦ୍ୟାବଧି ତାହା କରାଯାଇନି। ଏଣୁ ଅଞ୍ଚଳବାସୀ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଧୈର୍ଯ୍ୟହରା ହୋଇ ଶେଷରେ ଆନ୍ଦୋଳନ ମୁହାଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ଏନ୍‌ଏସି ଘୋଷଣା ପୂର୍ବରୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିଲେ। ତାଙ୍କୁ ମନମୁଣ୍ଡା ଏନ୍‌ଏସି ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେ ସକାରାତ୍ମକ ମନ୍ତବ୍ୟ ମଧ୍ୟ ଦେଇଥିଲେ। ଏନ୍‌ଏସି ପାଇଁ ମନମୁଣ୍ଡାର ଫର୍ମ ‘ବି’ରେ ଫିଜିବିଲିଟି ରିପୋର୍ଟ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ରାଜ୍ୟ ସରକାରଙ୍କ ପ୍ରଦାନ କରାଯାଇଛି। ସମସ୍ତ ଔପଚାରିକତା ପାଳନ କରାଯାଉଥିବା ସତ୍ତ୍ୱ ମନମୁଣ୍ଡାକୁ ଅଣଦେଖା କରାଯାଇଛି।

ଏହାକୁ ନେଇ ବୈଠକରେ ଉପସ୍ଥିତ ଜନସାଧାରଣଙ୍କ ମତାମତ ଲୋଡାଯାଇଥିଲା। ତେବେ ବନ୍ଦ ପାଳନ ବେଳେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ଦୋକାନ, ବଜାର, ସ୍କୁଲ, କଲେଜ, ବନ୍ଦ ରହିବ। ଯାନବାହାନ ଚଳାଚଳ ମଧ୍ୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ସାଇକଲ, ବାଇକ୍ ଓ ସମସ୍ତ ଜରୁରୀକାଳୀନ ଗାଡ଼ି ଯଥା ଆମ୍ବୁଲାନ୍ସ, ଦମକଳ, ଦୁଗ୍ଧ, ଖବର କାଗଜ ପରିବହନ ଗାଡ଼ି, ପୁଲିସ ଗାଡ଼ି ଇତ୍ୟାଦିକୁ ବନ୍ଦ କରାଯିବ ନାହିଁ ବୋଲି କୁହାଯାଇଛି। ବୈଠକରେ ମନମୁଣ୍ଡା ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ପୂର୍ବତନ ସୋନପୁର ପୌରାଧକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ଓକିଲ ତ୍ରିନାଥ ପ୍ରଧାନ, ନରୋତ୍ତମ ମେହେର, ଅକ୍ରୁର ବେହେରା, ବଣିକ ସଂଘ ସଭାପତି ଅଜିତ ମେହେର, ଅବସରପ୍ରାପ୍ତ ଅଧ୍ୟାପକ ନିରଞ୍ଜନ ହୋତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ତ୍ରିପାଠୀ, ସାମ୍ବାଦିକ ବିଜୟ ଆଚାର୍ଯ୍ୟ, ଆବୁ ବକ୍କର ସିଦ୍ଦିକି ଖାଁ, ବିଶିଷ୍ଟ ଉଦ୍ୟୋଗପତି ଆଶିଷ ସାହୁ, ସମ୍ବିତ ନନ୍ଦ, କୈବର୍ତ୍ତ ସମାଜ ସଭାପତି ସୁଦାମ ମଲ୍ଲିକ, ଯବାନ କ୍ଲବ୍ ସଭାପତି ରାଜୁ ନାଏକ, ବାସୁଦେବପାଲି ଆଞ୍ଚଳିକ ଯୁବ ପରିଷଦ ସଭାପତି ମୁନା ମହାନ୍ତି, ୟଙ୍ଗ ଷ୍ଟାର ଆସୋସିଏସନ୍, ତ୍ରିରଙ୍ଗା କ୍ଲବ୍, ଦେଉଳି ଯୁବକ ସଂଘ, ମୋଟର ଚାଳକ ସଂଘ, ୱାର୍ଡ ସଭ୍ୟ ନକୁଳ ବାଘ, ଗୁଗୁନ ଗାଇଗରିଆ, ବିଷ୍ଣୁ ଚରଣ ମେହେର, ରୋହିତ ହୋତା, ଭୁଲିଆ ସମାଜ ସଭାପତି ପଙ୍କଜ ମେହେର ପ୍ରମୁଖଙ୍କ ସମେତ ଅନେକ ଆଲୋଚନାରେ ମତବ୍ୟକ୍ତ କରିଥିଲେ। ଶନିବାର ଏନେଇ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଏସପିଙ୍କୁ ସାକ୍ଷାତ ପୂର୍ବକ ଲିଖିତ ଭାବେ ଜଣାଇବାକୁ ଯିବେ।

# ମହିଳାଙ୍କ ସୁରକ୍ଷା ନେଇ ସଚେତନତା ଶିବିର




**ବିନିକା, ୧୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ମହିଳାଙ୍କ ସୁରକ୍ଷା ନେଇ ବିନିକାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଡିଏଲ୍‌ଏସ୍‌ଏ ସମ୍ପାଦକ ଦେବାଶିଷ ଦାଶ ମୁଖ୍ୟ ଅତିଥି, ଏଡିଏମଓ ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ବିନିକା ମେଡିକାଲ ଅଫିସର ସତ୍ୟ ନାରାୟଣ ପାଣିଗ୍ରାହୀ, ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ପିଏଲଭିଡବିଏଲ ପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସଚେତନତା ଶିବିର ସଭାକୁ ଅଧାପିକା ବୈଜୟନ୍ତୀ ସାହୁ ସଂଯୋଜନା କରିଥିବାବେଳେ ଅଧାପକ ସବ୍ୟସାଚୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବୌଦ୍ଧ, ୧୯ ।୯ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ, ହ୍ୟାଣ୍ଡବଲ, ବାସ୍କେଟବଲ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ମୁଣ୍ଡିପଦର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ, ଶପଥ ପାଠ ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ବିବରଣୀ ପଠନ କରିଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଯତ୍ନ ଲୁହା ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବୌଦ୍ଧ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ମହକ ଓ ଉତ୍ସାହ’ ଉଦ୍‌ଯାପିତ

# ଶିଶୁମାନେ ଅନୁଶାସନ, ପରମ୍ପରା ଅନୁସରଣ କରିବା ଆବଶ୍ୟକ

**ବୌଦ୍ଧ/ହରଭଙ୍ଗା, ୧୯ ।୯ (ସମିସ)**




ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବୀରନରସିଂହପୁରସ୍ଥିତ ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁଙ୍କୁ ନେଇ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ମହକ ଓ ଉତ୍ସାହ-୨୦୨୫’ ଆୟୋଜିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉପ ଜିଲ୍ଲାପାଳ ବିନୟ ଭୋଇ ଯୋଗଦେଇ ଶିଶୁମାନେ ଅନୁଶାସନ ଓ ପରମ୍ପରାକୁ ଅନୁସରଣ କରିବା ସହ ଓ ସମାୟନବର୍ତ୍ତି ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ବାଧାବିଘ୍ନ ଅତିକ୍ରମ କରି କିଛି ଛାତ୍ରଛାତ୍ରୀ କିଭଳି ସଫଳତାର ସ୍ୱାଦ ପାଇଛନ୍ତି ତାହାର ଉଦାହରଣ ମଧ୍ୟ ରଖିଥିଲେ। ପାଠ ପଢ଼ିବା ପାଇଁ ଅର୍ଥ କେବେ ବି ଅଭାବ ବାଧକ ସାଜେ ନୁହେଁ। ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ସରକାର ସବୁବେଳେ ତତ୍ପର ବୋଲି କହିଥିଲେ। ସରକାର ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ, ବିକାଶ ତଥା ଚିହ୍ନଟ କରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନୀତ କରିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି ଏବଂ ସେମାନଙ୍କ ଅଂଶଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିଛନ୍ତି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ହରଭଙ୍ଗା ବିଡିଓ ବିଜୟ ପ୍ରଧାନ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହ କୌଣସି ଅସୁବିଧା ହେଲେ ଜିଲ୍ଲା ପ୍ରଶାସନର ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ରାମକୃଷ୍ଣ ବାଳାଶ୍ରମ ସମ୍ପାଦକ ନବୀନ ଚନ୍ଦ୍ର ବଘାର ବକ୍ତବ୍ୟ ରଖିଥିଲେ। ଶିଶୁ ମଙ୍ଗଳ ଅଧିକାରୀ ଧନଞ୍ଜୟ ଖମାରୀ ସଂଯୋଜନା କରିଥିଲେ। ଶିଶୁମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨ଟି ଶିଶୁ ଯତ୍ନ ଅନୁଷ୍ଠାନର ୭୦ ଶିଶୁ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ନଭେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବସନ୍ତ ଦିଶିରି, ସହଦେବ ନାୟକ, ଚିତ୍ରସେନ୍ ସାହୁ, ପ୍ରବୀଣ ହୋତା, ନୀଳାଞ୍ଚଳ ପ୍ରଧାନ, ଅନନ୍ତ ବାଘ, ଲିପିକା ଦେହୁରି ପ୍ରମୁଖ ସହଯୋଗ କରିଥିଲେ।

# ୧୧ ଗରିବ ପରିବାରକୁ ଉଚ୍ଛେଦ ନ କରିବାକୁ ଦାବି

**ସିନାପାଲି, ୧୯ ।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଗ୍ରାମର ୧୧ ଜଣ ବ୍ୟକ୍ତିଙ୍କୁ ଜାଗା ଛାଡ଼ିବା ପାଇଁ ତହସିଲ ପକ୍ଷରୁ ନୋଟିସ କରାଯାଇଛି । ଏନେଇ କଂଗ୍ରେସ ପକ୍ଷରୁ ଖଡିଆଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ସିଙ୍ଗଝର ଗ୍ରାମର ନୋଟିସ ପାଇଥିବା ହିତାଧିକାରୀ ସିନାପାଲି ତହସିଲଦାର ଉପାଞ୍ଜଳି ମାଝିଙ୍କୁ ଉଚ୍ଛେଦ ନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ସମାଧାନ ନ ହେଲେ ସପରିବାର ଅଫିସ ନିକଟରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ, ସିଙ୍ଗଝର ଗ୍ରାମମଧ୍ୟ ଭାଗରେ ଥିବା ପାହାଡ ଉପରେ ଦିର୍ଘ ୪ପିଢ଼ି ଧରି ୧୧ରୁ ଉର୍ଦ୍ଧ୍ୱ ପରିବାର ବସବାସ କରି ଆସୁଛନ୍ତି ।ଅନେକ ପରିବାର ସରକାରଙ୍କ ଆବାସ ଯୋଜନାରେ ଗୃହ ନିର୍ମାଣ ସାଙ୍ଗକୁ ଅନେକ ଯୋଜନାରେ ସାମିଲ ରହିଛନ୍ତି । ଗ୍ରାମର କିଛି ବ୍ୟକ୍ତି ଦେବୀସ୍ଥଳ କହି ସିନାପାଲି ତହସିଲ କାର୍ଯ୍ୟାଳୟ ରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ନିରୀକ୍ଷକ (ଆର୍ଆଇ)ଙ୍କ ସରଜମିନ ତଦନ୍ତ କରି ସ୍ୱତନ୍ତ୍ର ରିପୋର୍ଟ ପ୍ରଦାନ କରିଥିଲେ । ସେହି ରିପୋର୍ଟରେ ସମ୍ପୃକ୍ତ ନୋଟିସ ପାଇଥିବା ବ୍ୟକ୍ତିମାନେ ଉଚ୍ଚଶ୍ରେଣୀର ବୋଲି ଦର୍ଶାଯାଇଛି । ହେଲେ ଏହି ବ୍ୟକ୍ତିମାନେ ଅତି ଗରିବ ଶ୍ରେଣୀର ଓ ଦିନମଜୁରିଆ ବୋଲି କଂଗ୍ରେସ ଅଭିଯୋଗ କରିବା ସହ ଦାବିପତ୍ରରେ ଉଲ୍ଲେଖ କରିଛି । ଏହାର ଉଚିତ ତଦନ୍ତ କରି ଗରିବ ପରିବାର ଲୋକଙ୍କ ସ୍ୱାର୍ଥ ଦିଗରେ ରାଜସ୍ୱ ବିଭାଗ ତତ୍ପରତା ଦେଖାଇ ଉଚ୍ଛେଦ ନ କରିବା ପାଇଁ କଂଗ୍ରେସ ଦଳ ଓ ସମ୍ପୃକ୍ତ ପରିବାର ତରଫରୁ ତହସିଲଦାରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏ ନେଇ ସିନାପାଲି ତହସିଲଦାର ଉପାଞ୍ଜଳି ମାଝି ଗାଁକୁ ଯାଇ ସରଜମିନ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।



## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା

# ପ୍ରବାସୀ ଶ୍ରମିକ ରୋକିବାକୁ ଆହ୍ୱାନ

**ନୂଆପଡ଼ା, ୧୯ ।୯ (ସମିସ)**

ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ସୁର୍ମି ସୋରେନ, ସୁରକ୍ଷା ଅଧିକାରୀ, ସମସ୍ତ ପ୍ରୋଗ୍ରାମ ଅଫିସର, ସମସ୍ତ ସିଡିପିଓ, ସୁପରଭାଇଜର ଓ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ଦାଶ ଜିଲ୍ଲାରେ କୌଣସି ଗୋଟିଏ ମାତୃ କିମ୍ବା ଶିଶୁ ମୃତ୍ୟୁ ନ ହେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ । ଜିଲ୍ଲାରେ ଅଗଷ୍ଟ ମାସରେ ୪ ଜଣ ମା'ଏବଂ ୧୮ ଜଣ ଶିଶୁ ମୃତ୍ୟୁ ହୋଇଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସମୀକ୍ଷାରୁ ଜଣା ପଡ଼ିଲା ଯେ ଜିଲ୍ଲାରେ ୧୪୦୮ ଅଙ୍ଗନବାଡ଼ି କେନ୍ଦ୍ର ୧୧୮୮ କେନ୍ଦ୍ରର ନିଜସ୍ୱ ଗୃହ ଅଛି । ଜିଲ୍ଲାରେ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିରେ ୧୬୫୬୩୧ ଜଣ, ଦ୍ୱିତୀୟ କିସ୍ତିରେ୧୬୪୦୦୪ ଜଣ ଏବଂ ତୃତୀୟ କିସ୍ତିରେ ୧୫୪୯୦୯ ଜଣ ମହିଳା ସୁଭଦ୍ରା ଯୋଜନାର ଅର୍ଥ ସହାୟତା ପାଇଛନ୍ତି । ଜିଲ୍ଲାରୁ ୫ହଜାରରୁ ଉର୍ଦ୍ଧ୍ୱ ପରିବାର ପ୍ରବାସୀ ଶ୍ରମିକ ହିସାବରେ ବିଗତ ବର୍ଷ ଯାଇଥିବା ଜଣାପଡ଼ିଛି । ସେମାନଙ୍କ ସମ୍ପୂର୍ଣ୍ଣ ସର୍ଭେ କରି ଏହି ବିଭାଗ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ କରିବା ପାଇଁ ସଂଯୋଗ ସେତୁ ହିସାବରେ କାମ କରିବ । ମାଆ ଓ ଶିଶୁ ମାନଙ୍କ କଲ୍ୟାଣ ସହିତ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ରୋକିବା ପାଇଁ ତୃଣମୂଳସ୍ତରରେ ବିଭାଗ ସମର୍ପିତ ଭାବରେ କାମ କରୁ ବୋଲି ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।



# ସିନାପାଲି ଥାନାରେ ଚାରାରୋପଣ



**ସିନାପାଲି, ୧୯ ।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ଥାନା ପରିସରରେ ୧ହଜାରରୁ ଅଧିକ ଚରା ରୋପଣ କରାଯାଇଛି । କାର୍ଯ୍ୟକ୍ରମ ସିନାପାଲି ଥାନାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ନିଳମଣି ମେହେର, ସୁବ୍ରତ ଠାକୁର, ବୈଷମ୍ପାୟନ ମେହେର, ଅରି ଗଞ୍ଜନ ଯୋଶୀ, ରୁସବ ମେହେର, ଶଶିଭୂଷଣ ମାଝି, ଡମ୍ବରୁଧର ମେହେର ସମେତ ଅନ୍ୟାନ୍ୟ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।ପୁଲିସ ଏସ୍ଆଇ ସହଦେବ ଯୋଶୀ, ଏଏସ୍ଆଇ ପ୍ରଭାକର ନାୟକ, କେଶବ ମାଝି, ବିକାଶ ନାଗ, ରେବତି ଦୁର୍ଗା ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲା ଆଦିବାସୀ ସଂଘ

**ଜୟପାଟଣା, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ବାନେର ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ୨୧ ବର୍ଷୀୟ ଯୁବକଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ରହିଛି । ଯୁବକ ଜଣକ ବାନେର ଗାଁର ପ୍ରମିଳ ପୁଝାରି ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ଗୋଟିଏ ସପ୍ତାହ ତଳେ ମୃତ ଯୁବକଙ୍କ ସହ ଗାଁର ଗୌତମ ହାତୀ(୪୦)ଙ୍କ ସହ କୋଣସି କାରଣରୁ ଝଗଡ଼ା ହୋଇଥିବା ବେଳେ ଏଥିରେ ଗୌତମ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତେବେ ଏଥିପାଇଁ ମାନସିକ ଚାପରେ ଆତ୍ମହତ୍ୟା ନା ଅନ୍ୟକାରଣ ପାଇଁ ହତ୍ୟା କରାଯାଇଛି ତାହା ତଦନ୍ତ ସାପେକ୍ଷ । ଏନେଇ ଜୟପାଟଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଆଦିବାସୀ ସଂଘ ପକ୍ଷରୁ ହତ୍ୟା ଅଭିଯୋଗ ଆଣିଛନ୍ତି ।



## କେନାଲ ପାଣିରେ ଭାସିଗଲା ୧୩ବର୍ଷର ଶିଶୁ

# ଉଦ୍ଧାର କଲା ନୂଆପଡ଼ା ପୁଲିସ

**ନୂଆପଡ଼ା, ୧୯ ।୯ (ସମିସ):** ନୂଆପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ପଟୋରାଡ୍ୟାମ କେନାଲ ପାଣିରେ ମାଆ ସହ ଗାଧୋଉ ଥିବା ଜଣେ ୧୩ବର୍ଷର ଶିଶୁ ପାଣିରେ ଭାସି ଯାଇଥିବା ବେଳେ ସ୍ଥାନୀୟ ଲୋକେ ଖୋଜାଖୋଜି କଲା ପରେ ବି ମିଳି ନଥିଲା । ପରେ ପୁଲିସ ପହଞ୍ଚି ଖୋଜି ବାହାର କରିଥିଲା । ପ୍ରକାଶ ଯେ ସ୍ଥାନୀୟ ମାଉଲି ଭଟା ଗାଁର ଅଙ୍ଗଦ ଶବରଙ୍କ ପୁଅ ଦଶରଥ ନିଜ ମାଆ ସହ ମିଶି ସ୍ଥାନୀୟ କେନାଲକୁ ଗାଧୋଇବାକୁ ଯାଇଥିଲା । ସେଠାରେ ଦୁହେଁ ମିଶି ଗାଧୋଇବା ସମୟରେ ଦଶରଥ ହଠାତ ପାଣି ଭିତର ସ୍ରୋତକୁ ଚାଲି ଯାଇଥିଲା । ମାଆ ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ, ସମସ୍ତେ ଖୋଜିଥିଲେ ବି ମିଳି ନଥିଲା । ସ୍ଥାନୀୟ ରଘୁନାଥ ସାହୁ ନାମକ ଜଣେ ସ୍ୱେଚ୍ଛାସେବୀ ପୁଲିସକୁ ଖବର ଦେବାରେ ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସୁଧୀର ନାଏକ, ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜିଥିଲେ । ଏକ ବୁଦାମୂଳେ ଆଶ୍ରୟ ନେଇଥିବା ଦଶରଥଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।



# ଅଷ୍ଟମ ବେତନ କମିଶନ ଲାଗୁ ଦାବିକଲା ରେଳବାଇ ଶ୍ରମିକ ସଂଘ



**ସମ୍ବଲପୁର, ୧୯।୯ (ସମିସ) :** ଅଷ୍ଟମ ବେତନ କମିଶନ ଲାଗୁ କରିବା ପାଇଁ ଦାବି କରି ଅଖିଳ ଭାରତ ରେଲୱେମେନ୍ସ ଫେଡେରେସନର ଆହ୍ୱାନକ୍ରମେ ଆଜି ପୂର୍ବାହ୍ଣରେ ପୂର୍ବତଟ ରେଳବାଇ ଶ୍ରମିକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏହି ଅବସରରେ ସଂଘ ପକ୍ଷରୁ ତିନୋଟି ପ୍ରମୁଖ ଦାବି ଏବଂ ସ୍ଥାନୀୟ ସମସ୍ୟାକୁ ନେଇ ଏକ ସ୍ମାରକ ପତ୍ର ସମ୍ବଲପୁର ଡିଆରଏମ୍‌ଙ୍କ ଜରିଆରେ ରେଳ ମନ୍ତ୍ରାଳୟ ଅନ୍ତର୍ଗତ ରେଲୱେ ବୋର୍ଡର ଜେୟାରମ୍ୟାନ ତଥା ସିଇଓଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ତିନୋଟି ପ୍ରମୁଖ ଦାବି ମଧ୍ୟରେ ଶୀଘ୍ର ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ (ସିପିସି) ଗଠନ କରିବା, ସିପିସିକୁ ଗଠନ ସମୟରେ ଏକପାଖିଆ ନିଷ୍ପତ୍ତି ନନେଇ କର୍ମଚାରୀଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ବିଭିନ୍ନ ପଞ୍ଜିକୃତ ଫେଡେରେସନ ଓ ସଂଘକୁ କମିଟିରେ ସାମିଲ କରିବା ଏବଂ ଅଷ୍ଟମ ବେତନ କମିଶନକୁ ନେଇ ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରିବା ଆଦି ରହିଛି । ଏହାବ୍ୟତୀତ ପୂର୍ବତଟ ରେଳବାଇର ସମ୍ବଲପୁର ଡିଭିଜନକୁ ନେଇ ୨୪ ଦଫା ଦାବି ରହିଛି । ତନ୍ମଧ୍ୟରେ ଟିଏମ୍-୨ ଓ ୩ କର୍ମଚାରୀଙ୍କ ତୁରନ୍ତ ପଦୋନ୍ନତି, ନିୟମିତ ବ୍ୟବଧାନରେ ଏଲ୍ଡିସିଇ / ଜିଡିସିଇ କରିବା, ଟିଟିଇ ମାନଙ୍କ ସକାଶେ ବିଶ୍ରାମ ଗୃହ ବ୍ୟବସ୍ଥା, ଟିକଟ ଯାଞ୍ଚ କର୍ମଚାରୀଙ୍କୁ ଅନାବଶ୍ୟକ ଚାପଗ୍ରସ୍ତ ନକରିବା, ରନିଂ ଷ୍ଟାଫ୍‌ଙ୍କ ପାଇଁ ଏମ୍‌ଜିକେ ଓ ସଟର୍ଲିଂ ଟି.ଓ ଅନୁମୋଦନ, ସମସ୍ତ କ୍ରିଉ ଲବି ଓ ରନିଂ ରୁମ୍‌ର ଅପ୍‌ଗ୍ରେଡେସନ୍, ସମସ୍ତ ନନ୍-ଗେଜେଟେଡ୍ କର୍ମଚାରୀଙ୍କୁ ରାତ୍ରିକାଳୀନ ଆଲାଉନ୍ସ ଦେବା ଆଦି ଦାବି ରହିଛି । ଆଜିକାର ପ୍ରତିବାଦ ଧାରଣାରେ ସମ୍ବଲପୁର ରେଳମଣ୍ଡଳର ବହୁ କର୍ମଚାରୀ ସାମିଲ ହୋଇଥିଲେ ।

# ବିନା ଅନୁମତିରେ ଚାଲିଛି ସ୍କୁଲ

**ନାକଟିଦେଉଳ, ୧୯ ।୯ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରସ୍ୱତୀ ଇଣ୍ଟରନ୍ୟାସନାଲ ସ୍କୁଲ ପାଇଁ ଆବଶ୍ୟକ ଅନୁମତି ନଥାଇ ଦୁଇ ବର୍ଷ ହେବ ଚାଲିଛି ବିଦ୍ୟାଳୟ । ଏହି ବିଦ୍ୟାଳୟରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ଅଧ୍ୟୟନ କରୁଥିବା ଜଣାପଡ଼ିଛି । ବିଦ୍ୟାଳୟଟି ଶିକ୍ଷା ବିଭାଗ ସହ ଅନୁବନ୍ଧିତ ହୋଇନଥିବା ବେଳେ ଶିଶୁ ମାନଙ୍କର ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଥିବା ଅଭିଯୋଗ ଉଠିଛି ।ଶିକ୍ଷା ବିଭାଗ ସହ ବିଦ୍ୟାଳୟଟି ଅନୁବନ୍ଧିତ ନଥିବାରୁ ଭବିଷ୍ୟତରେ ଶିଶୁମାନେ କୌଣସି ବିଦ୍ୟାବୃତ୍ତି ସହ ପ୍ରବେଶ ପରୀକ୍ଷା ଦେବାପାଇଁ ସକ୍ଷମ ହୋଇପାରିବେ ନାହିଁ । ବିଦ୍ୟାଳୟ ଖୋଲିବା ପାଇଁ ଉତ୍ତମ ଭିତ୍ତିଭୂମି ସହ ପରିବେଶ ବାଧ୍ୟତାମୂଳକ । କିନ୍ତୁ ଭଡା ଘରେ କୌଣସି ସୁବିଧା ନଥାଇ ବି ପିଲାଙ୍କ ପାଠ ପଢ଼ା ଚାଲିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ ପାତ୍ରଙ୍କୁ ପଚାରିବାରୁ ଏକ ବର୍ଷ ହେବ ବିଦ୍ୟାଳୟ ଆରମ୍ଭ ପାଇଁ ଆବେଦନ କରାଯାଇଥିଲା ଓ ଭିତିଭୂମି ନଥିବାରୁ ତାକୁ ଖାରଜ କରାଯାଇଛି । ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସମ୍ବଲପୁର ଜିଲ୍ଲାପାଳ ଶିଶୁ ମାନଙ୍କର ଭବିଷ୍ୟତକୁ ନଜରରେ ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହେଉଛି ।

# ଉମାରାଣୀ ପ୍ରଧାନଙ୍କ ପରଲୋକ

**ଭବାନୀପାଟଣା, ୧୯ ।୯ (ସମିସ):** ଅବସରପ୍ରାପ୍ତ ହାବିଲଦାର ପ୍ରଶାନ୍ତ ପ୍ରଧାନଙ୍କ ମାତା ଉମାରାଣୀ ପ୍ରଧାନ (୯୦)ଙ୍କ ଶୁକ୍ରବାର ସକାଳେ ଦେହାନ୍ତ ହୋଇଯାଇଛି । ସେ ଭଞ୍ଜନଗର ଅନ୍ତର୍ଗତ ଲେମ୍ବେଇ ଗ୍ରାମରେ ବିବାହ କରିଥିଲେ । କିନ୍ତୁ ତାଙ୍କ ପୈତୃକ ଗ୍ରାମ ସଦର ବ୍ଲକ ଅନ୍ତର୍ଗତ ଚକ୍ରଧର ନଗର । ଗତକିଛି ବର୍ଷ ହେବ ତାଙ୍କ ଜ୍ୟେଷ୍ଠ ପୁତ୍ର ପାଖରେ ରହୁଥିଲେ । ପରିବାରର ପୁଅ ବୋହୂ, ପୁତୁରା ଝିଆରୀ ନାତି ନାତୁଣୀ ଜ୍ଞାତି କୁଟୁମ୍ବ ସମସ୍ତେ ତାଙ୍କ ଶେଷ ଦର୍ଶନ କରିଥିଲେ ।ସାନ ପୁଅ ଦୁଷ୍ମନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଶୋକରେ ଛାୟା ଖେଳିଯାଇଛି ।

# ପ୍ରଦୀପ ନାଏକଙ୍କୁ ବ୍ଲକ୍ ବିଜେଡିର ଯୁବ ସଭାପତି ଦାୟିତ୍ୱ

**ଥୁଆମୂଳରାମପୁର, ୧୯ ।୯ (ସମିସ):** ବିଜୁ ଜନତା ଦଳ ତାର ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜବୁତ କରିବା ପାଇଁ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଜାରି ରଖିଛି ।ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଦଳ ବର୍ତ୍ତମାନ ଯୁବ ସଂଗଠନର ନେତୃତ୍ୱ ଚୟନ କରିସାରିଛି । ଦଳର ଯୁବନେତା ପ୍ରଦୀପ କୁମାର ନାଏକଙ୍କୁ ଥୁଆମୂଳରାମପୁର ବ୍ଲକ ବିଜେଡିର ନୂତନ ଯୁବ ସଭାପତି ଭାବେ ଚୟନ କରାଯାଇଛି । ଏହାକୁ ସ୍ୱୀକୃତି ପାଇଁ ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଯାଇଛି ।ଶୁକ୍ରବାର ଥୁଆମୂଳ ରାମପୁର ବ୍ଲକ ବିଜେଡି ସଭାପତି କପିଳାସ ନାଏକଙ୍କ ସଭାପତିତ୍ୱରେ ଥୁଆମୂଳ ରାମପୁର ଠାରେ ଦଳର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଦଳର ବରିଷ୍ଠ ନେତା ମାଣିକ୍ୟ ଚନ୍ଦ୍ର ନାଏକ, କାର୍ଯ୍ୟକାରୀ ସଭାପତି କୈଳାସ ପରିଚ୍ଛା, ଫଟୁସିଂ ଭୋଇ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନାଏକ, ଏସ୍‌ଟି ସେଲ୍‌ଫ ସଭାପତି ରାମ ମାଝୀ, ଏସ୍‌ସି ସେଲ୍‌ଫ ସଭାପତି ରାମେଶ୍ୱର ନାଏକ, ଜୋନ୍-୧ ର ସଭାପତି କୃଷ୍ଣଚନ୍ଦ୍ର ସାହୁ, ଜୋନ୍-୨ର ସଭାପତି ଲାଲ ନାଏକଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତ ସଭାପତି ତଥା ମୁଖ୍ୟ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ ।



# ପଶ୍ଚିମ ଓଡ଼ିଶାରେ ୪.୫ ଲକ୍ଷରୁ ଅଧିକ ନୂତନ ବିଦ୍ୟୁତ୍ ସଂଯୋଗ କରିଛି ଟିପିଡବ୍ଲୁଓଡିଏଲ୍

**ସମ୍ବଲପୁର, ୧୯।୯ (ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ବିଗତ ପାଞ୍ଚ ବର୍ଷ ମଧ୍ୟରେ ୪.୫ ଲକ୍ଷରୁ ଅଧିକ ନୂତନ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣର ଦୃଶ୍ୟପଟକୁ ପରିବର୍ତ୍ତନ କରିପାରିଛି । ଏହି ସଫଳତା ସମଗ୍ର ଅଞ୍ଚଳରେ ଘରୋଇ, କୃଷି, ବ୍ୟବସାୟ, ଶିଳ୍ପ ଏବଂ ବିଭିନ୍ନ ପ୍ରତିଷ୍ଠାନମାନଙ୍କ ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଉପଲବ୍ଧତାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି, ଯାହା ଅଞ୍ଚଳର ଅଭିବୃଦ୍ଧି ତଥା ସ୍ଥାୟୀ ବିକାଶ ପ୍ରତି ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଗତ ଜାନୁଆରୀ ୨୦୨୧ ରୁ ଅଗଷ୍ଟ ୨୦୨୫ ମଧ୍ୟରେ, ଟିପିଡବ୍ଲୁଓଡିଏଲ୍ ଘରୋଇ, ବାଣିଜ୍ୟିକ, ଶିଳ୍ପ, କୃଷି ଏବଂ ଅନ୍ୟାନ୍ୟ ବର୍ଗ ଯଥା- ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ହସ୍ପିଟାଲ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଇତ୍ୟାଦିରେ ଗ୍ରାହକମାନଙ୍କୁ ନୂତନ ସଂଯୋଗ ପ୍ରଦାନ କରାଯାଇଛି । ଘରୋଇ ଗ୍ରାହକମାନେ ସର୍ବାଧିକ ଲାଭାର୍ଥୀ ଭାବେ ୩ ଲକ୍ଷରୁ ଅଧିକ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି, ଯାହା ସହର ଏବଂ ଗ୍ରାମାଞ୍ଚଳ ପରିବାର ପାଇଁ ଆଲୋକ ଏବଂ ପ୍ରଗତି ଆଣିଛି । ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ଲାଭବାନ ହୋଇଛନ୍ତି । ସହର ଏବଂ ଗ୍ରାମାଞ୍ଚଳରେ ପ୍ରାୟ ୫୦, ୦୦୦ରୁ ଅଧିକ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

ସେହିପରି କୃଷି କ୍ଷେତ୍ରରେ ନୂତନ ଭାବେ ପ୍ରାୟ ୬୫, ୦୦୦ରୁ ଅଧିକ କୃଷକଙ୍କୁ ଟିପିଡବ୍ଲୁଓଡିଏଲର ବିଦ୍ୟୁତ୍ ବିତରଣ ନେଟୱାର୍କରେ ଯୋଡ଼ାଯାଇଛି । ଫଳରେ ଜଳସେଚନ ଏବଂ ଆନୁଷଙ୍ଗିକ ଆବଶ୍ୟକତା ପାଇଁ ସମୟାନୁବର୍ତ୍ତୀ ଭାବରେ ବିଦ୍ୟୁତ୍ ସେବା ପହଞ୍ଚା ଯାଇ ପଶ୍ଚିମ ଓଡ଼ିଶାର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି । ସେହିପରି ୪, ୦୦୦ରୁ ଅଧିକ ନୂତନ ସଂଯୋଗ ସହ ପଶ୍ଚିମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହନ ମିଳିଛି, ଯାହା ଆଞ୍ଚଳିକ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିଛି । ଏହା ସହିତ ସରକାରୀ ପ୍ରତିଷ୍ଠାନ ଏବଂ ସ୍କୁଲ, ହସ୍ପିଟାଲ ଏବଂ କଲେଜ ଭଳି ସାର୍ବଜନୀନ ସେବା ସୁବିଧାଗୁଡ଼ିକୁ ୩୧, ୦୦୦ରୁ ଅଧିକ ନୂତନ ସଂଯୋଗ ପ୍ରଦାନ କରାଯାଇଛି, ଯାହା ଅତ୍ୟାବଶ୍ୟକ ସେବା ଏବଂ ସାମାଜିକ ଭିତ୍ତିଭୂମିକୁ ସମର୍ଥନ କରିବାରେ ଟିପିଡବ୍ଲୁଓଡିଏଲର ଭୂମିକାକୁ ରେଖାଙ୍କିତ କରେ । ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ନୂତନ ସଂଯୋଗ ପାଇଁ ଆବେଦନ କରିବାର ପ୍ରକ୍ରିୟା ବହୁତ ସରଳ ଏବଂ ଗ୍ରାହକ-ଅନୁକୂଳ ହୋଇଛି । ଯାହା ପଶ୍ଚିମ ଓଡ଼ିଶାରେ ଘରୋଇ, ବ୍ୟବସାୟ ଏବଂ ଫାର୍ମ ଗୁଡ଼ିକ ପାଇଁ ଦ୍ରୁତ ବିଦ୍ୟୁତୀକରଣକୁ ସକ୍ଷମ କରିଛି ବୋଲି ବିଷୟରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ।

## ଅବକାରୀ ବିଭାଗ ବିରବଦ୍ରଷ୍ଟା

# ଧର୍ମଗଡ଼ ଅଞ୍ଚଳରେ ଦେଶୀ ବିଦେଶୀ ମଦ ଅବାଧ କାରବାର

**ଧର୍ମଗଡ଼, ୧୯ ।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ବେଆଇନ ଦେଶୀ ଓ ବିଦେଶୀ ମଦ କୋଠି କୁଟୀର ଶିଳ୍ପରେ ପରିଣତ ହେଲାଣି । ଧର୍ମଗଡ଼ ସହର ସମେତ ଗ୍ରାମାଞ୍ଚଳମାନଙ୍କରେ ପ୍ରାୟ ବେଆଇନ ଦେଶୀ ଓ ବିଦେଶୀ ମଦ ଯାହାକୁ ଯେତେ ପାଣି ସୁଅ ଭଳି ଅବାଧରେ ମିଳୁଛି । ଯାହା ଫଳରେ ଗ୍ରାମାଞ୍ଚଳର ଅବସ୍ଥା ଗାଁ ମାନଙ୍କରେ ବ୍ୟାପକ ଭାବେ ଦେଖିବାକୁ ମିଳୁଛି । ଧର୍ମଗଡ଼ ସହରରେ ଦୁଇଟି ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଓ ଗୋଟିଏ ଲାଇସେନ୍ସପ୍ରାପ୍ତ ବାର ରହିଛି । ଏହି ବିଦେଶୀ ଦୋକାନ ଗୁଡିକରୁ ସିଧାସଳଖ ଗ୍ରାମାଞ୍ଚଳ ମାନଙ୍କରେ ଥିବା ମଦ କୋଠିମାନଙ୍କୁ ମଦ ସପ୍ଲାଇ କରାଯାଉଛି । ଫେରିବାଲା ଭଳି ଦେଶୀ ମଦଭାଟି କର୍ମଚାରୀ ଓ ବିଦେଶୀ ମଦ ଦୋକାନ କର୍ମଚାରୀଙ୍କ ଦ୍ୱାରା ବାଇକ୍ ଯୋଗେ ମଦ ଗାଁ ରୁ ଗାଁ ରପ୍ତାନି କରାଯାଉଛି । ଭାଟି ମାନଙ୍କ ଦ୍ୱାରା ମଦ ପ୍ୟାକେଟ ଗୁଡିକରେ ବ୍ୟବହାରର ସମୟ ସୀମା ଓ ଓଜନର ସ୍ପଷ୍ଟତା ଦେଖାଯାଉ ନାହିଁ । ମଦ ପ୍ରସ୍ତୁତ ସମୟରେ ମଦର ଗୁଣାତ୍ମକମାନ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ଭାଟି ଦ୍ୱାରା ପ୍ରସ୍ତୁତ ମଦକୁ ଅଧିକ ନିଶାଯୁକ୍ତ କରିବା ପାଇଁ ମହୁଲି ମଦ ପ୍ରସ୍ତୁତ କରିବା ସମୟରେ ମହୁଲ ଫୁଲ ସହିତ ୟୁରିଆ, ସ୍ପିରିଟ, ସାହାଯ ପତ୍ର ଏବଂ ଅନ୍ୟାନ୍ୟ କେମିକାଲ ମିଶାଉଛି । ଏହି ଭଳି ବିଦେଶୀ ମଦ ମଧ୍ୟ ସରକାରୀ ସ୍ୱୀକୃତ ଦୋକାନକୁ ଛାଡି ସହର ଏବଂ ଗ୍ରାମାଞ୍ଚଳରେ ସହଜରେ ମିଳି ପାରୁଛି । ପ୍ରତିଷ୍ଠିତ ଓ ଅଧିକ ମାତ୍ରାରେ ବିକ୍ରି ହେଉଥିବା ବିଦେଶୀ, ବ୍ୟାପକ ଭାବେ ନକଲି ବ୍ରାଣ୍ଡ କରାଯାଇ ବିକ୍ରି ହେଉଥିବା ଚର୍ଚ୍ଚା ହେଉଛି । ଧର୍ମଗଡ଼ ବିଦେଶୀ ମଦ ଦୋକାନ ଓ ବାରମାନଙ୍କରେ ନିର୍ଦ୍ଧାରିତ ଦର ଠାରୁ ବେଆଇନ ଭାବେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଯୋଗୁଁ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଯାଉଛି । କେବେ କେବେ କାଁ ଭାଁ ଅବକାରୀ ଓ ପୁଲିସ ଦ୍ୱାରା ମଦ ଜବତ କରାଯାଉ ଥିଲେ ହେଁ, କେବଳ କୁଟିଆକୁ ଦଣ୍ଡ ବିଧାନ କରାଯାଉଥିବା ବେଳେ, ଯେଉଁ ବିଦେଶୀ ମଦ ଦୋକାନୀ ଓ ମଦ ଭାଟିମାନଙ୍କ ଠାରୁ ବ୍ୟାପକ ଭାବେ ମଦ ଅଣାଯାଇ ବିକ୍ରି କରୁଥିବା ମଦଭାଟି ମାଲିକଙ୍କ ପାଖକୁ ପୁଲିସ କିମ୍ବା ଅବକାରୀ ବିଭାଗ ପହଞ୍ଚି ପାରୁନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି । ସମ୍ପୃକ୍ତ ବିଭାଗ ନିନ୍ଦା ବିଷ୍ଣୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ଯୋଗୁଁ ଆଜିର ସମୟରେ ଦୁଇଗୁଣିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏପରିସ୍ଥଳେ ଜିଲ୍ଲା ଅବକାରୀ ଅଧିକ୍ଷକ ଓ ଜିଲ୍ଲାପାଳ, ଉପଜିଲ୍ଲାପାଳ ଧର୍ମଗଡ଼ ଗାଁ ସହର ଓ ଗ୍ରାମାଞ୍ଚଳ ମାନଙ୍କରେ ହେଉଥିବା ଚୋରା ମଦବିକ୍ରି ସ୍ୱତନ୍ତ୍ର ଦୃଷ୍ଟି ଦେଇ ରୋକାଯିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# କେସିଙ୍ଗା ଡାକ୍ତରଖାନାରେ ମୁକ୍ତ ଚିକିତ୍ସା ଶିବିର



**କେସିଙ୍ଗା, ୧୯ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ହସ୍ପିଟାଲରେ ବୁଧବାର ଦିନ ୬ ଜଣ ବିଭିନ୍ନ ପ୍ରକାରର ରୋଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀ ସେବା କରିଥିବା ଦେଖାଯାଇଥିଲା ।ବିଶେଷଜ୍ଞ ଡାକ୍ତର ଦଳ ଆସିବେ ଶୁଣି ଅଞ୍ଚଳର ଅନେକ ରୋଗୀଙ୍କ କେସିଙ୍ଗା ମେଡିକାଲରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା ।ଏଥିରେ ରୋଗୀଙ୍କୁ ଔଷଧ, ରକ୍ତ ପରୀକ୍ଷା, ପରାମର୍ଶ ମାଗଣାରେ ମିଳିଥିଲା ।ମୁଖ୍ୟଅତିଥି ଭାବରେ କଳାହାଣ୍ଡି ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ, ସିଡିପିଓ ସୁଷମା ମିଶ୍ର, ମେଡିକାଲ ଇନଚାର୍ଜ ପ୍ରୟାଗ ପ୍ରତିଶ୍ରୁତି ମାଝୀ ପ୍ରମୁଖ ଯୋଗଦେଇ ଥିଲେ । ଶେଷରେ ରାଜ୍ୟସଭା ସାଂସଦ ଯିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କେସିଙ୍ଗା ମେଡିକାଲରେ ଥିବା ସମସ୍ତ ସମସ୍ୟାର ସମାଧାନ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଧବଳମୁଖୀ ବେଶରେ ଦର୍ଶନ ଦେବେ ମା' ସମଲେଇ



**୨୧ ମହାଳୟାଠାରୁ ୨୩ ମଧ୍ୟାହ୍ନ ପର୍ଯ୍ୟନ୍ତ ଅଢ଼େଇ ଦିନ**

ସମ୍ବଲପୁର, ୧୯।୯ (ସମିସ): ଆସନ୍ତା ୨୧ତାରିଖରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ପାଇଁ ନୀତିନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଧବଳମୁଖୀ ବେଶରେ ମା'ଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ କରିବା ସହ ଗଙ୍ଗା ଦର୍ଶନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପବିତ୍ର ମହାଳୟା ତିଥିରେ ମା'ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପୂଜକମାନଙ୍କର ମିଳିତ ନିଷ୍ପତ୍ତିକ୍ରମେ ଚଳିତବର୍ଷର ଦର୍ଶନ ସମୟ ନିର୍ଘଣ୍ଟ ହୋଇଛି। ୨୧ତାରିଖ ଭୋର୍ ସାଢ଼େ ୪ଟାରେ ମଙ୍ଗଳ ଆଳତି ହୋଇ ଭୋର୍ ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ପୂର୍ବାହ୍ଣ ୧୧ଟା ୪୫ ମିନିଟରୁ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନ୍ନଭୋଗ ଲାଗିବ ଓ ଦର୍ଶନ ବନ୍ଦ ରହିବ। ପରେ ସନ୍ଧ୍ୟା ମହାଆଳତି ପାଇଁ ଦର୍ଶନ ରାତି ୭ଟା ୪୫ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ ଏବଂ ପରେ ମା' ସମଲେଶ୍ୱରୀଙ୍କ ଦର୍ଶନ ବନ୍ଦ ଓ ପହଡ଼ ନୀତି ହେବ ବୋଲି ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ମହାଳୟା, ୨୧ତାରିଖ ରବିବାରଠାରୁ ଆରମ୍ଭ କରି ୨୩ ତାରିଖ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେବେ।

## ଦଶହରା ପାଇଁ ଚାଲିଛି ପରଭା ସଫେଇ

ଆସନ୍ତା ନବରାତ୍ର ସକାଶେ ମା' ସମଲେଶ୍ୱରୀ ପରଭା ଓ ଅଳଙ୍କାର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସୂଚନା ଅନୁଯାୟୀ, ରୂପା ପରଭା ସଫେଇ ସରିଥିବା ବେଳେ ଆସନ୍ତାକାଲିଠାରୁ ମା'ଙ୍କ ଅଳଙ୍କାର ସଫେଇ ଆରମ୍ଭ ହେବ। ପ୍ରତିବର୍ଷ ଆଶ୍ୱିନ ନବରାତ୍ର ପୂର୍ବରୁ ମା' ଧାରଣ କରିଥିବା ଅଳଙ୍କାର, ପରଭା ଆଦି ସଫେଇ କରାଯାଇଥାଏ। ଏହାସହ ଦଶହରା ଉପଲକ୍ଷେ ମନ୍ଦିର ବାହାରପାର୍ଶ୍ୱ ମଧ୍ୟ ନୂତନ ରଙ୍ଗ କରାଯାଉଛି। ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କ ମନ୍ଦିରରେ ନୂତନ ଧ୍ୱଜାରୋହଣ ହେବ। ଉଲ୍ଲେଖଯୋଗ୍ୟ, ନୂଆଁଖାଇ ସମୟରେ ସମଲେଶ୍ୱରୀ ମନ୍ଦିରର ଦେବଦେବୀଙ୍କୁ ନୂତନ ରଙ୍ଗ ଚଢ଼ାଯାଇଥାଏ।



**ମିଳୁନି ଜିଏସ୍‌ବିୱାଇ ଚିକିତ୍ସା**

# ବାପ ଘରେ ସ୍ୱାସ୍ଥ୍ୟକାର୍ଡ, ଶାଶୂଘରେ ବୋହୂ

**■ ସବୁରି ମୂଳରେ ବ୍ଲକ୍‌ୱାରୀ ଟାର୍ଗେଟ୍**
**■ ଛୋଟ ପିଲା ବି ଯୋଡ଼ି ହୋଇପାରୁନାହାନ୍ତି**

ଭୁବନେଶ୍ୱର, ୧୯।୯ (ସମିସ): ରାସନ କାର୍ଡ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଏସ୍‌କେୱାଇ ମାଧ୍ୟମରେ ବିଜେଡି ସରକାର ଆରମ୍ଭ କରିଥିଲେ। ସେହି କାର୍ଡର ନାମ ପରିବର୍ତ୍ତନ କରି ବିଜେପି ସରକାର ତାକୁ ଆୟୁଷ୍ମାନ ସହ ଯୋଡ଼ି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା(ଜିଏସ୍‌ବିୱାଇ)ରେ ପରିଣତ କରିଦେଲେ। ମାତ୍ର ବିଏସ୍‌କେୱାଇରେ ଯେଉଁ ସୁବିଧା ସୁଯୋଗ ମିଳୁଥିଲା, ତାହା ଏବେ ଜିଏସ୍‌ବିୱାଇରେ ମିଳୁନି। ହେଲେ ଏବେ ବି ଯେତିକି ସୁବିଧା ମିଳୁଛି, ଅଧିକାଂଶ ଯୋଗ୍ୟ ହିତାଧିକାରୀ ତାହା ପାଇପାରୁନାହାନ୍ତି। ବିଶେଷକରି ନବବିବାହିତ ଝିଅମାନେ ଏହି ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିବାହ ପରେ ସେମାନେ ବାପାଘର କାଡର୍‌ରୁ ବାଦ ପଡୁଛନ୍ତି ସିନା, ମାତ୍ର ଶାଶୂଘର କାର୍ଡରେ ସେମାନଙ୍କ ନାମ ଯୋଡ଼ି ହୋଇପାରୁନାହାନ୍ତି। କିଛି ସ୍ଥାନରେ ବାପ ଘରେ ଝିଅର ନାଁ ଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ପାଖରେ କାର୍ଡ ନ ଥିବାରୁ କାର୍ଡ ନମ୍ବର, ଫିଙ୍ଗରପ୍ରିଣ୍ଟ ଆଦି ବିଭିନ୍ନ ଅସୁବିଧା ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।


ରାଜ୍ୟରେ ରାସନ କାର୍ଡଧାରୀ ପରିବାର ସଂଖ୍ୟା ୯୫ ଲକ୍ଷ ୮୫ ହଜାର ୭୬୬। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରର ସଦସ୍ୟ ଏହି କାର୍ଡରେ ଯୋଡ଼ି ହୋଇ ଯୋଜନାର ଲାଭ ଉଠାଉଛନ୍ତି। ଝିଅମାନେ ବିବାହ ପୂର୍ବରୁ କାର୍ଡରେ ଯୋଡ଼ି ହୋଇ ମୁଣ୍ଡ ପିଛା ୫ କେଜି ଚାଉଳ ସହ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁଛନ୍ତି। ବାହାଘର ପରେ ସେମାନେ ବାପାଘର କାର୍ଡରୁ ନିଜ ନାମକୁ ବିଯୋଗ କରି ଶାଶୂଘର କାର୍ଡରେ ଯୋଡ଼ି ହେବାକୁ ଚାହୁଁଛନ୍ତି; କିନ୍ତୁ ବାପାଘର ଓ ଶାଶୂଘର ଭିନ୍ନ ବ୍ଲକ୍ ହୋଇଥିଲେ ନାଁ ଯୋଡ଼ିବାରେ ଅସୁବିଧା ହେଉଛି। ବ୍ଲକ୍‌ଗୁଡ଼ିକୁ ପୂର୍ବରୁ ଏସ୍‌ଏଫ୍‌ଏସ୍‌ଏସ୍ ଓ ଏନ୍‌ଏଫ୍‌ଏସ୍‌ଏସ୍‌ରେ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦିଆଯାଉଛି। ତେଣୁ ଯେଉଁ ବ୍ଲକ୍‌ରେ ନୂତନ ଭାବେ ଯୋଡ଼ି ହେବାକୁ ଚାହୁଁଛନ୍ତି, ସେଠି ଟାର୍ଗେଟ୍ ପୂରଣ ହୋଇଯାଇଥିବାରୁ ଯୋଡ଼ି ହୋଇପାରୁନାହାନ୍ତି। କେବଳ ଝିଅମାନେ ନୁହନ୍ତି, ଛୋଟ ପିଲା ଜନ୍ମ ହେବା ପରେ ଆଧାରକାର୍ଡ ହେବା ପରେ ରାସନ କାର୍ଡରେ ଯୋଡ଼ି ହେବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ଗୁଡ଼ିକରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଉଛି, ତେବେ ତାଙ୍କ ପରିବର୍ତ୍ତେ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଅଧିକାଂଶ ଝିଅମାନେ ଚାଉଳ ନ ପାଇବା ଯୋଗୁଁ ବାପାଘରୁ ନାଁ କାଟିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ଚିକିତ୍ସା ସୁବିଧାର ଲାଭ ଉଠାଇ ପାରୁନାହାନ୍ତି।

ହିତାଧିକାରୀ ଚନ୍ଦ୍ରଶେଖର ବେହେରା କହିଛନ୍ତି ଯେ ମୋର କାର୍ଡ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅଛି। ମୋ ସ୍ତ୍ରୀଙ୍କର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ରେ ନାଁ ରହିଛି। ଗୋଟିଏ ଜିଲ୍ଲା ଭିତରେ ହୋଇଥିଲେ ବି ଦୁଇଟି ବ୍ଲକ୍ ଓ ଟାର୍ଗେଟ୍ ନଥିବା କାରଣରୁ ପତ୍ନୀଙ୍କ ନାଁ ଯୋଡ଼ିବାରେ ମୋତେ ଅସୁବିଧା ହେଉଛି। ମୁଁ ନ ଜାଣିପାରି ସେଠୁ ନାଁ କାଟି ଦେଇଥିବାବେଳେ ଏବେ ଏଠି ଯୋଡ଼ିବାରେ ଅସୁବିଧା ହେଉଛି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟାର୍ଗେଟ୍ ନ ଥିଲେ ଆମେ କିଛି କରିପାରିବୁ ନାହିଁ। ମୂଳରେ ଏଭଳି ସରକାରୀ ବ୍ୟବସ୍ଥା ହୋଇଛି। ତେଣୁ ଏଥିରେ ପରିବର୍ତ୍ତନ ପାଇଁ ଆମେ ପ୍ରସ୍ତାବ ଦେବୁ। ଆଗାମୀ ଦିନରେ ସରକାର ଯାହା ନିଷ୍ପତ୍ତି ନେବେ, ଆମେ ତାକୁ କାର୍ଯ୍ୟକାରୀ କରିବୁ ବୋଲି ସେ କହିଛନ୍ତି।

**୨୧ରେ ଦିବଂଗତ ବିଧାୟକ ଢୋଲକିଆଙ୍କ ଦଶାହ**

# ନବୀନଙ୍କୁ ନିମନ୍ତ୍ରଣ କଲେ ପରିବାରଲୋକ

ନୂଆପଡ଼ା, ୧୯।୯(ସମିସ): ଆସନ୍ତା ୨୧ତାରିଖରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମ ତାଙ୍କର ଖରିଆରରୋଡ୍‌ସ୍ଥିତ ନିବାସରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱର୍ଗତ ଢୋଲକିଆଙ୍କ ଝିଆରୀ ଧ୍ୱନି ଓ ଝିଆରୀ ଜ୍ୱାଇଁ ମୋହିତ ଅଗ୍ରୱାଲ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ଉଭୟ ଦିଲ୍ଲୀଠାରେ ନବୀନଙ୍କୁ ତାଙ୍କ ପୈତୃକ ବାସଭବନରେ ଭେଟି ନିମନ୍ତ୍ରଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭାର ୧୪୬ଜଣ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ଦିଆଯାଇଥିବା ଢୋଲକିଆଙ୍କ ପୂର୍ବତନ ପିଏ ରାମଲାଲ ହଂସ ସୂଚନା ଦେଇଛନ୍ତି।



# ବାଳାଶ୍ରମରେ ନିଜ ହାତ କାଟି ନାବାଳିକା ଗୁରୁତର

**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ବ୍ରହ୍ମପୁର, ୧୯।୯(ସମିସ): ଗୋସାଇଁ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରହୁଥିବା ଜଣେ ନାବାଳିକା ନିଜ ହାତକୁ ବ୍ଲେଡ୍‌ରେ କାଟି ଗୁରୁତର ହୋଇ ପଡ଼ିଛନ୍ତି। ତାଙ୍କୁ ଗରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ବାଳାଶ୍ରମରେ କିଛି ମାସ ହେବ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା କୌଣସି କାରଣକୁ ନେଇ ଏକ ବ୍ଲେଡ୍‌ରେ ନିଜ ହାତ କାଟି ଦେଇଥିଲେ। ତାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ବାଳାଶ୍ରମର ଅନ୍ୟ ଅନ୍ତେବାସୀ ଏହା ଜାଣିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏମ୍‌କେସିଜିରେ ତାଙ୍କ ଚିକିତ୍ସା ଜାରି ରହିଛି।

ଏହି ଘଟଣା ସାମ୍ନାକୁ ଆସିବା ପରେ ଗଞ୍ଜାମ ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି, ଏନେଇ ଗୋସାଇଁନୂଆଗାଁରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶଥାଉକି, ନିର୍ଯାତନା ଓ ବଳାତ୍କାରର ଶିକାର ହୋଇଥିବା ନାବାଳିକା ଓ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଉତ୍କଳ ବାଳାଶ୍ରମରେ ରଖାଯାଉଛି। ଏଠାରେ ପୀଡ଼ିତାଙ୍କୁ ଆଶ୍ରୟ ଦିଆଯାଉଥିବା ବେଳେ ସେମାନଙ୍କ ରହିବା ଓ ସ୍ୱାସ୍ଥ୍ୟ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ହେଲେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

**■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

## ଶିକ୍ଷକ ଶଙ୍କର ଖୋସଲାଙ୍କୁ ଅନ୍ତରୀଣ ସୁରକ୍ଷା

କଟକ, ୧୯।୯(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଶିକ୍ଷକ ଶଙ୍କର ଖୋସଲାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ମାମଲାକୁ ଚାଲେଞ୍ଜ କରି ଶ୍ରୀ ଖୋସଲାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମାମଲାରେ ଆବେଦନକାରୀଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଆବେଦନକାରୀ ତଦନ୍ତରେ ସହଯୋଗ କରିବେ ଓ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅକ୍ଟୋବର ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**■ ଆଜି ଛତିଶା ନିଯୋଗ ବୈଠକ**

## କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

ପୁରୀ,୧୯।୯(ସମିସ): ଶନିବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ସାଢ଼େ ୪ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ, ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ, ସେନେଇ ମଧ୍ୟ ଆଲୋଚନା କରାଯାଇପାରେ। ଏତଦ୍‌ବ୍ୟତୀତ ରତ୍ନଅଳଙ୍କାର ସ୍ଥାନାନ୍ତର ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

ସମ୍ବଲପୁର, ୧୯।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ସମ୍ପ୍ରତି ହୀରାକୁଦ ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ପହଞ୍ଚିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୭୫ ଫୁଟ୍‌ରେ ପହଞ୍ଚିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲା ରହିଛି। ତେବେ ସଂଧ୍ୟା ପରେ ଡାହାଣପାର୍ଶ୍ୱର ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୪୫୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୨,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୬୫,୬୭୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୬୧୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୫୦୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ନଦୀବନ୍ଧର ଉପରମୁଣ୍ଡରେ ୧.୪୩ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**■ ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀର ମୁଣ୍ଡଗଣ୍ଡି ଅଲଗା କରିଦେଲା

ଜଳେଶ୍ୱର/ଜଳେଶ୍ୱରବ୍ଲକ୍,୧୯।୯ (ସମିସ): ଶୋଇଥିବା ଅବସ୍ଥାରେ ପତ୍ନୀର ଗଣ୍ଡିମୁଣ୍ଡ ଅଲଗା କରିଦେଲା ସ୍ୱାମୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ୨ନମ୍ବର ୱାର୍ଡର ଚକୁଆପାଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୟନ୍ତୀ ପାତ୍ର(୪୫)। ଜୟନ୍ତୀଙ୍କୁ ଗତରାତିରେ ହତ୍ୟା କରିବା ପରେ ଆଜି ସକାଳୁ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରମୋହନ ପାତ୍ର ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୮୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଚନ୍ଦ୍ରମୋହନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଜୟନ୍ତୀ ଓ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ କଳହ ଲାଗି ରହୁଥିଲା। ଗତରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଏହି ସମୟରେ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ମୁଣ୍ଡକୁ କାଟି ଦେଇଥିଲା। ଆଜି ସକାଳେ ଚନ୍ଦ୍ରମୋହନ ଥାନାରେ ଆତ୍ମସମର୍ପଣ କରିବା ପରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ରାଇବଣିଆ ଥାନା ଅଧିକାରୀଣୀ ଲୋପାମୁଦ୍ରା ପଣ୍ଡା ଓ ବାଲେଶ୍ୱରରୁ ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଥିଲେ।

# କେନାଲରୁ ମହିଳାଙ୍କ ଶବ ଜବତ

ଭେଡେନ/ଅତାବିରା, ୧୯।୯(ସମିସ): ରେଙ୍ଗାଲିକେମ୍ପ -ପପଙ୍ଗା କେନାଲର ଖାଉପାଲି ବ୍ରିଜ୍ ନିକଟରୁ ଆଜି ଜଣେ ମହିଳାଙ୍କ ଶବ ଉଦ୍ଧାର ହୋଇଛି। ସକାଳେ ଭେଡେନ୍ ପୁଲିସର ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ କେନାଲରୁ ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ମୃତ ମହିଳାଜଣଙ୍କ ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା କେଡ଼ାର ଥାନା ଭାକୁଡା ଗ୍ରାମର ଦିବ୍ୟକାନ୍ତି କୁମ୍ଭାର(୪୦)। ସୂଚନାନୁଯାୟୀ, ୬ ମାସ ତଳେ ଦିବ୍ୟକାନ୍ତି ନିଜ ସ୍ୱାମୀ ଧନିରାମ କୁମ୍ଭାର ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଅତାବିରାକୁ କାମ କରିବାକୁ ଆସିଥିଲେ। ରେଙ୍ଗାଲିକେମ୍ପରେ ରହି ଏକ କାରଖାନାରେ କାମ କରୁଥିଲେ। ଗୁରୁବାର ଅପରାହ୍ଣରେ ଦିବ୍ୟକାନ୍ତି କେନାଲକୁ ଗାଧୋଇବାକୁ ଯାଇ ନ ଫେରିବାରୁ ପରିବାରଲୋକେ ଅତାବିରା ଥାନାରେ ଆଭିଯୋଗ କରିଥିଲେ। ଅତାବିରା ପୁଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ରେଙ୍ଗାଲିକେମ୍ପରୁ ପତ୍ରାପାଲି ପର୍ଯ୍ୟନ୍ତ କେନାଲରେ ଖୋଜାଖୋଜି କରିଥିଲେ। ଶୁକ୍ରବାର ସକାଳୁ ଉକ୍ତ ମହିଳାଙ୍କ ଶବ ଖାଉପାଲି ବ୍ରିଜ ତଳେ ଭାସୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ କେନାଲ ପାଣିରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପ୍ରସଙ୍ଗ**

# ସରକାରୀ ପ୍ରସ୍ତାବ ନ ଥିବା ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ରୋହିତ

ସମ୍ବଲପୁର, ୧୯।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦ୍ୱିତୀୟଥର ପାଇଁ କହିଛନ୍ତି ଯେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ।

ଏକ ପ୍ରେସ୍ ବିବୃତିରେ ଶ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବର୍ତ୍ତମାନ ଚିନ୍ତାର ବିଷୟ ହେଲା, ସେହି ପ୍ରସ୍ତାବ ଗଲା କୁଆଡ଼େ? ମୋହନ ସରକାର ବୁଝିବା ଦରକାର ଯେ ଏହି ଭାଷା କେବଳ ପଶ୍ଚିମ ଓଡ଼ିଶାର ଦୁଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଭାଷା ନୁହେଁ, ବରଂ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଅନେକାଞ୍ଚଳରେ ଏହି ଭାଷା ପ୍ରଚଳିତ। ଏହା ସତ୍ତ୍ୱେ ଯଦି ମୋହନ ସରକାରଙ୍କ ସମ୍ବଲପୁରୀ ଭାଷା ପ୍ରତି ଦରଦ ନାହିଁ, ତାହେଲେ ଏହାଠୁ ଦୁଃଖର ବିଷୟ କିଛି ନାହିଁ। ରାଜ୍ୟ ସରକାର ବୁଝିବା ଦରକାର ଯେ ସମ୍ବଲପୁରୀ ଖାଲି ଆମର ଭାଷା ନୁହେଁ, ଏହା ଆମର ଅସ୍ମିତା, ପରିଚୟ ଏବଂ ସମ୍ମାନ। ଯଦି ଆଗାମୀ ଦିନରେ ସରକାର ଏ ଦିଗରେ ସଜାଗ ନ ରୁହନ୍ତି, ତେବେ ଆମ ସ୍ୱାଭିମାନ, ଆମର ସମ୍ମାନ ଆମର ସମ୍ବଲପୁରୀ ଭାଷା ପାଇଁ ସବୁପ୍ରକାର ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ କଟୁରି ଚୋଟ

**■ ଝିଅ, ଶ୍ୱଶୁରକୁ ବି ଛାଡ଼ିଲାନି**
**■ ଘରେ ନିଆଁ ଲଗାଇଦେଲା**

ଢେଙ୍କାନାଳ,୧୯।୯(ସମିସ): ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମରେ ବର୍ବର କାଣ୍ଡ ଘଟିଛି। ଗ୍ରାମର ମାନସ ଦାସଙ୍କ କଟୁରି ଚୋଟରେ ତାଙ୍କ ସ୍ତ୍ରୀ ସନ୍ତୋଷୀ ପାତ୍ରଙ୍କ ସମେତ ୧୧ବର୍ଷୀୟ ଝିଅ ଓ ଶ୍ୱଶୁର ସରୋଜ ଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଖୋଦ୍ ମାନସ ମଧ୍ୟ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ମାନସ ନିଜ ଘରେ ନିଆଁ ମଧ୍ୟ ଲଗାଇ ଦେଇଥିବା ଜଣାପଡ଼ିଛି। ପରିବାରଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ମିଳିଥିବା ସୂଚନାନୁଯାୟୀ, ସନ୍ତୋଷୀ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରୁଥିବାରୁ ମାନସ ସବୁବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରିଆସୁଥିଲେ। ବୁଧବାର ରାତିରେ ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସ ଉତକ୍ଷିପ୍ତ ହୋଇ ଏକ କଟୁରିରେ ସନ୍ତୋଷୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମାନସଙ୍କ ଝିଅ ଏବଂ ଶଶୁର ସରୋଜ ମାନସଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାରୁ ପଛାଇ ନ ଥିଲା।

**୧୪୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ**

# ୨୫ଟି ପ୍ରକଳ୍ପକୁ ମଞ୍ଜୁରୀ, ୪,୭୩୯ ଟଙ୍କା ହେବ ନିବେଶ

**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**


ଭୁବନେଶ୍ୱର, ୧୯।୯ (ସମିସ): ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମ, ଲଜିଷ୍ଟିକ୍ସ, ନବୀକରଣଯୋଗ୍ୟ ଶକ୍ତି, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା. ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଆହୁରି ମଧ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା. ଲି. ଖୋର୍ଦ୍ଧାରେ ଭାରୀ ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ ଇଲେକ୍‌ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

**ଘର ଭିତରେ ପଶିଗଲା ଟ୍ରକ୍**

# ଡ୍ରାଇଭର ମୃତ, ଘର ମାଲିକ ଆହତ

ଭଞ୍ଜନଗର, ୧୯।୯(ସମିସ): ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟ ରାସ୍ତାର କଇଣ୍ଡି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଟ୍ରକ୍ ଚାଳକଙ୍କ ନାମ ଜଣାପଡ଼ି ନଥିବା ବେଳେ ତାଙ୍କ ଘର ରାଜସ୍ଥାନରେ ବୋଲି ପୁଲିସ କହିଛି। ସେହିପରି ଏହି ଦୁର୍ଘଟଣାରେ ପୂର୍ବତନ ଭଞ୍ଜନଗର ବ୍ଲକ୍ କଂଗ୍ରେସ ସଭାପତି ବିଜୟ କୁମାର ବେହେରା ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ଗୁରୁବାର ରାତିରେ ରାଜସ୍ଥାନର ଏକ ଟ୍ରକ୍ ବ୍ରହ୍ମପୁରରୁ ରଦି କାଗଜ ଧରି ରାଜସ୍ଥାନ ଅଭିମୁଖେ ଯାଉଥିଲା। ବାଟରେ କଇଣ୍ଡି ଗ୍ରାମର ଗୋଲେଇରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ବିଜୟଙ୍କ ଘର ଭିତରକୁ ପଶିଯାଇଥିଲା। ଫଳରେ ଘରେ ଏକୁଟିଆ ଶୋଇଥିବା ବିଜୟ ଆହତ ହୋଇଥିଲେ। ତାଙ୍କ ଘର ମଧ୍ୟ ଭାଙ୍ଗିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ଏବଂ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପହଞ୍ଚିବା ବେଳକୁ ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଚାଳକଙ୍କୁ ଅଗ୍ନିଶମବାହିନୀ ଗାଡ଼ିରୁ ଉଦ୍ଧାର କରିବା ପରେ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ରାଜସ୍ଥାନରୁ ଗାଡ଼ି ମାଲିକ ଏବଂ ମୃତ ଚାଳକଙ୍କ ପରିବାରଲୋକେ ଭଞ୍ଜନଗରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ର ହେଲପର୍ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଉକ୍ତ ରାସ୍ତାଟି ଖାଲଢିପ ଥିବା ଯୋଗୁଁ ବର୍ଷକରେ ଏକାଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଜମି ବିବାଦ ମାମଲା ସମାଧାନ ହେବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

## ଆଜିର ଇତିହାସ

- ୧୮୭୮ - ସାପ୍ତାହିକ ଖବରକାଗଜ ଭାବେ 'ଦ ହିନ୍ଦୁ'ର ପ୍ରଥମ ପ୍ରକାଶନ ।
- ୧୯୪୬- ପ୍ରଥମ କାନ୍ସ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ।
- ୧୯୮୩- ଆପଲ୍ ଉପଗ୍ରହ କାର୍ଯ୍ୟକରିବା ବନ୍ଦ କରିଦେଲା ।
- ୨୦୦୦- କ୍ଲିଣ୍ଟନ୍ ଦମ୍ପତିଙ୍କୁ 'ହ୍ୱାଇଟ୍ ୱାଟର୍ କାଣ୍ଡ'ରୁ ମୁକ୍ତ କରାଗଲା ।
- ୨୦୧୧- ପାକିସ୍ତାନର ଲାହୋର ଉଚ୍ଚ ଅଦାଲତ ଫେସ୍‌ବୁକ୍ ଉପରେ ରୋକ୍ ଲଗାଇଲେ ।



**ଭିନ୍ନ ଜଣେ ବ୍ୟକ୍ତି**

## ଛଅ ଥର ମରି ବି ଜୀବିତ

ଜୀବନ ଓ ମୃତ୍ୟୁ ଚିରନ୍ତନ ସତ୍ୟ । ପୃଥିବୀରେ ଯିଏ ଜନ୍ମ ନିଏ ତା'ର ମୃତ୍ୟୁ ନିଶ୍ଚିତ । ଅବଶ୍ୟ ମୃତ୍ୟୁ ପରେ କ'ଣ ହୁଏ ତାହା କେହି ଜାଣନ୍ତି ନାହିଁ । ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଥିରେ କିଛି ଜଣ ମୃତ୍ୟୁର ଅଳ୍ପ ସମୟ ମଧ୍ୟରେ ଜୀବନ୍ତ ଫେରି ଆସି ସେମାନେ ମୃତ୍ୟୁ ପରର ଦୁନିଆକୁ ଦେଖିଥିବା କୁହନ୍ତି । ଏହି କ୍ରମରେ ତାଞ୍ଜାନିଆର ୪୦ ବର୍ଷୀୟ ଇସ୍ମାଇଲ ଅଜିଜିଙ୍କ ଘଟଣା ପୂରାପୂରି ଅଲଗା । ଛଅ ଛଅ ଥର ତାଙ୍କୁ ମୃତ ଘୋଷଣା କରାଯିବା ପରେ ସେ ବେଶ୍ ଆଶ୍ଚର୍ଯ୍ୟଜନକ ଭାବେ ଜୀବିତ ହୋଇଯାଇଛନ୍ତି । ପ୍ରଥମ ଥର ସେ ତାଙ୍କ ଅଫିସ୍‌ରେ କାମ କରୁଥିବା ସମୟରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କୁ ହସ୍‌ପିଟାଲ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ଇସ୍ମାଇଲଙ୍କ ମୃତ ଶରୀର ନେଇ ତାଙ୍କ ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ । ଏହି ସମୟରେ ସେ କଫିନ୍‌ରୁ ଉଠି ପଡ଼ିଥିଲେ । ଇସ୍ମାଇଲ୍‌ଙ୍କ ସହ ଜୀବନ ମୃତ୍ୟୁର ଖେଳ ପାଖାପାଖି ଛଅ ଥର ଘଟିଛି । ଏକଦା ସେ ଦୁର୍ଘଟଣାରେ କୋମାକୁ ଚାଲି ଯାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ । ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ଥିଲା , ଇସ୍ମାଇଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ବାରମ୍ବାର ଜୀବିତ ହୋଇ ଯାଉଥିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ କଫିନ୍‌ରେ ତିନିଦିନ ରଖିଥିଲେ । ସମସ୍ତଙ୍କୁ ଚକିତ କରି ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ । ତେବେ ମୃତ୍ୟୁ ପରେ ବାରମ୍ବାର ସେ ଜୀବିତ ହୋଇ ଯାଉଥିବାରୁ ଇସ୍ମାଇଲଙ୍କ ପଡ଼ୋଶୀ ତାଙ୍କୁ ଭୂତପ୍ରେତ ମନେକଲେ । ଏପରିକି ରାଗିଯାଇ ଦିନେ ଇସ୍ମାଇଲଙ୍କ ଘର ଜାଳିଦେଲେ । ଆଶ୍ଚର୍ଯ୍ୟର କଥା ଏଥର ବି ଇସ୍ମାଇଲ ଜୀବିତ ରହିଗଲେ । ଏସବୁ ଘଟଣା ପରେ ଇସ୍ମାଇଲ ଏବେ ଏକୁଟିଆ ହୋଇ ଯାଇଛନ୍ତି । କାରଣ ସେ ଗୁଣି ଗାରେଡ଼ି କରୁଛନ୍ତି ନଚେତ୍ ତାଙ୍କ ଶରୀରରେ ଭୂତପ୍ରେତ ଥିବା ତାଙ୍କ ପରିବାର ଲୋକେ ଓ ପଡ଼ୋଶୀମାନେ ଭାବୁଛନ୍ତି । ତେଣୁ ଏବେ ଇସ୍ମାଇଲ ଘର ଛାଡ଼ି ଏକ ଶୂନଶାନ୍ ସ୍ଥାନରେ ଜୀବନ ବିତାଉଛନ୍ତି ।



## 'ଦାଦା ସାହେବ ଫାଲ୍‌କେ' କାହାଣୀରେ ପରିବର୍ତ୍ତନ ଚାହୁଁଛନ୍ତି ଅମିର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା । ଏବେ ଏହାର କାହାଣୀ ତାଙ୍କୁ ପସନ୍ଦ ଆସି ନ ଥିବା ଚର୍ଚ୍ଚା ହେଉଛି । ନିକଟରେ ଅମିର୍ ରାଜକୁମାର ହିରାନୀ ଓ ଅଭିଜିତ୍ ଯୋଶୀଙ୍କ ଠାରୁ ଏହାର କାହାଣୀ ଶୁଣିଥିଲେ । ତେବେ ଥିଏଟର୍‌କୁ ଦର୍ଶକଙ୍କୁ ଟାଣିବା ଭଳି ଏହାର କାହାଣୀ ନୁହେଁ ବୋଲି ସେ ଅନୁଭବ କରିଥିଲେ । ରାଜକୁମାରଙ୍କ ଅନ୍ୟ ଫିଲ୍ମ ଭଳି ଏଥିରେ କମେଡି ଓ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଅମିର୍ ପୂର୍ବରୁ ଭାବୁଥିଲେ । ହେଲେ ଏଥିରେ ସେମିତି କିଛି ନ ଦେଖି ସେ ରାଜକୁମାରଙ୍କୁ ପୁଣିଥରେ ଏହାର କାହାଣୀ ଲେଖିବା ପାଇଁ କହିଛନ୍ତି । ଏହାର ସୁଟିଂ ଅକ୍ଟୋବରରୁ ଆରମ୍ଭ ହେବାର ଥିଲା । ଯଦି ଏହାର କାହାଣୀର ପରିବର୍ତ୍ତନ କରାଯାଏ ଏହାର ସୁଟିଂ ଆହୁରି ଘୁଞ୍ଚିଯିବ । ଅମିରଙ୍କ ଏହି ନିଷ୍ପତ୍ତିରେ ଏବେ ରାଜ୍‌କୁମାର ଓ ଅଭିଜିତ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ଏଠାରେ ପ୍ରକାଶ ଥାଉ କି, ଅମିର୍ ଏହାପୂର୍ବରୁ ରାଜକୁମାରଙ୍କ ସହ 'ଥ୍ରି ଇଡିଅଟସ୍' ଓ 'ପିକେ' ଫିଲ୍ମରେ କାମ କରିଥିଲେ ।

## ଘୋଡ଼ାରେ ଯାଆନ୍ତି ସ୍କୁଲ

ସ୍କୁଲ ବସ୍, ରିକ୍ସା, ସାଇକଲ ଆଦିରେ ପିଲାମାନେ ସ୍କୁଲ ଯିବା କଥା ସମସ୍ତେ ଜାଣନ୍ତି । ହେଲେ ଆସାମର ଜଣେ ତୃତୀୟ ଶ୍ରେଣୀର ଛାତ୍ର ନିତିଦିନ ଘୋଡ଼ା ଚଢ଼ି ସ୍କୁଲ ଯାଆନ୍ତି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ବାରବାକରା ଗାଁର ଯୁବରାଜ ରାଭା ସାଉଥ୍ ପନଟନ୍ ଟ୍ରାଇବାଲ ମିଡିଲ ଇଂଲିଶ ସ୍କୁଲରେ ପାଠ ପଢ଼ନ୍ତି । ସ୍କୁଲଟି ଆସାମ-ମେଘାଳୟ ସୀମାରେ ଅବସ୍ଥିତ । ଏଥିପାଇଁ ଯୁବରାଜଙ୍କୁ ପାହାଡ଼ିଆ ଅଞ୍ଚଳ ଦେଇ ପାଖାପାଖି ଚାରି କିଲୋମିଟର ଯିବାକୁ ହୋଇଥାଏ । ସ୍କୁଲ ଯିବା ପାଇଁ ଯାନବାହନ ବ୍ୟବସ୍ଥା ନ ଥିବାରୁ ସେ ସ୍କୁଲକୁ ନିତିଦିନ ଘୋଡ଼ା ଚଢ଼ି ଯାଇଥାନ୍ତି । ତାଙ୍କ ଘୋଡ଼ାର ନାମ 'ପକ୍ଷୀରାଜ' । ଯୁବରାଜ ଘୋଡ଼ାରେ ନିତିଦିନ ପାହାଡ଼ ପର୍ବତ ଦେଇ ସ୍କୁଲ ଯାଉଥିଲେ ବି କୌଣସି ଦିନ ସେ ପାଠପଢ଼ାରୁ ବିରତ ହୁଅନ୍ତନି । ଗତବର୍ଷ ଯୁବରାଜ ସ୍କୁଲ ଯିବା ପାଇଁ ତାଙ୍କ ବାପା ଏହି ଘୋଡ଼ାଟିକୁ ଆଣିଥିଲେ । ସେ ସ୍କୁଲରୁ ଫେରିବା ପରେ ନିଜେ ଘୋଡ଼ାଟିକୁ ଚାରା ଦିଅନ୍ତି । ପ୍ରଥମେ ପ୍ରଥମେ ଯୁବରାଜ ଘୋଡ଼ାରେ ଆସୁଥିବାରୁ କୁନି ପିଲାଟିର ସୁରକ୍ଷାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତିତ ଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ଏଭଳି କରି ଗ୍ରାମାଞ୍ଚଳ ପିଲାମାନଙ୍କ ସଂଘର୍ଷ ଏବଂ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛନ୍ତି ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି । ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।



## ମୁନା ପରି ସବୁ ହୁଅ



ନିରାକାର ଚଇନି

ସକାଳୁ ସକାଳୁ ମୁହଁ ହାତ ଧୋଇ
ସାରି ପାଇଖାନା କାମ
ପାଣି ମୁନ୍ଦେ ପିଇ ଖୋଲା ପଡ଼ିଆକୁ
ଧାଇଁଯାଏ ମୁନା ଆମ ।
ନାନା ପରକାର ବ୍ୟାୟାମ କରେ ସେ
ଶୋଇ ବସି ହୋଇ ଠିଆ
ଦଉଡ଼ା ଦଉଡ଼ି କରେ ବେଳେବେଳେ
ବେଳେବେଳେ ମାରେ ଡିଆଁ ।
ଘରକୁ ଫେରିଲେ ଦାନ୍ତ ଘଷିସାରି
ଜଳଖିଆ ଦି'ଟା ଖାଇ
ବହି ଖାତା ଧରି ପାଠ ବଢ଼ି ବସେ
ପଢ଼ା ଘରକୁ ତା' ଯାଇ ।
ଖାଲି ପଢ଼ା ନୁହେଁ ଖେଳା ଖେଳିରେ ବି
ଅଟେ ବୋଲି ଧୁରନ୍ଧର
ଗୁରୁଜୀ ଗୁରୁମା' ସାଥି ପିଲାମାନେ
କରନ୍ତି ଭାରି ଆଦର ।
ଆଇଁଷ ଠୁ ବେଶୀ ସବୁଜ ପରିବା
ଖାଇବାକୁ ପାଏ ଭଲ
ଦିନଟିଏ କେବେ ରୋଗ ମୁଖେ ପଡ଼ି
ହୋଇନାହିଁ କଲବଲ ।
ସଭିଏଁ କହନ୍ତି ପିଲାମାନେ ତୁମେ
ମୁନା ପରି ସବୁ ହୁଅ
ଦେଖିବ, ତୁମରି ବାପା ମା' ଓଠରୁ
ଛୁଟିବ ହସର ସୁଅ ।■

ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର
ମୋ-୮୨୪୯୩୮୭୯୭୩

## ପ୍ରହେଳିକା



- ଅନ୍ନଦାତା ସିଏ ଆମରି ପାଇଁ
ତାଙ୍କ ପାଇଁ ଖୁସିରେ ପାରୁଛେ ଜିଇଁ
ଡରନ୍ତିନି ସିଏ ବରଷା ଖରା
ବିଲରେ ନିଇତି ପକାନ୍ତି ଡେରା
କାଦୁଅ ପାଣିରେ ହୋଇ ସେ ଘାଣ୍ଟି
ଖରାରେ ଖଟନ୍ତି ସୁଖେଇ ତଣ୍ଟି
ସଭିଙ୍କ ପେଟକୁ ଦାନା ଦିଅନ୍ତି ସିଏ
କହିଲ ଦେଖି ସେ ମହାନ ବ୍ୟକ୍ତିଟି କିଏ ।

ଉ-କୃଷକ

- ନଈ ପଠାରେ ଖେଳୁଛି ଦୋଳି
ଧବଳ ରଙ୍ଗକୁ ଦେହରେ ବୋଳି
ଶରତ ଆସିଲେ ତା'ର ସମ୍ଭାର
ଦିଶୁଥାଏ ସିଏ କି ମନୋହର
ଅତି ସୁନ୍ଦର ଏକ ଫୁଲଟି ସିଏ
ନାମଟି ତାହାର କହିବ କିଏ ।

ଉ-କାଶତଣ୍ଡି

- କାଠର ଚକକୁ କାଠ ଶରୀର
ବଳଦ ଦୁଇଟି ଚାଳକ ତା'ର
କେତେ ଦରବ ନିଅଇ ବୋହି
କିଏ ସେ ପାରିବ ନାମ ତା କହି ।

ଉ-ଶଗଡ଼

- ଏମିତି ଗଛଟେ ଦେଖିଛି କିଏ
ଲାଗିଗଲେ ଦେହେ କୁଣ୍ଡେଇ ହୁଏ ।

ଉ-ବିଛୁଆତି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

## ପାର୍ବଣର ଋତୁ



ଡ. ଶୁଭେନ୍ଦୁ ମହାପାତ୍ର

ଆସିଗଲା ଏବେ ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା ।।
ଶରତ ସକାଳ କେଡ଼େ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ ।।
ନଈପଠା ଧାରେ ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ ।।
ନିର୍ମଳ ସଞ୍ଜରେ ବାଡ଼ି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର ମଧୁର ବାସନା
ପବିତ୍ରତା ଭରିଦିଏ ।।
ପ୍ରତ୍ୟୁଷ ପ୍ରଦୋଷେ ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ ।।
ଶରତେ ଶାରଦା ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ ।।■

ସତ୍ୟବିହାର , ପଳାଶୁଣି
ଭୁବନେଶ୍ୱର
ମୋ -୯୪୩୮୦୬୪୯୦୮

## ସୁମନ

## ଭୁଲ୍‌କୁ ଲୁଚାଅ ନାହିଁ




ଦେବେନ୍ଦ୍ର କର




ଅନିତ୍ ପାଠରେ ଯେମିତି ସାଠରେ ବି ସେମିତି । ପାଖ ସ୍କୁଲରେ ସେ ପଞ୍ଚମ ଶ୍ରେଣୀରେ ପଢ଼େ । ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୁଏ । ସବୁ ଭଲ ଗୁଣ ଭିତରେ ତା'ର ଗୋଟିଏ ଖରାପ ଗୁଣ ଥିଲା, ଭୁଲ୍ କଲେ ଘରେ କାହାରିକି କିଛି କୁହେନି । ବାପା ତାକୁ ସବୁବେଳେ ବୁଝାନ୍ତି ଆରେ ମଣିଷ ମାତ୍ରେକେ ଭୁଲ୍ । ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢ଼ିବା ହିଁ ଜୀବନ । ଭୁଲ୍‌କୁ ଲୁଚାଇଲେ ଆଉ ଗୋଟେ ଭୁଲ ନିଶ୍ଚିତ ହେବ । ସେଦିନ ସଂଧ୍ୟାରେ ଅନିତ୍ ଟେବୁଲ୍ ଉପରୁ ପାଣି ବୋତଲ ନେଲାବେଳେ ହଠାତ୍ ତା' ହାତ ବାଜି ପାଣି ଢାଳି ହୋଇଗଲା । ଗୋଟେ କଡ଼କୁ ବାପାଙ୍କ ମୋବାଇଲ୍ ଥୁଆ ହେଇଥିଲା । ସେ ଚଟାପଟ୍ ଟେବୁଲ ଉପର ଆଉ ମୋବାଇଲକୁ ପୋଛାପୋଛି କରି ରଖିଦେଲା । ଆଉ କାହାକୁ କିଛି ନ କହି ତା' ପଢ଼ା ଟେବୁଲ୍ ପାଖରେ ଆସି ଚୁପକି ବସି ପଡ଼ିଲା । ଟିକେ ସମୟ ପରେ ବାପା ତାଙ୍କ ମୋବାଇଲ ଦେଖିଲେ । ପାଣି କିଏ ଢାଳିଥିଲ କି? ମୋ ମୋବାଇଲ ପଛପଟ କେମିତି ଓଦା ହେଲା? ଘରେ ସମସ୍ତଙ୍କୁ ପଚାରିଲେ ହେଲେ ସମସ୍ତେ ମନା କଲେ । ଶେଷରେ ଅନିତ୍ ମାନିଲା ଯେ, ତା' ହାତ ବାଜି ପାଣି ଢାଳି ହୋଇଛି । ବାପା ମୋବାଇଲ କଭର କାଢ଼ି ଦେଖିଲେ ସବୁ ଠିକ୍ ଥାଏ । ବାପା କହିଲେ, ଆରେ ଅନିତ୍ ପାଣି ଲାଗିଲେ ମୋବାଇଲ୍ ଖରାପ ହେଇଯିବ । ତୁ ମତେ ସଙ୍ଗେସଙ୍ଗେ କହିଥାନ୍ତୁ ନା । ଅନିତ୍ କହିଲା, ଅଜାଣତରେ ମୋ' ହାତ ବାଜି ପାଣି ଢାଳି ହୋଇଗଲା । ମୁଁ ଶୁଖିଲା କପଡ଼ାରେ ପୋଛି ଦେଇଥିଲି । ବାପା କହିଲେ ହେଲା ଯେ, ତୁ ଭୁଲ୍‌କୁ ନ ଲୁଚେଇ କହିଦବୁ । ନ ହେଲେ ବଡ଼ ଅସୁବିଧା ହେଇଯିବ । ଅନିତ୍ ଆଜ୍ଞା ବାପା କହି କଥା ଦେଲା ହେଲେ ଭୁଲକୁ ଲୁଚେଇବା ତା'ର ପୁରୁଣା ଅଭ୍ୟାସ । ପୂର୍ବପରି ଯେବେ କିଛି ଭୁଲ୍ କରି ବସେ କାହାକୁ କିଛି ଜଣାଏ ନାହିଁ । ଅନିତ୍ ସ୍କୁଲ ଜୋତା ପୁରୁଣା ହେଇ ଛିଣ୍ଡିଗଲା । ବାପାଙ୍କ ସହିତ ବଜାର ଯାଇ ସେଦିନ ସନ୍ଧ୍ୟାରେ ନୂଆ ଜୋତା କିଣିଆଣିଲା । ତହିଁଆର ଦିନ ସେ ଖୁସି ମନରେ ନୂଆ ଜୋତା ପିନ୍ଧି ସ୍କୁଲ୍ ଗଲା । ହେଲେ ସେ ଜୋତାଟା ଟିକେ ଟାଇଟ୍ ହେଉଥିଲା । ସେ ଲାଗି ତା' ପାଦରେ ଫୋଟକା ହେଇଗଲା । ଘରେ କାଳେ ରାଗିବେ ସେ ଡରିକି ଆଉ କାହାରିକି କିଛି କହିଲା ନାହିଁ । ସେଇ ଫୋଟକାରେ ଟାଇଟ୍ ଜୋତାକୁ ତାପର ଦିନ ବି ପିନ୍ଧି ସ୍କୁଲ ବାହାରି ପଡ଼ିଲା । ଦ୍ୱିତୀୟ ଦିନ ଗୋଡ଼ ଅବସ୍ଥା ସାଙ୍ଘାତିକ ହେଇଗଲା । ଘରେ ଆସି ଛୋଟେଇ ଛୋଟେଇ ଚାଲିବାରୁ ସମସ୍ତେ ଜାଣିଗଲେ । ବାପା କହିଲେ, ନୂଆ ଜୋତା ଜଦି ଟାଇଟ୍ ହେଉଚି ନୂଆ ବେଳେ ହିଁ ଦୋକାନୀ ଫେରାଇବ ପୁରୁଣା ହେଇଗଲେ ଆଉ କ'ଣ ସେ ନେବ । ଆଉ ଗୋଡ଼ରେ ଯୋଉ କଷ୍ଟ ପାଉଛୁ ତୋ ଭୁଲ୍ ଲାଗି । ସବୁ କଥା ଲୁଚାଉଛୁ କାହିଁକି । ଆଜି ଭଲ ଅଛି ମନ୍ଦ ଅଛି । ବାପା ସଙ୍ଗେ ସଙ୍ଗେ ଔଷଧ ଆଣି ପାଦରେ ମାରିଦେଲେ ଆଉ ଟାଇଟ୍ ଜୋତାକୁ ବଦଳାଇ ତା ପାଇଁ ନୂଆ ଜୋତା ନେଇଆସିଲେ । ଅନିତ୍ ନିଜ ଭୁଲ୍ ବୁଝିଲା ଆଉ କେବେ କିଛି ଲୁଚେଇବ ନାହିଁ ବୋଲି ଜବାବ ଦେଲା । ■

ମଙ୍ଗଳାବାଗ,କଟକ
ମୋ-୯୯୩୭୯୬୩୯୧୦









ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ


ପ୍ରଜ୍ଞା ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା ,କଟକ

ସାଦ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

# ଇତିହାସ ରଚିଲେ ଅନ୍ତିମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଭାରତୀୟକୁସ୍ତିଯୋଦ୍ଧାଅନ୍ତିମପାଙ୍ଘଲ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଅନୁଷ୍ଠିତ କାଂସ୍ୟପଦକ



ମୁକାବିଲାରେ ସ୍ୱିଡେନର ମାଲମଗ୍ରେନ୍‌ଙ୍କୁ ୯-୧ ସ୍କୋରରେ ହରାଇ ଅନ୍ତିମ ବିଶ୍ୱର ଏହି ଶ୍ରେଷ୍ଠ ରେସଲିଂ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କ ବ୍ୟତୀତ କେବଳ ଆଉ ଜଣେ ଭାରତୀୟ ବିନେଶ ଫୋଗତ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ୨ଟି ପଦକ ଜିତିବାର ରେକର୍ଡ କରିଥିଲେ। କ୍ରୋଏସିଆର ଜାଗ୍ରେବ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ୫୩ କିଲୋଗ୍ରାମ୍ ଶ୍ରେଣର କାଂସ୍ୟ ପଦକ ଲାଗି ମୁକାବିଲା ହୋଇଥିଲେ। ଏଥିରେ ଅନ୍ତିମ ୯-୧ ସ୍କୋରରେ ସ୍ୱିଡେନର ଜୋନ୍ନା ଏମ୍ମା ମାଲମଗ୍ରେନ୍‌ଙ୍କୁ ହରାଇଥିଲେ। ପୂର୍ବରୁ ସେ ୨୦୨୩ରେ ମଧ୍ୟ ମାଲମଗ୍ରେନ୍‌ଙ୍କୁ ହରାଇ ଏହି ପ୍ରତିଯୋଗିତାରେ ପ୍ରଥମ ପଦକ ବିଜୟୀ ହୋଇଥିଲେ। ବିନେଶ ଦ୍ୱିତୀୟ ପଦକ ଜିତିବା ବେଳକୁ ୨୮ ବର୍ଷର ହୋଇଥିଲେ। କିନ୍ତୁ ୨୧ ବର୍ଷରେ ଅନ୍ତିମ ଏହି ସଫଳତା ହାସଲ କରିଛନ୍ତି। ରେକର୍ଡ ସମ୍ପର୍କରେ ମୁଁ ଅବଗତ ନାହିଁ। ତଥାପି ଏକାଧିକ ପଦକ ଜିତିବାରେ କେବଳ ବିନେଶ ସହ ଯଦି ସମକକ୍ଷ ହୋଇଥାଏ ତାହା ଗର୍ବର ବିଷୟ ବୋଲି କହନ୍ତି ଅନ୍ତିମା। ଏହି ସଫଳତା ଯୋଗୁଁ ଅନ୍ତିମ ପ୍ୟାରିସ୍ ଅଲିମ୍ପିକ୍ ବିଫଳତାକୁ ଭୁଲିବାରେ ସମର୍ଥ ହୋଇଛନ୍ତି।

ଏସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ

# କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ପ୍ୟାରିସରେ ସ୍ୱର୍ଣ୍ଣ ପଦକ ବିଜେତା କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ଭାରତର ଡବଲ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଓ ଏଥିରେ ୟଙ୍ଗ ୨୧-୧୪, ୨୧-୧୩ରେ ଜିତିନେଇଥିଲେ। ଏହାକୁ ମିଶାଇ ସିନ୍ଧୁ କ୍ରମାଗତ ୮ମ ଥର ଲାଗି ୟଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ୟଙ୍ଗଙ୍କ ସୁପର ପାୱାର ଆଗରେ ସିନ୍ଧୁଙ୍କ ରିଟର୍ଣ୍ଣ ଖୁବ୍ ଦୁର୍ବଳ ରହିଥିଲା। ଦୁଇଟିଯାକ ସେଟ୍‌ରେ ୟଙ୍ଗ ପୂରା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ତାରକା ଖେଳାଳିଙ୍କ ବିପକ୍ଷରେ ସିନ୍ଧୁ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।

ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍

# ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୯।୯ (ସମିସ): ବିହାରରେ ଆୟୋଜିତ ହୋଇଥିବା ନବମ ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ପଦକ ବିଜେତା ହେଲେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧା। ଏହି ୩ଜଣ ଖେଳାଳି ଓ ତାଙ୍କ କୋଚ୍ ମହମ୍ମଦ୍ ଆଜମଙ୍କୁ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ଓ ପେଣ୍ଟାଥଲନ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

ଭାରତ ବନାମ ଓମାନ ଏସିଆ କପ୍ ମୁକାବିଲା

# ସଞ୍ଜୁ ସାମସନ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ

ଆବୁଧାବି, ୧୯।୯ (ଏଜେନ୍ସି):

ୱିକେଟରକ୍ଷକ ସଞ୍ଜୁ ସାମସନ (୫୬)ଙ୍କ ଦମ୍‌ଦାର ଅର୍ଦ୍ଧଶତକ, ଅଭିଷେକ ଶର୍ମା (୩୮), ତିଳକ ବର୍ମା (୨୯) ଓ ଅକ୍ଷର ପଟେଲ (୨୬)ଙ୍କ ଉପଯୋଗୀ ସହାୟତା ବଳରେ ଏଠାରେ ଶୁକ୍ରବାର ଓମାନ ସହ ଅନୁଷ୍ଠିତ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୮ ରନ୍ କରିଛି। ଜବାବରେ ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଓମାନ ୧୫.୩ ଓଭର ସୁଦ୍ଧା ୧ ୱିକେଟ ହରାଇ ୧୨୯ ରନ୍ କରିନେଇଛି। ଓମାନ ପକ୍ଷରୁ ଅଧିନାୟକ ଜତିନ୍ଦର ସିଂହ ସର୍ବାଧିକ ୩୨ ରନ୍ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୩ ବର୍ଷୀୟ ଅମୀର କଲିମ ୫୦, ହାମଦ ମିର୍ଜା ୪୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହି ମୁକାବିଲା ସହ ସୁପର-୪'ରେ କିଏ କାହା ସହ ଖେଳିବ ତାହା ସ୍ଥିର ହୋଇଯାଇଛି। ଆସନ୍ତାକାଲି ପ୍ରଥମ ସୁପର-୪ ମ୍ୟାଚରେ ଶ୍ରୀଲଙ୍କା ସହ ବାଂଲାଦେଶର ଓ ରବିବାର ଭାରତ ସହ ପାକିସ୍ତାନର ମୁକାବିଲା ହେବ।



## ବ୍ୟାଟିଂ କଲେନି ସୂର୍ଯ୍ୟକୁମାର

ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଦ୍ୱିତୀୟ ଓଭରରେ ନିର୍ଭରଯୋଗ୍ୟ ଶୁବମନ ଗିଲ୍ (୫)ଙ୍କ ଓ ୮ମ ଓଭରରେ ଉଭୟ ଅଭିଷେକ ଶର୍ମା (୩୮ରନ୍, ୧୫ବଲ୍, ୫ଚୌକା ଓ ୨ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ସଞ୍ଜୁ ସାମସନ ଧୈର୍ଯ୍ୟର ସହ ଖେଳି ଅର୍ଦ୍ଧଶତକ ହାସଲ କରିବା ସହ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସେ ୧୮ତମ ଓଭରରେ ୬ଷ୍ଠ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ୪୫ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୬ ରନ୍ କରିଥିଲେ। ସଞ୍ଜୁଙ୍କ ପରି ବ୍ୟାଟିଂ ଲାଇନ୍‌ରେ ଉନ୍ନତି ପାଇ ହାର୍ଦ୍ଦିକଙ୍କ ପଛକୁ ନଂ-୫ରେ ବ୍ୟାଟିଂ କରିଥିବା ଅକ୍ଷର ପଟେଲ (୧୩ ବଲ୍‌ରେ ୨୬ରନ୍) ଓ ନଂ-୭ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମା (୧୮ ବଲ୍‌ରେ ୨୯ରନ୍)ଙ୍କ ଉପଯୋଗୀ ସହାୟତା ବଳରେ ଭାରତ ୮/୧୮୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌କୁ ରବିବାର ପାକିସ୍ତାନ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଭାରତ ରିହରସାଲ ବିବେଚନା କରି ସମସ୍ତ ବ୍ୟାଟରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। କିନ୍ତୁ ଦଳର ଅଧିନାୟକ ସୂର୍ଯ୍ୟକୁମାର ବ୍ୟାଟିଂ କରିବାକୁ ଆସି ନ ଥିଲେ। ଓମାନ ପକ୍ଷରୁ ଜିତେନ ରାମାନନ୍ଦି, ସକୀଲ ଅହମ୍ମଦ୍ ଓ ଅମିର କଲୀମ୍ ଭାରତର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ସୁପର-୪ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୨୦।୯ | ଶ୍ରୀଲଙ୍କା-ବାଂଲାଦେଶ | ଦୁବାଇ |
| ୨୧।୯ | ଭାରତ-ପାକିସ୍ତାନ | ଦୁବାଇ |
| ୨୩।୯ | ଶ୍ରୀଲଙ୍କା-ପାକିସ୍ତାନ | ଆବୁଧାବି |
| ୨୪।୯ | ଭାରତ-ବାଂଲାଦେଶ | ଦୁବାଇ |
| ୨୫।୯ | ପାକିସ୍ତନ-ବାଂଲାଦେଶ | ଦୁବାଇ |
| ୨୬।୯ | ଭାରତ-ଶ୍ରୀଲଙ୍କା | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

ଖେଳ ଆରମ୍ଭ - ରାତି ୯ଟା
ପ୍ରସାରଣ -ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ରାଞ୍ଚି ରୟାଲ ଟସ୍କର ନୂଆ ଟିମ୍

# ୨୪ରେ ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ମିନି ନିଲାମି ନୂଆଦିଲ୍ଲୀରେ ଥିବା ହକି ଇଣ୍ଡିଆ କାର୍ଯ୍ୟାଳୟରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବ। ଏଥର ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ଲାଗି ୨ କୋଟି ଟଙ୍କାର ପର୍ସ ରଖାଯାଇଛି। ସେହିପରି ଟିମ୍‌ରେ ସ୍ଥାନ ପାଉଥିବା ଖେଳାଳିଙ୍କ ସଂଖ୍ୟା ୨୪ରୁ କମାଇ ଦିଆଯାଇ ୨୦ରେ ରଖାଯାଇଛି। ଏହା ମଧ୍ୟରେ ଜଣେ ବିଦେଶୀ ଖେଳାଳି କମିଯାଇଛନ୍ତି। ଏହା ଫଳରେ ଭଲ ଖେଳାଳି କିଣିବାକୁ ଦଳଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ବୋଲି ଜଣାଯାଇଛି। ଯେଉଁ ଦଳରେ ଶୂନ୍ୟସ୍ଥାନ ରହିଛି ତାହା



ଏହି ମିନି ନିଲାମିରୁ ପୂରଣ କରାଯିବ। ପ୍ରଥମ ସିଜନରେ ଖେଳିଥିଲା ପୁରୁଷ ବିଭାଗରେ ଟିମ୍ ଗୋନାସିକା ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଦ୍ୱିତୀୟ ସିଜନରୁ ଓହରିଯାଇଛନ୍ତି। ଏହା ଫଳରେ ଗୋଟିଏ ଦଳ କମିଯାଇଥିଲା। ଏହା ବଦଳରେ ରାଞ୍ଚି ରୟାଲ ଟସ୍କର ଉଭୟ ପୁରୁଷ ଓ ମହିଳା ବିଭାଗରେ ନୂଆ ଦଳ ଭାବେ ଚଳିତ ସିଜନରେ ଅଂଶଗ୍ରହଣ କରିବେ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ପ୍ରକାଶ କରିଛନ୍ତି।

ଚେନ୍ନଇରେ ଦ୍ୱିତୀୟ ସଂସ୍କରଣ ୨୦୨୬ ଜାନୁଆରୀରେ ଆରମ୍ଭ ହେବ। ଚେନ୍ନଇରେ ଉଦ୍‌ଘାଟନୀ ଉତ୍ସବ ସହ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ଭୁବନେଶ୍ୱର ଓ ରାଞ୍ଚିରେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ବିହାରର ରାଜଗିରିକୁ ଚତୁର୍ଥ ଭେନ୍ୟୁ ଭାବେ ବିବେଚନା କରାଯାଉଛି। ପୁରୁଷ ବିଭାଗରେ ରାର ବେଙ୍ଗଲ ଟାଇଗର୍ସ ଓ ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୪ ସପ୍ତାହରେ ଏଆଇଏଫ୍‌ର ନୂଆ ସମ୍ବିଧାନ ଚୂଡ଼ାନ୍ତ କର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏଆଇଆଇଏଫ୍ (ସର୍ବଭାରତୀୟ ଫୁଟବଲ ମହାସଂଘ)ର ନୂଆ ସମ୍ବିଧାନ ଚିଠା ପ୍ରସ୍ତାବ ଆଜି ସୁପ୍ରିମ୍‌କୋର୍ଟରେ ସାମାନ୍ୟ କିଛି ସଂଶୋଧନ ସହ ଗୃହୀତ ହୋଇଯାଇଛି। ଏହି ନୂଆ ସମ୍ବିଧାନକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜେନେରାଲ ବଡି ବୈଠକ କରି ଚୂଡାନ୍ତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ନୂଆ ସମ୍ବିଧାନକୁ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ବର୍ତ୍ତମାନ ଏଆଇଆଇଏଫ୍‌ର ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଛନ୍ତି। ଏହି ନିର୍ବାଚିତ କର୍ମକର୍ତ୍ତା ସେମାନଙ୍କ ପୂରା କାର୍ଯ୍ୟକାଳ ପୂରଣ କରିବେ। ୨୦୨୬ରେ ଏଆଇଆଇଏଫ୍‌ର ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବ। ଏଆଇଆଇଏଫ୍‌ର ତାହାର ସମ୍ବିଧାନରେ ଅକ୍ଟୋବର ୩୦ ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ସଂଶୋଧନ ନ କଲେ ଭାରତୀୟ ଫୁଟବଲର



ଏହି ସର୍ବୋଚ୍ଚ ସଂଗଠନକୁ ବାସନ୍ଦ କରିବାକୁ ଫିଫା ଓ ଏସୀୟ ଫୁଟବଲ କନଫେଡେରେସନ ଧମକ ଦେଇଥିଲେ। ୨୦୧୭ରୁ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୨ରେ ଏହାର ଚିଠା ପ୍ରସ୍ତାବ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆଜି ଏହି ମାମଲାର ଚୂଡାନ୍ତ ରିପୋର୍ଟ ସହ ଏଆଇଆଇଏଫ୍ ଓ ଏହାର ସଭାପତି କଲ୍ୟାଣ ଚୌବେଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଟଳିଯାଇଛି।

ଜୁରେଲଙ୍କ ପରେ ପଡ଼ିକାଲଙ୍କ ଶତକ

# ଭାରତ ଏ'- ଅଷ୍ଟ୍ରେଲିଆ ଏ' ଟେଷ୍ଟ ଡ୍ର

ଲକ୍ଷ୍ନୌ,୧୯।୯ (ଏଜେନ୍ସି): ଆୟୋଜକ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ନିର୍ଣ୍ଣାୟକ ଅନ୍‌ଅଫିସିଆଲ ଟେଷ୍ଟ ଏହିଠାରେ ସେପ୍ଟେମ୍ବର ୨୩ରୁ ୨୬ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଦୁଇ ଯୁବ ଖେଳାଳି ୱିକେଟରକ୍ଷକ ଧ୍ରୁବ ଜୁରେଲ (୧୪୦) ଓ ଦେବଦତ୍ତ ପଡ଼ିକାଲ (୧୫୦) ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି।

ଏଠାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍ କରିଥିଲେ। ଜବାବରେ ଭାରତ ୭ ୱିକେଟରେ ୫୩୧ ରନ୍ କରିବା ପରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ନଂ-୪ରେ ବ୍ୟାଟିଂ କରିଥିବା ପଡ଼ିକାଲ ସର୍ବାଧିକ ୧୫୦ ରନ୍ କରିଥିଲେ। ସେ ୨୮୧ ବଲ୍ ଖେଳି ୧୪ ଚୌକା ଓ ୧ଛକା ସହ ଏହି ରନ୍ କରିଥିଲେ। ତାଙ୍କ ପୂର୍ବରୁ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୧୪୦ ରନ୍ କରିଥିଲେ। ସେ



୧୯୭ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ଏହି ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ୩ଜଣ ବ୍ୟାଟର ଅଭିମନ୍ୟୁ ଇଶ୍ୱରନ ୪୪, ଏନ୍ ଜଗଦୀଶନ ୬୪ ଓ ସାଇ ସୁଦର୍ଶନ ୭୩ ରନ୍ କରିଥିଲେ। ଅଷ୍ଟ୍ରେଲୀୟ ଅଫ୍‌ସ୍ପିନର କୋରୀଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ମାତ୍ର ଗୋଟିଏ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିଥିବା ଅଷ୍ଟ୍ରେଲିଆ-ଏ' ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୬ ଓଭରରେ କୌଣସି ୱିକେଟ ନ ହରାଇ ୫୬ ରନ୍ କରିବା ପରେ ଖେଳକୁ ବନ୍ଦ ରଖାଯାଇଥିଲା। ଭ୍ରମଣକାରୀ ଦଳର ସାମ କୋନ୍‌ଷ୍ଟାସ ୨୭ କ୍ୟାମ୍ପବେଲ କେଲାୱେ ୨୪ ରନ୍‌ରେ ଅପରାଜିତ ରହିଥିଲେ।

ବାରବାଟୀରେ ଫରଭେଜ୍ ମାହାରୁଫ୍

# ଓପିଟିଏଲ୍ ଓଡ଼ିଆ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ

କଟକ,୧୯।୯ (କୁମାରଶ୍ରୀ ସାହୁ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉପରେ ଅନେକ ଚୟନକର୍ତ୍ତାଙ୍କ ନଜର ରହିଛି। ରାଜ୍ୟ ଘରୋଇ କ୍ରିକେଟର ଏହା ଏକ ବଡ ମଞ୍ଚ। ଆୟୋଜନ ଆକର୍ଷଣୀୟ ଲାଗୁଛି। ଏଥିରେ ଖେଳାଳିମାନଙ୍କ ଦମ୍‌ଦାର ପ୍ରଦର୍ଶନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ପାଇଁ ପ୍ରବେଶପଥ ଉନ୍ମୁକ୍ତ କରିପାରେ ବୋଲି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଫରଭେଜ୍ ମହାରୁଫ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ୍‌ର ପ୍ରଥମ ସଂସ୍କରଣ ଜାରି ରହିଛି। ଏଥିରେ ସିଂହଳୀ ତାରକା ମହାରୁଫ୍‌ଙ୍କୁ ଭାଷ୍ୟକାର ଭାବେ ଦେଖିବାକୁ ମିଳିଛି।

ପ୍ର: ଓଡ଼ିଶାରେ ପ୍ରଥମଥର ଆୟୋଜନ ହୋଇଥିବା ଓପିଟିଏଲ ବାବଦରେ ଆପଣଙ୍କ ମତ କଣ?

ଉ: ପ୍ରଥମ ତିନି ଦିନର ଅଭିଜ୍ଞତା ବେଶ୍ ଭଲ ରହିଛି। ପ୍ରଥମଶ୍ରେଣୀ କ୍ରିକେଟ ଜଗତର ଖେଳାଳି ମାନଙ୍କୁ ଏଭଳି ପ୍ଲାଟଫର୍ମ ଯୋଗାଇ ଦେବା କ୍ଷେତ୍ରରେ ଓସିଏର ଭୂମିକା ପ୍ରଶଂସନୀୟ। ଓପିଟିଏଲରେ ଖେଳାଳିମାନେ ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଚୟନକର୍ତ୍ତାଙ୍କ ନଜର ସେମାନଙ୍କ ଉପରେ ରହିଛି, ଏହା ସେମାନେ ଭୁଲନ୍ତୁ ନାହିଁ।

ପ୍ର: ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଭାବେ ଆପଣ କେଉଁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ଅଛନ୍ତି?

ଉ: ସେମିତି ଅନେକ ଖେଳାଳି ଅଛନ୍ତି। ତଥାପି କଟକ ପାନ୍ଥର୍ସର ପେସ୍‌ବୋଲର ଭଗୀଶ ଶର୍ମାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ଲାଗିଛି। ନୂଆ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଲିଗ୍ ଓଡ଼ିଶା କ୍ରିକେଟକୁ ସଫଳ ରୂପ ଦେବା ନିଶ୍ଚିତ।



ପ୍ର: ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ଖାଦ୍ୟର ଅନୁଭୂତି ପାଇଲେଣି?

ଉ: ବ୍ୟସ୍ତତା ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପାରିନାହିଁ। ହେଲେ ଓଡ଼ିଶାର ଆମିଷ ଥାଳି ବହୁତ ପସନ୍ଦ ଆସିଛି। ପୂର୍ବରୁ ଅନେକଥର ଓଡ଼ିଶା ଆସିବାର ସୁଯୋଗ ପାଇଛି। ୨୦୧୦ରେ ଦିଲ୍ଲୀ ଡେୟାର ଡେଭିଲ୍ସ ଦଳରୁ ଆଇପିଏଲ ଖେଳିବା ପାଇଁ କଟକ ଆସିଥିଲି। ଏଲଏଲସି ମ୍ୟାଚ୍ ସମୟରେ ମଧ୍ୟ କଟକରେ ସମୟ ବିତିଥିଲା।

ପ୍ର: ଟି-୨୦ ଫର୍ମାଟ ଏକଦିବସୀୟ କ୍ରିକେଟ ଉପରେ ପ୍ରଭାବ ପକାଉଛି କି?

ଉ: ହଁ ପ୍ରଭାବ ପକାଉଛି, ହେଲେ ଏହା ସକରାତ୍ମକ। କ୍ରିକେଟ ଖେଳର ତରିକା ବଦଳୁଛି। ଭବିଷ୍ୟତରେ ଏକଦିବସୀୟ କ୍ରିକେଟ ପ୍ରତି ଉତ୍କଣ୍ଠା କମିବ ବୋଲି କୁହାଯାଇପାରେ। ତେବେ ଏ ବାବଦରେ ଆଇସିସିର କାର୍ଯ୍ୟଧାରାକୁ ଅନୁଶୀଳନ କରିବାକୁ ପଡିବ।

ପ୍ର: ସନତ ଜୟସୂରିଆଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଶ୍ରୀଲଙ୍କା ଦଳର ଭବିଷ୍ୟତକୁ କିପରି ଦେଖୁଛନ୍ତି?

ଉ: ତାଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇପାରେ। ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିନାହିଁ। ସାମ୍ପ୍ରତିକ ସ୍ଥିତିରେ ଆଗାମୀ ଟି-୨୦ ଓ ଏକଦିବସୀୟ ବିଶ୍ୱକପ୍ ଟାଇଟଲ୍ ଜିତିବା କେବଳ ଦଳର ଲକ୍ଷ୍ୟ ରହିଛି।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍: ଗୌରବଙ୍କ ବିସ୍ଫୋରକ ଶତକ

# ମାଇନର୍ସଙ୍କୁ ୩୭ ରନ୍‌ରେ ହରାଇଲା ଟାଇଗର୍ସ

କଟକ,୧୯।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ବିଜୟୀ ହୋଇଛନ୍ତି। ଉଭୟ ଦଳକୁ ସହଜ ବିଜୟ ମିଳିଥିଲା। ଟାଇଟନ୍ସ ୯ ୱିକେଟରେ କଟକ ପାନ୍ଥର୍ସକୁ ଏବଂ ଟାଇଗର୍ସ ୩୭ରନରେ କେନ୍ଦୁଝର ମାଇନର୍ସଙ୍କୁ ପରାସ୍ତ କରିଥିଲା। ଶନିବାର ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ-ପୁରୀ ଟାଇଟନ୍ସ ମଧ୍ୟରେ ଲଢ଼େଇ ହେବ।

ଆଜି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସର ଶାଣିତ ବୋଲିଂରେ ଫସି ପାନ୍ଥର୍ସ ୭ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩ ରନ୍ କରିଥିବା ବେଳେ ଅଭିଷେକ ରାଉତ ୨୫ରନ, ସ୍ୱସ୍ତିକ ସାମଲ ୨୨ରନ କରିଥିଲେ। ଟାଇଟନ୍ସ ପକ୍ଷରୁ ଏମଏ ଡାନିସ୍ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ପୁରୀ ବିଜୟୀ ହୋଇଥିଲା। ଓପନର ଶାନ୍ତନୁ ମିଶ୍ର ଅପରାଜିତ ୭୯ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୩୧ରନରେ ଆଉଟ ହୋଇଥିବା ବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭ ବଲରୁ ଦ୍ରୁତ ୩୧ରନ କରିଥିଲେ। କଟକର ଅଭିଷେକ ରାଉତଙ୍କୁ ଏକମାତ୍ର ୱିକେଟ ମିଳିଥିଲା। ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲିଗ୍‌ର ପ୍ରଥମ ମୁକାବିଲାର ଶେଷ ବଲ୍‌ରେ ପରାସ୍ତ ହୋଇଥିବା ଭୁବନେଶ୍ୱର ଟାଇଗର୍ସ ପ୍ରତ୍ୟାବର୍ତ୍ତନ ପୂର୍ବକ ଆଜି କେନ୍ଦୁଝର ମାଇନର୍ସଙ୍କୁ ହରାଇଛି। ମାଇନର୍ସ ଅଧିନାୟକ




ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ଟାଇଗର୍ସଙ୍କୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଗୌରବ ଚୌଧୁରୀଙ୍କ ଶତକ ବଳରେ ଟାଇଗର୍ସ ୮ ୱିକେଟ ହରାଇ ୧୯୮ରନ କରିଥିଲା। ଗୌରବଙ୍କ ପାଳିରେ ୭ଟି ଚୌକା ଏବଂ ୯ଟି ବିଶାଳ ଛକା ସାମିଲ ଥିଲା। ଲିଗ୍‌ରେ ଏହା ପ୍ରଥମ ଶତକୀୟ ପାଳି। ଜବାବରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୧୬୧ରନ କରିବାକୁ ସକ୍ଷମ ହୋଇଥିଲା। ବିଶ୍ୱଭୂଷଣ ବିହାରୀ ୩୨ବଲରୁ ୩୮ରନ କରିଥିଲେ। ବିଜୟୀ ଟାଇଗର୍ସ ତରଫରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ସ୍ପିନର ଜୟନ୍ତ ବେହେରା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଗୌରବ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS